# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

♦VOLUME- 43 ♦ISSUE-141 ♦MONDAY ♦17 NOVEMBER 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୪୧ ♦ସୋମବାର ♦୧୭ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦




ଆସିପାରେ 'କୁଛ କୁଛ ହୋତା ହୈ'ର ସିକ୍ୱେଲ

▶ପୃଷ୍ଠା ୧୧ ଦେଖନ୍ତୁ...





# SN ECO RESORT & WATER PARK

*Where Adventure Meets Peace*

DESTINATION WEDDINGS || CORPORATE EVENTS || WEEKEND GETAWAYS

• Luxury Rooms • Premium Cottages • Multi-cusine Restaurant • Swimming Pool
• SPA • Open GYM • Water Park • Boating • Children's Park
• Adventure Activities • Indoor & Outdoor Games





























*Celebrate the magic of Christmas and the joy of New Year with us this holiday season..*

For Bookings | +91 8144584399 / 9237379453 | www.snecoresort.com


SN Eco Resort & Waterpark, Dhirapatana, Dhenkanal

# ଉଜୁଡ଼ି ଗଲା ଲାଲୁ ପରିବାର

## ରୋହିଣୀଙ୍କ ପରେ ଘର ଛାଡ଼ିଲେ ଆଉ ତିନି ଝିଅ, ଦିଲ୍ଲୀ ପଳାଇଲେ

ପାଟନା, ୧୬।୧୧ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନରେ ବଡ଼ ପରାଜୟ ପରେ ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କ ଘରେ ଅଦିନିଆ ଝଡ଼ ଆସିଛି । ପରିବାରର ସଦସ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଛି । ବଡ଼ ପୁଅ ତେଜପ୍ରତାପ ଯାଦବଙ୍କ ପରେ ଏବେ ବାପାଙ୍କୁ କିଡ୍‌ନୀ ଦେଇଥିବା ଝିଅ ରୋହିଣୀ ଆଚାର୍ଯ୍ୟ ପରିବାର ଏବଂ ପାର୍ଟି ଛାଡ଼ି ପଳାଇଛନ୍ତି । ତାଙ୍କୁ ସମର୍ଥନ କରି ଲାଲୁଙ୍କ ଆଉ ତିନି ଝିଅ ମଧ୍ୟ ଆଜି ପାଟନା ଘର ଛାଡ଼ି ପିଲାମାନଙ୍କୁ ନେଇ ଦିଲ୍ଲୀ ପଳାଇଛନ୍ତି । ଏହି ତିନି ଝିଅ ହେଲେ ରାଜଲକ୍ଷ୍ମୀ, ରାଗିନୀ ଏବଂ ଚନ୍ଦା । ସେମାନେ ମଧ୍ୟ ପରିବାର ସହିତ ସଂପର୍କ ତୁଟାଇବାକୁ ଘୋଷଣା କରିଛନ୍ତି ।

ବାହାରର ଦୁଇ ବ୍ୟକ୍ତିଙ୍କ ଯୋଗୁଁ ଏବେ ଜଣଙ୍କ ପରେ ଜଣେ ଆରଜେଡି ଏବଂ ଲାଲୁଙ୍କୁ ଛାଡ଼ି ଚାଲି ଯାଉଛନ୍ତି । ରାଜନୀତି ଏବଂ ପରିବାର ଛାଡ଼ିବାର ଦିନକ ପରେ ରବିବାର ରୋହିଣୀ ସାମାଜିକ ଗଣମାଧ୍ୟମ ପୋଷ୍ଟ ମାଧ୍ୟମରେ ଗୁମର ଖୋଲିଛନ୍ତି । ସେ ତେଜସ୍ୱୀ ଯାଦବ ଏବଂ ସଞ୍ଜୟ ଯାଦବଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଲଗାଇଛନ୍ତି । ରୋହିଣୀ ଏକ କୋହଭରା ପୋଷ୍ଟରେ କହିଛନ୍ତି ଯେ ମୋତେ ଶ୍ୱଶୁର ଘରଠାରୁ ଅଲଗା କରି ଅନାଥ ବନାଇ ଦିଆଗଲା । କାନ୍ଦି କାନ୍ଦି ଘର ଛାଡ଼ିବାକୁ ପଡ଼ିଲା । ମୋ ଉପରକୁ ମଧ୍ୟ ଚପଲ ଉଠାଗଲା । ଆତ୍ମସମ୍ମାନ ସହ ସାଲିସ ନ କରି ମୁଁ ବାହାରି ଆସିଲି । ଆଉ କେହି ମୋ ଭଳି ଦୁର୍ଦ୍ଦଶା ନଭୋଗନ୍ତୁ । କୌଣସି ଘରେ ମୋ ଭଳି ଭାଇ-ଭଉଣୀ ନ ରୁହନ୍ତୁ । ଏହି ପୋଷ୍ଟ ରୋହିଣୀ କିଡ୍‌ନୀ ଦେଇଥିବାର ଭିଡିଓ ପୋଷ୍ଟ କରିଛନ୍ତି ।



ମୋ ସହିତ ଖରାପ ବ୍ୟବହାର କରାଯାଉଥିଲା: ରୋହିଣୀ

ଭଉଣୀଙ୍କ ପ୍ରତି ଅପମାନ ସହିବି ନାହିଁ: ତେଜପ୍ରତାପ

ଅନ୍ୟ ଏକ ପୋଷ୍ଟରେ ରୋହିଣୀ ଲେଖିଛନ୍ତି ଯେ ଶନିବାର ମତେ ଗାଳିଗୁଲଜ କରାଯାଇଥିଲା । ବାପାଙ୍କୁ ଖରାପ କିଡନୀ ଦେଇ କୋଟି କୋଟି ଟଙ୍କା ଏବଂ ଟିକଟ ନେଇଥିବା କୁହାଯାଇଥିଲା ।

ନିର୍ବାଚନରେ ପରାଜୟକୁ ନେଇ ତେଜସ୍ୱୀ ଏବଂ ରୋହିଣୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଶନିବାର ଅପରାହ୍ଣରେ ଇଣ୍ଡିଆ ମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଥିବା ତେଜସ୍ୱୀ ପରାଜୟ ପାଇଁ ରୋହିଣୀଙ୍କୁ ଦାୟୀ କରିଥିଲେ । ତେଜସ୍ୱୀ ତାଙ୍କ ଉପରକୁ ଚପଲ ଫୋପାଡ଼ି ଥିଲେ । ଲାଲୁ ପରିବାରର ଏହି ବିବାଦ ପଛରେ ବାହାରର ଦୁଇ ଜଣ ବ୍ୟକ୍ତିଙ୍କ ହାତ ଥିବା କୁହାଯାଉଛି । ସେମାନେ ହେଲେ ତେଜସ୍ୱୀଙ୍କ ଘନିଷ୍ଠ ସଞ୍ଜୟ ଯାଦବ ଏବଂ ରମିଜ ଖାନ । ଉଭୟଙ୍କ ପାଇଁ ଭାଇ ତାଙ୍କୁ ଏଭଳି ବ୍ୟବହାର କଲା ବୋଲି ରୋହିଣୀ ଅଭିଯୋଗ କରିଛନ୍ତି । ଆଜି ମୁମ୍ବାଇ ଯିବା ସମୟରେ ରୋହିଣୀ କହିଛନ୍ତି, ସେ ତାଙ୍କର ସଂପର୍କ କେବଳ ତେଜସ୍ୱୀଙ୍କ ସହ ତୁଟାଇଛନ୍ତି । ବାପା ମାଆ ଏବଂ ଅନ୍ୟ ଭାଇ ଭଉଣୀ ତାଙ୍କ ସହିତ ଅଛନ୍ତି ବୋଲି ସେ କହିଛନ୍ତି । ଏହି ବିବାଦ ଉପରେ ସେ ଅଧିକ କିଛି କହିବାକୁ ମନା କରିଦେଇଥିଲେ ।

ଇତିମଧ୍ୟରେ ଏହି ବିବାଦକୁ ନେଇ ମୁହଁ ଖୋଲିଛନ୍ତି ଲାଲୁଙ୍କ ବଡ଼ ପୁଅ ତେଜପ୍ରତାପ । ସେ କହିଛନ୍ତି ଯେ ତାଙ୍କ ପ୍ରତି ହୋଇଥିବା ଅନ୍ୟାୟକୁ ସେ ସହିଛନ୍ତି । କିନ୍ତୁ ତାଙ୍କ ଭଉଣୀ ରୋହିଣୀଙ୍କ ପ୍ରତି ହୋଇଥିବା ଅପମାନକୁ ସେ ଆଦୌ ସହିବେ ନାହିଁ । ବାହାର ଲୋକଙ୍କ ପାଇଁ ତାଙ୍କ ଘରେ ଝଗଡ଼ା ହେଉଛି ଏବଂ ଏହା ଗ୍ରହଣୀୟ ନୁହେଁ । ବାପା (ଲାଲୁ)ଙ୍କ ଇସାରା ମିଳିବା ମାତ୍ରେ ରାଜ୍ୟବାସୀ ଏହି ବାହାର ଲୋକଙ୍କୁ ସାବାଡ଼ କରିଦେବେ । ସୂଚନାଯୋଗ୍ୟ ଯେ ନିର୍ବାଚନ ପୂର୍ବରୁ ଲାଲୁ ତାଙ୍କ ପରିବାର ଓ ଦଳରୁ ତେଜ ପ୍ରତାପଙ୍କୁ ବହିଷ୍କାର କରିଥିଲେ । ଅନ୍ୟ ଜଣେ ମହିଳାଙ୍କ ସହ ସଂପର୍କ ପାଇଁ ତେଜ ପ୍ରତାପଙ୍କୁ ବିଦା କରାଯାଇଥିଲା । ଏହାପରେ ତେଜ ପ୍ରତାପ ନୂଆ ଦଳ ଗଠନ କରି ଆରଜେଡି ବିରୋଧରେ ପ୍ରାର୍ଥୀ ଦେଇଥିଲେ । କିନ୍ତୁ ସମସ୍ତେ ହାରିଯାଇଥିଲେ ।

# ବିହାର ନିର୍ବାଚନରେ ବଣ୍ଟା ହୋଇଛି ବିଶ୍ୱ ବ୍ୟାଙ୍କ ଋଣ: ପ୍ରଶାନ୍ତ କିଶୋର

ପାଟନା, ୧୬।୧୧ (ଏଜେନ୍ସି): ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋରଙ୍କ ଜନସୁରାଜ ପାର୍ଟି ପକ୍ଷରୁ ବଡ଼ ଅଭିଯୋଗ କରାଯାଇଛି । ବିଶ୍ୱ ବ୍ୟାଙ୍କ ଦେଇଥିବା ୧୪ ହଜାର କୋଟି ଟଙ୍କାର ଋଣକୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ସରକାର ବିଧାନସଭା ନିର୍ବାଚନରେ ଖର୍ଚ୍ଚ କରିଥିବା କୁହାଯାଇଛି । ନିର୍ବାଚନରେ ଗୋଟିଏ ହେଲେ ବି ଆସନ ଜିତିପାରି ନ ଥିବା ଜନସୁରାଜ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି କୁହାଯାଇଛି ଯେ ଋଣ ଅର୍ଥକୁ ମାଗଣା ବାଣ୍ଟିବା ପାଇଁ ବ୍ୟବହାର କରାଯାଇଥିଲା । ଗତ ଜୁନ୍ ମାସରୁ ନିର୍ବାଚନ ଘୋଷଣା ହେବା ପର୍ଯ୍ୟନ୍ତ ୪୦ ହଜାର କୋଟି ଟଙ୍କା ବଣ୍ଟା ଯାଇଛି । ଏହି ଟଙ୍କା ବ୍ୟବହାର କରି ନୀତୀଶ କୁମାରଙ୍କ ସରକାର ଭୋଟ କିଣିଛନ୍ତି । ଲୋକଙ୍କ ଟଙ୍କାରେ ଭୋଟ କିଣାଯାଇଛି । ଏହି ପରିମାଣ କଳ୍ପନାଠାରୁ ବାହାରେ ଥିଲା । ବିଶ୍ୱ ବ୍ୟାଙ୍କ ଦେଇଥିବା ୧୪ ହଜାର କୋଟି ଟଙ୍କାର ଋଣକୁ ବି ଛଡ଼ା ଯାଇ ନ ଥିଲା । ଠିକ୍ ନିର୍ବାଚନ ପୂର୍ବରୁ ଏହି ଅର୍ଥରେ ମହିଳାଙ୍କ ବ୍ୟାଙ୍କ ଖାତାକୁ ୧୦ ହଜାର ଟଙ୍କା ଲେଖାଏଁ ଦିଆ ଯାଇଥିଲା ।

- ୧୪୦୦୦ କୋଟି ଟଙ୍କା ମିଳିଥିଲା: ଏହି ଟଙ୍କା ମହିଳାଙ୍କୁ ଦିଆଯାଇଥିଲା
- ମତଦାନର ପୂର୍ବ ଦିନ ପର୍ଯ୍ୟନ୍ତ ମହିଳାଙ୍କ ଖାତାକୁ ଯାଉଥିଲା ଟଙ୍କା



ଜନସୁରାଜର ଜାତୀୟ ଅଧ୍ୟକ୍ଷ ଉଦୟ ସିଂହ କହିଥିଲେ ଯେ ପ୍ରଥମ ଥର ପାଇଁ ବିହାରରେ ମତଦାନ ହେବାର ଦିନେ ପୂର୍ବରୁ ବି ମହିଳାଙ୍କ ଖାତାକୁ ଟଙ୍କା ଯାଇଥିଲା । ନିର୍ବାଚନ ଆଚରଣ ବିଧି ଲାଗିଥିବା ସତ୍ତ୍ୱେ ଏପରି କରାଯାଇଥିଲା । ଅତି କଷ୍ଟରେ ଜୀବନଯାପନ କରୁଥିବା ମହିଳାଙ୍କ ଭୋଟ ହାତେଇବା ପାଇଁ ଏହି ଟଙ୍କା ଯଥେଷ୍ଟ ଥିଲା । ଯଦି ଲୋକଙ୍କ ଟଙ୍କାକୁ ଭୋଟ କିଣିବା ପାଇଁ ବ୍ୟବହାର କରାଯାଇ ନ ଥାଆନ୍ତା ତେବେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ପୁଣି କ୍ଷମତାକୁ ଆସି ନ ଥାଆନ୍ତା । ଜନସୁରାଜ ବୃଦ୍ଧବୃଦ୍ଧାଙ୍କୁ ମାସକୁ ୨ ହଜାର ଟଙ୍କା ଭତ୍ତା ଦେବାକୁ ଘୋଷଣା କରିଥିଲା । କିନ୍ତୁ ପରେ ବିଜେପି ଏହାକୁ ୭୦୦ରୁ ବଢ଼ାଇ ୧୧୦୦ କରିଦେଲା ।

ଜନସୁରାଜ ନେତା ପବନ ବର୍ମା କହିଛନ୍ତି ଯେ ଏବେ ବିହାର ଉପରେ ୪, ୦୬, ୦୦୦ କୋଟି ଟଙ୍କାର ଋଣ ରହିଛି । ଏଥିପାଇଁ ଦିନକୁ ୬୩ କୋଟି ଟଙ୍କାର ସୁଧ ଦିଆଯାଉଛି । ଟ୍ରେଜେରି ଖାଲି ଥିବାବେଳେ ମହିଳାଙ୍କୁ ୧୦ ହଜାର ଲେଖାଏଁ ଦିଆଯାଉଛି । ବିଶ୍ୱ ବ୍ୟାଙ୍କ ଦେଇଥିବା ୨୧ ହଜାର କୋଟିର ଋଣରୁ ୧୪ ହଜାର କୋଟି ନେଇ ୧.୨୫ କୋଟି ମହିଳାଙ୍କୁ ଟଙ୍କା ଦିଆଯାଇଛି । ଏହା ଅନୁଚିତ ବୋଲି ସେ କହିଛନ୍ତି । ଏହା ସହିତ ନିର୍ବାଚନ କମିଶନଙ୍କ ନିରବତାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି ।

## ବିବାହର କିଛି ଘଣ୍ଟା ପୂର୍ବରୁ କନ୍ୟାକୁ ହତ୍ୟା କଲା ବର

ଭାବନଗର,୧୬ ।୧୧(ଏଜେନ୍ସି): ଗୁଜରାଟର ଭାବନଗରରେ ବିଚଳିତ କଲା ଭଳି ଏକ ଘଟଣା ସାମ୍ନାକୁ ଆସିଛି । ବିବାହର କିଛି ଘଣ୍ଟା ପୂର୍ବରୁ ଜଣେ ବର ତାଙ୍କର କନ୍ୟା ତଥା ଭାବି ପତ୍ନୀଙ୍କୁ ହତ୍ୟା କରିଛନ୍ତି । ହଳଦୀ ସମାରୋହର ଗୋଟିଏ ଦିନ ପରେ ସୋନୀ ରାଠୋରଙ୍କୁ ହତ୍ୟା କରାଯାଇଥିଲା । ବର ସାଜନ ବରେୟାଙ୍କୁ ପୁଲିସ ମୁଖ୍ୟ ଅଭିଯୁକ୍ତ ବୋଲି କହିଛି । ସୋନୀ ଓ ସାଜନ ଗତ ଦେଢ଼ବର୍ଷ ହେବ ସାଥି ହୋଇ ଏକାଠି ରହୁଥିଲେ । ଦୁହିଁଙ୍କର ନିର୍ବନ୍ଧ ହୋଇସାରିଥିଲା । ବିବାହର ସବୁ ପରମ୍ପରା ପାଳନ ହୋଇ ସାରିଥିଲା । ଶନିବାର ରାତିରେ ସେମାନେ ବାହା ହୋଇଥାନ୍ତେ । ତେବେ ଏହାପୂର୍ବରୁ ସବୁ କିଛି ଶେଷ ହୋଇଛି । ସାଢ଼ି ଓ ଟଙ୍କା ପଇସାକୁ ନେଇ ଦୁହିଁଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ।



ଏଥିରେ ଉତ୍‌କ୍ଷିପ୍ତ ହୋଇ ସାଜନ ଏକ ଲୁହା ପାଇପ୍‌ରେ ସୋନୀଙ୍କୁ ବାଡେଇଥିଲେ ଓ ସୋନୀଙ୍କ ମୁଣ୍ଡକୁ କାନ୍ଥରେ ପିଟିଥିଲେ । ଫଳରେ ସୋନୀ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ ବୋଲି ପୁଲିସ କହିଛି । ଫେରାର ହେବା ପୂର୍ବରୁ ସାଜନ ଘରେ ଭଙ୍ଗାରୁଜା ମଧ୍ୟ କରିଥିଲା । ସୂଚନା ପାଇବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ସୋନୀଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ସାଜନ ଶନିବାର ପଡୋଶୀଙ୍କ ସହ ମଧ୍ୟ ଝଗଡ଼ା କରିଥିଲା ବୋଲି ପୁଲିସ କହିଛି । ସାଜନକୁ ଧରିବା ପାଇଁ ପୁଲିସ ଏକାଧିକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି ।

### ପାକିସ୍ତାନରେ ସମ୍ବିଧାନ ସଂଶୋଧନକୁ ବିରୋଧ

## ସୁପ୍ରିମକୋର୍ଟ ପରେ ଲାହୋର ହାଇକୋର୍ଟ ଜଜ୍‌ଙ୍କ ଇସ୍ତଫା

ଇସ୍‌ଲାମାବାଦ,୧୬ ।୧୧(ଏଜେନ୍ସି): ପାକିସ୍ତାନରେ ସମ୍ବିଧାନ ସଂଶୋଧନକୁ ବିରୋଧ କରି ଲାହୋର ହାଇକୋର୍ଟର ଜଣେ ବରିଷ୍ଠ ବିଚାରପତି ଇସ୍ତଫା ଦେଇଛନ୍ତି । ଫଳରେ ନ୍ୟାୟ ପାଳିକା ଉପରେ ସଙ୍କଟ ଆହୁରି ବୃଦ୍ଧି ପାଇଛି । ଲାହୋର ହାଇକୋର୍ଟର ଜଜ୍ ଜଷ୍ଟିସ ଶମ୍ସ ମେହମୁଦ ମିର୍ଜା ଇସ୍ତଫା ଦେଇଛନ୍ତି । ସେ ପ୍ରଥମ ଜଜ୍ ଭାବେ ହାଇକୋର୍ଟରୁ ଇସ୍ତଫା ଦେଇଛନ୍ତି । ମିର୍ଜା ୨୦୨୮ ମାର୍ଚ୍ଚ ୬ରେ ଅବସର ନେଇଥାନ୍ତେ । ସେ ଇମ୍ରାନ ଖାନ୍‌ଙ୍କ ପାର୍ଟି ପିଟିଆଇର ବରିଷ୍ଠ ନେତା ସଲମାନ ଆକ୍ରାମ ରାଜାଙ୍କ ଶାଳକ । ଏହା ପୂର୍ବରୁ ନଭେମ୍ବର ୧୩ରେ ସୁପ୍ରିମକୋର୍ଟର ଦୁଇଜଣ ବରିଷ୍ଠ ବିଚାରପତି ସୟଦ ମନସୁର ଅଲି ଶାହ ଓ ଜଷ୍ଟିସ ଅତର ମିନଲ୍ଲାହ ମଧ୍ୟ ସମାନ କାରଣ ଯୋଗୁ ଇସ୍ତଫା ଦେଇଥିଲେ । ୨୭ତମ ସମ୍ବିଧାନ ସଂଶୋଧନକୁ ସମ୍ବିଧାନ ଓ ନ୍ୟାୟପାଳିକା ଉପରେ ଆକ୍ରମଣ ସଦୃଶ ବୋଲି ସେମାନ କହିଥିଲେ । ଏହି ସଂଶୋଧନ ସୁପ୍ରିମକୋର୍ଟକୁ ଶେଷ କରୁଛି ଓ ସରକାର ସ୍ୱାଧୀନତାକୁ ବିପଦରେ ପକାଇଛି ବୋଲି ଜଷ୍ଟିସ ମନସୁର ଅଲି କହିଛନ୍ତି । ନ୍ୟାୟପାଳିକାକୁ ସରକାର ନିଜ ନିୟନ୍ତ୍ରଣକୁ ନେଉଛନ୍ତି ଓ ଏହା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିଛି । ଫେଡେରାଲ କନ୍‌ଷ୍ଟିଟୁସନାଲ କୋର୍ଟ (ଏଫ୍‌ସିସି) ସୁପ୍ରିମକୋର୍ଟଙ୍କୁ ଦେଶର ଦେଶର ସବୁଠୁ ଉଚ୍ଚତମ ନ୍ୟାୟଳୟ ପଦରୁ ହଟାଇ ଦେଇଛି ବୋଲି ଇସ୍ତଫା ଦେଇଥିବା ଜଜ୍‌ମାନେ କହିଛନ୍ତି ।

# ମେକ୍ସିକୋରେ ମାତିଲେ ଜେନ୍ ଜେଡ୍

ମେକ୍ସିକୋ, ୧୬।୧୧ (ଏଜେନ୍ସି): ଶ୍ରୀଲଙ୍କା, ବାଂଲାଦେଶ, ନେପାଳ ପରେ ଏବେ ଆଉ ଏକ ଦେଶରେ ଜେନ୍-ଜେଡ୍ ଆନ୍ଦୋଳନ ଆରମ୍ଭ ହୋଇଛି । ମେକ୍ସିକୋରେ ଶନିବାର ହଜାର ହଜାର ଯୁବଗୋଷ୍ଠୀ ସରକାରଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇଛନ୍ତି । ବର୍ଦ୍ଧିତ ଅପରାଧ, ଦୁର୍ନୀତି, ହିଂସା, ସାର୍ବଜନୀନ ହତ୍ୟା ଏବଂ ସୁରକ୍ଷା ବ୍ୟବସ୍ଥା ଭୁଶୁଡ଼ିଯିବାକୁ ନେଇ ଜେନ-ଜେଡ୍ ଉଗ୍ର ବିକ୍ଷୋଭ କରିଛନ୍ତି । ସାର୍ବଜନୀନ ସ୍ଥାନରେ ମେୟରକୁ ହତ୍ୟା ପରେ ଏହା ଉଗ୍ର ହୋଇ ଉଠିଥିଲା । ପଶ୍ଚିମ ରାଜ୍ୟର ମିଚୋଆକେନରେ ନଭେମ୍ବର ୧ରେ ଅରୁଅପନର ମେୟର କାର୍ଲୋସ ମଞ୍ଜୋଙ୍କୁ ଏକ କାର୍ଯ୍ୟକ୍ରମରେ ଗୁଳି କରି ହତ୍ୟା କରାଯାଇଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ଜେନ୍-ଜେଡ୍ ଗୋଷ୍ଠୀ ରାଷ୍ଟ୍ରପତିଙ୍କ ସରକାରୀ ବାସଭବନର କାନ୍ଥ ଭାଙ୍ଗି ଦେଇଛି । ବିକ୍ଷୋଭକାରୀ ପୁଲିସ ଉପରକୁ ପଥର, ହାତୁଡ଼ି, ବାଣ, ଠେଙ୍ଗାବାଡ଼ି ଏବଂ ଶିକୁଳିରେ ଆକ୍ରମଣ କରିଛନ୍ତି । ଏହାକୁ ରୋକିବା ପାଇଁ ପୁଲିସ ଲୁହବୁହା ଗ୍ୟାସ୍ ମାଡ଼ କରିଛି । ଏଥିରେ ୧୦୦ ପୁଲିସ ଅଧିକାରୀଙ୍କ ସମେତ ୧୨୦ ଜଣ ଆହତ ହୋଇଛନ୍ତି । ଏହି ମାମଲାରେ ୨୦ ଜଣକୁ ଗିରଫ କରାଯାଇଛି ।

- ମେୟରଙ୍କ ମୃତ୍ୟୁକୁ ନେଇ କ୍ଷୁବ୍ଧ ଯୁବଗୋଷ୍ଠୀ
- ରାଷ୍ଟ୍ରପତି ଭବନର କାନ୍ଥ ଭାଙ୍ଗିଦେଲେ
- ପୁଲିସ ଉପରେ ହାତୁଡି, ଠେଙ୍ଗାରେ ଆକ୍ରମଣ

ଚଳିତ ବର୍ଷ ଅନେକ ଦେଶରେ ଯୁବ ଗୋଷ୍ଠୀ ଆନ୍ଦୋଳନ କଲେଣି । ଅସମାନତା, ଗଣତାନ୍ତ୍ରିକ ମୂଲ୍ୟବୋଧ ହ୍ରାସ, ଦୁର୍ନୀତି ବିରୋଧରେ ଯୁବଗୋଷ୍ଠୀ ରାସ୍ତାକୁ ଓହ୍ଲାଇଛନ୍ତି । ଗତ ସେପ୍ଟେମ୍ବରରେ ଜେନ୍-ଜେଡ୍ ଗୋଷ୍ଠୀ ନେପାଳ ସରକାରକୁ ଭୁଶୁଡ଼ାଇ ଦେଇଥିଲେ । ଏବେ ଦୁର୍ନୀତି ଏବଂ ଅପରାଧକୁ ନେଇ ଚିନ୍ତିତ ମେକ୍ସିକୋ ଯୁବୋ ଗୋଷ୍ଠୀ ରାସ୍ତାକୁ ବାହାରିଛନ୍ତି । ୨୯ ବର୍ଷୀୟ ବ୍ୟବସାୟିକ କନସୋଲଟାଣ୍ଟ ଆଣ୍ଡ୍ରେସ ମାସା କହିଛନ୍ତି ଯେ ଆମକୁ ଅଧିକ ସୁରକ୍ଷା ଦରକାର । କେବଳ ଯୁବ ଗୋଷ୍ଠୀ ନୁହେଁ, ବୟସ୍କ ଏବଂ ୪୦ରୁ ୫୦ ବର୍ଷୀୟ ବ୍ୟକ୍ତି ମଧ୍ୟ ଆନ୍ଦୋଳନରେ ସାମିଲ ଅଛନ୍ତି । ଅନ୍ୟ ଜଣେ ଆନ୍ଦୋଳନକାରୀ ୪୩ ବର୍ଷୀୟ ଡାକ୍ତର ଏରିଜବେଥ ଗାର୍ସିଆ କହିଛନ୍ତି ଯେ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା ପାଇଁ ଆମେ ଅଧିକ ପାଣ୍ଠି ଚାହୁଁଛୁ । କିନ୍ତୁ ସୁରକ୍ଷା ସବୁଠୁ ବଡ଼ ସମସ୍ୟା ହୋଇ ରହିଛି । ଏବେ ଡାକ୍ତର ବି ଅସୁରକ୍ଷିତ । ଏଠାରେ ଅନେକ ଲୋକଙ୍କ ଜୀବନ ଯାଉଛି ।

କିଛିଦିନ ହେଲା ମେକ୍ସିକୋରେ ଘଟିଥିବା ହାଇପ୍ରୋଫାଇଲ ହତ୍ୟାକାଣ୍ଡକୁ ନେଇ ରାଷ୍ଟ୍ରପତି କ୍ଲାଉଡିଆ ସିନବାମ ଜନତାଙ୍କ ଆକ୍ରୋଶର ଶିକାର ହୋଇଥିଲେ । ଏହି ବିକ୍ଷୋଭର କିଛି ଦିନ ପୂର୍ବରୁ ଦକ୍ଷିଣପନ୍ଥୀ ବିରୋଧୀ ଦଳ ବିରୋଧରେ ରାଷ୍ଟ୍ରପତି ଗମ୍ଭୀର ଅଭିଯୋଗ ଲଗାଇ ଥିଲେ । ଏହି ଦଳ ଜେନ-ଜେଡ୍‌କୁ ସମର୍ଥନ ଦେଉଛି । ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରି ବିକ୍ଷୋଭକୁ ବଡ଼ ଆକାର ଦେବାକୁ ପ୍ରୟାସ କରୁଛନ୍ତି । ଏହି ବିକ୍ଷୋଭରେ ଜାପାନୀ କମିକ୍ସ 'ୱାନ ପିସ'ର ଚରିତ୍ର ଲୁଫି ଯୁବ ଗୋଷ୍ଠୀଙ୍କ ସଙ୍କେତ ପାଲଟିଛି । ଜେନ-ଜେଡ୍ ଗୋଷ୍ଠୀ ହାତରେ ଖପୁରୀ ଚିତ୍ର ଥିବା ଟୋପି ପିନ୍ଧୁଛନ୍ତି । ଏହା ଲୁଫିର ପରିଚୟ ପାଲଟିଛି ।

## ଜମ୍ମୁ-କାଶ୍ମୀରରେ କାର୍- ଡମ୍ଫର ଧକ୍କା ୪ ମୃତ; ୫ ଆହତ

ବଡ଼ଗାଁଓ,୧୬ ।୧୧(ଏଜେନ୍ସି): ଜମ୍ମୁ-କାଶ୍ମୀର ବଡ଼ଗାଁଓ ଜିଲ୍ଲାରେ ଶନିବାର ବିଳମ୍ବିତ ରାତିରେ ଏକ ଏସ୍‌ୟୁଭି କାର୍ ଓ ଡମ୍ଫର ଟ୍ରକ୍ ମଧ୍ୟରେ ଧକ୍କା ହୋଇଥିଲା । ଏଥିରେ ୪ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ୫ ଜଣ ଆହତ ହୋଇଛନ୍ତି । ଦୁର୍ଘଟଣା ପରେ ୯ ଜଣଙ୍କୁ ହସ୍ପିଟାଲ ନିଆଯାଇଥିଲା । ଏମାନଙ୍କ ମଧ୍ୟରୁ ୪ ଜଣଙ୍କୁ ମୃତ ଘୋଷିତ କରାଯାଇଥିଲା ବୋଲି ପୁଲିସ କହିଛି । ଦୁର୍ଘଟଣା ବଡ଼ଗାଁଓର ରିଙ୍ଗରୋଡ୍‌ରେ ଘଟିଥିଲା । ସୂଚନା ମିଳିବା ମାତ୍ରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ଏବେ ମଧ୍ୟ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ପୁଲିସ ଏହି ଘଟଣାରେ ମାମଲା ରୁଜୁ କରିଛି । ଦୁର୍ଘଟଣା ପାଇଁ ଜମ୍ମୁ-କଶ୍ମୀର ମୁଖମନ୍ତ୍ରୀ ଉମର ଅବଦୁଲ୍ଲା ଦୁଃଖ ପ୍ରକାଶ କରିଛନ୍ତି । ପୀଡିତଙ୍କ ସବୁ ପ୍ରକାର ସହାୟତା ପ୍ରଦାନ କରିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ଦୁର୍ଘଟଣାର କାରଣ ଜାଣିବା ପାଇଁ ସେ ଠିକ୍ ଭାବେ ଯାଞ୍ଚ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ।

# ଫାରୁକ୍ ଅବଦୁଲ୍ଲା-ଶଶୀ ଥରୁର ମୁହାଁମୁହିଁ

ନୂଆଦିଲ୍ଲୀ, ୧୬।୧୧ (ଏଜେନ୍ସି): କଂଗ୍ରେସ ସାଂସଦ ଶଶୀ ଥରୁର ବଡ଼ ଟିପ୍ପଣୀ ଦେଇଛନ୍ତି । ସେ ରବିବାର କହିଛନ୍ତି ଯେ ଆତଙ୍କବାଦ ୧୯୮୦-୯୦ରେ କଶ୍ମୀରରେ ଆରମ୍ଭ ହୋଇଥିଲା । ଏହା ଧିରେ ଧିରେ ମୁମ୍ବଇ, ପୁନେ, ଦିଲ୍ଲୀ ପର୍ଯ୍ୟନ୍ତ ବ୍ୟାପିଗଲା । ଗତ ୩୦ ବର୍ଷ ହେଲା ଭାରତ ଆତଙ୍କବାଦ ସମସ୍ୟାର ମୁକାବିଲା କରୁଛି । ଏବେ ଏହା ଉପରେ କଠୋର ଏବଂ ପ୍ରଭାବୀ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି । ପ୍ରତ୍ୟେକ ଆତଙ୍କବାଦୀ ଘଟଣାରେ ଦୁଇଟ ଦିଗକୁ ଧ୍ୟାନ ଦେବା ଜରୁରୀ । କିଏ ଏହି ଆକ୍ରମଣ କରିଛି ଏବଂ ଯେପରି ପୁଣି ଆକ୍ରମଣ ହେବ ନାହିଁ ତାହାର ବ୍ୟବସ୍ଥା କରିବା ଆବଶ୍ୟକ । ସବୁ ପ୍ରସଙ୍ଗକୁ ଯୁଦ୍ଧ ଏବଂ ଶାନ୍ତିର ଚଷମାରେ ଦେଖିବା ଅନୁଚିତ । ଆତଙ୍କବାଦ ବିରୋଧରେ ଦୃଢ଼ତାର ସହ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ । କିନ୍ତୁ ଦେଶର ବିକାଶ ଲକ୍ଷ୍ୟକୁ ମଧ୍ୟ ଅଣଦେଖା କରିବା ଅନୁଚିତ । ଦିଲ୍ଲୀ ବିସ୍ଫୋରଣକୁ ନେଇ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟ ଫାରୁକ ଅବଦୁଲ୍ଲା ଦେଇଥିବା ମନ୍ତବ୍ୟ ପରେ ଥରୁର ଏହି ଟିପ୍ପଣୀ ଦେଇଛନ୍ତି । ଫାରୁକ କହିଥିଲେ ଯେ ପ୍ରତ୍ୟେକ କାଶ୍ମୀରୀ ଉପରେ ଅଙ୍ଗୁଳି ଉଠାଯାଉଛି । କେବେ ଆମକୁ ହିନ୍ଦୁସ୍ତାନୀ ବୋଲି ମାନିବେ? ଏହି ସମୟ କେବେ ଆସିବ? ଆମ ଏଥିପାଇଁ ଦାୟୀ ନୁହେଁ । ଯିଏ ଦାୟୀଙ୍କୁ ତାଙ୍କୁ ପ୍ରଶ୍ନ କରାଯାଉ । ଡାକ୍ତରମାନଙ୍କୁ ଏହି ରାସ୍ତା କାହିଁକି ଆପଣାଇବାକୁ ପଡ଼ିଲା ପଚରାଯାଉ । ଏହାର ଗଭୀର ଯାଞ୍ଚ ଏବଂ ଅଧ୍ୟୟନ ଜରୁରୀ । ଫାରୁକ ପୁଣି ପାକିସ୍ତାନ ସହ ସମ୍ପର୍କ ସୁଧାରିବାକୁ ପରାମର୍ଶ ଦେଇଛନ୍ତି । ପଡ଼ୋଶୀ ସହ ଭଲ ସମ୍ପର୍କ ରହିଲେ ଭଲରେ ରହିବେ, ନଚେତ ବିକାଶ ଅଟକି ଯିବ । ସେହିପରି 'ଅପରେସନ ସିନ୍ଦୂର'ର କୌଣସି ପ୍ରଭାବ ପଡ଼ି ନାହିଁ ବୋଲି ସେ କହିଛନ୍ତି ।

## ମଧ୍ୟପ୍ରଦେଶ, ରାଜସ୍ଥାନରେ ଭୟଙ୍କର ଦୁର୍ଘଟଣା, ଗଲା ୧୧ ଜୀବନ

- ଗ୍ୱାଲିୟରରେ ଟ୍ରଲିରେ ପଶିଲା ଫର୍ଚ୍ୟୁନର; ୫ ମୃତ
- ରାଜସ୍ଥାନରେ ଟେମ୍ପୋକୁ ଧକ୍କାଦେଲା ଟ୍ରକ; ୬ ମୃତ

ନୂଆଦିଲ୍ଲୀ, ୧୬।୧୧ (ଏଜେନ୍ସି): ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ରବିବାର ସକାଳେ ଦୁଇ ଦୁଇଟି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏଥିରେ ୧୧ ଜଣ ପ୍ରାଣ ହରାଇଥିବାବେଳେ ୧୨ ଜଣ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ମଧ୍ୟପ୍ରଦେଶ ଗ୍ୱାଲିୟର-ଝାନ୍‌ସୀ ରାସ୍ତାରେ ଆଜି ବଡ଼ି ଭୋରରେ ଦ୍ରୁତଗତିରେ ଆସୁଥିବା ଏକ ଫର୍ଚ୍ୟୁନର କାର୍ ବାଲି ନେଇ ଆସୁଥିବା ଟ୍ରାକ୍ଟର-ଟ୍ରଲିକୁ ପଛ ପଟୁ ଧକ୍କା ଦେଇଥିଲା । ଏହା ଏତେ ଭୟାବହ ଥିଲା ଯେ ଘଟଣାସ୍ଥଳରେ ଫର୍ଚ୍ୟୁନରରେ ଯାତ୍ରା କରୁଥିବା ୫ ଜଣଙ୍କ ମୃତ୍ୟୁ ହୋଇଥିଲା । ଏହା ଟ୍ରଲିର ତଳେ ପଶି ଯାଇଥିଲା । ତେଣୁ କୌଣସି ଯାତ୍ରୀଙ୍କ ଜୀବନ ବଞ୍ଚି ପାରି ନ ଥିଲା । ଗାଡ଼ିକୁ କଟରରେ କାଟି ମୃତଦେହ ବାହାର କରାଯାଇଥିଲା । ସମସ୍ତ ମୃତକ ଗ୍ୱାଲିୟରର ବାସିନ୍ଦା । ଫର୍ଚ୍ୟୁନରଟି ଉତ୍ତର ପ୍ରଦେଶର ଝାନ୍‌ସୀର ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ଗ୍ୱାଲିୟର ଫେରୁଥିଲା । ରାସ୍ତାର ଏକ ବୁଲାଣିରେ ଏହା ନିୟନ୍ତ୍ରଣ ହରାଇ ଥିଲା । ଅନ୍ୟପକ୍ଷରେ ରାଜସ୍ଥାନର ଯୋଧପୁର-ଜୈସାଲମେର ଏନ୍‌ଏଚରେ ଏକ୍ ମିଲେଟ ବୋଝେଇ ଟ୍ରକ ବିପରୀତ ଦିଗରୁ ଆସି ଟେମ୍ପୋକୁ ଧକ୍କା ଦେଇଛି ।

## ଆତ୍ମଘାତୀ ଖୋଜୁଥିଲେ ଆତଙ୍କବାଦୀ

ନୂଆଦିଲ୍ଲୀ, ୧୬।୧୧ (ଏଜେନ୍ସି): ଆତଙ୍କବାଦୀ ଡ. ଉମର ନବି ସହ ସମ୍ପର୍କରେ ରଖିଥିବା କିଛି ଲୋକଙ୍କୁ ଜମ୍ମୁ-କଶ୍ମୀର ପୁଲିସ ଗିରଫ କରିଛି । ସେମାନେ କହିଛନ୍ତି ଯେ ଏହି ଡାକ୍ତରମାନେ ଗତ ବର୍ଷ ଜଣେ ଆତ୍ମଘାତୀ ଖୋଜୁଥିଲେ । ଡ.ଉମରକୁ ଏହି ଦାୟିତ୍ୱ ଦିଆଯାଇଥିଲା । ସେ ୨୦୨୩ ଅକ୍ଟୋବରରେ କାଜିଗୁଣ୍ଡର ଜସିର ଓରଫ ଦାନିଶ ସହ ଯୋଗାଯୋଗ କରିଥିଲା । ପରେ ତାକୁ ଫରିଦାବାଦର ଅଲ-ଫଲାହ ବିଶ୍ୱବିଦ୍ୟାଳୟକୁ ଅଣା ଯାଇଥିଲା । ଏଠାରେ ଭଡ଼ା ଘରେ ତାକୁ ରଖା ଯାଇଥିଲା । ସେ ଓଭରଗ୍ରାଉଣ୍ଡ ୱାର୍କର ହେଉ ବୋଲି ସମସ୍ତେ ଚାହୁଁଥିଲେ । ଏଥିପାଇଁ ଉମର ଅନେକ ମାସ ପର୍ଯ୍ୟନ୍ତ ତାର ମାଇଣ୍ଡ ୱାସ କରିଥିଲା । ଆତ୍ମଘାତୀ ପାଇଁ ରାଜି କରାଇବାକୁ ଚାହିଁଥିଲା । କିନ୍ତୁ ଘରର ଆର୍ଥିକ ସ୍ଥିତି ଖରାପ ଥିବାରୁ ଏବଂ ଇସ୍‌ଲାମରେ ଆତ୍ମହତ୍ୟା ହାରାମ କହି ଦାନିଶ ଆତ୍ମଘାତୀ ହେବାକୁ ମନା କରିଦେଇଥିଲା । ଲାଲକିଲ୍ଲା ବିସ୍ଫୋରଣର ଅନ୍ୟତମ ଅଭିଯୁକ୍ତ ଡ. ସାହିନ ସୈୟିଦକୁ ନେଇ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । ସେ ୧୦ ବର୍ଷ ହେଲା ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ (ଜେଇଏମ) ସହ ଜଡ଼ିତ ଥିଲା । ଏନ୍‌ଆଇଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ସାହିନ ୨୦୧୫ରେ ଜୈସରେ ସାମିଲ ହୋଇଥିଲା । ୨୦୨୧ରେ ସାହିନ ଚାକିରି ଛାଡ଼ିବାରୁ ସ୍ୱାମୀ ଅଟକାଇ ଥିଲେ । ଏହାର ଉତ୍ତରରେ ସେ କହିଥିଲା ଯେ ପରିବାର ଏବଂ ଚାକିରିରେ କିଛି ନାହିଁ । ନିଜ ପାଇଁ ବହୁତ ଜିଇଁଲି । ଏବେ ନିଜ ସମ୍ପ୍ରଦାୟର ଲୋକଙ୍କ ଋଣ ସୁଝିବାର ସମୟ ଆସିଛି । ସେହିପରି ଆତଙ୍କବାଦୀ ଡାକ୍ତର ଉମର, ମୁଜାମ୍ମିଲ ଏବଂ ସାହିନକୁ ମିଳିଥିବା ୨୦ ଲକ୍ଷ ଟଙ୍କାର 'ଫଣ୍ଡି ଟ୍ରେଲ' ଉପରୁ ଗୁଇନ୍ଦା ଏଜେନ୍ସି ଗୁଡ଼ିକ ପରଦା ଉଠାଇଛନ୍ତି । ଜୈସର ଆତଙ୍କବାଦୀ ହାୱାଲା ମାଧ୍ୟମରେ ଏହି ଟଙ୍କା ପଠାଇ ଥିବା ଜଣାପଡ଼ିଛି ।

- ୧୦ ବର୍ଷ ହେଲା ଜୈସ ସହ ସାହିନ୍‌ର ସଂପର୍କ
- ଋଣ ସୁଝିବା ପାଇଁ ଛାଡ଼ିଥିଲା ଚାକିରି
- ହୱାଲା ମାଧ୍ୟମରେ ମିଳିଥିଲା ୨୦ ଲକ୍ଷ

### ଦିଲ୍ଲୀ ବୋମା ବିସ୍ଫୋରଣ

# ସ୍କାନରରେ ୨୦୦ ସନ୍ଦିଗ୍ଧ, ଧରାପଡ଼ିଲେଣି ୬୦

ଫରିଦାବାଦ, ୧୬।୧୧ (ଏଜେନ୍ସି): ଦିଲ୍ଲୀ ବିସ୍ଫୋରଣର ତଦନ୍ତ ପରିସର ବଢ଼ିବା ପରେ ବିଚଳିତ କରିବା ଭଳି ଘଟଣା ସାମ୍‌ନାକୁ ଆସିବାରେ ଲାଗିଛି । ଏବେ ଯାଞ୍ଚ ଏଜେନ୍ସି ଫରିଦାବାଦର ଅଲ-ଫଲାହ ୟୁନିଭର୍ସିଟର ଡ. ମୁଜାମିଲ ଏବଂ ମହିଳା ଡାକ୍ତର ସାହିନର ମୋବାଇଲ କଲ୍ ରେକର୍ଡ ଏବଂ ଡିଜିଟାଲ ଟ୍ରାନ୍ସଫର ପେମେଣ୍ଟକୁ ନେଇ ବିସ୍ମୟକର ତଥ୍ୟ ଆସିଛି । ଏହି ଆତଙ୍କବାଦୀମାନେ ନିଜ ଯୋଜନାରେ ସଫଳତା ପାଇବା ପାଇଁ ସହାୟତା ନାମରେ ଅନେକଙ୍କୁ ଟଙ୍କା ବାଣ୍ଟି ଥିଲେ । ଫରିଦାବାଦର ଧୌଜ, ଫତେହପୁର ତଗା ଗାଁ ଏବଂ ନୁହ ଜିଲ୍ଲା ଏହି ଷଡ଼ଯନ୍ତ୍ରର କେନ୍ଦ୍ର ଥିଲା । ଏହି 'ହ୍ୱାଇଟ-କଲାର ଟେରର ମଡ୍ୟୁଲୋ' ସହ ପ୍ରାୟ ୨୦୦ ଜଣ ସାମିଲ ଥିଲେ । ଏଥିରୁ ପ୍ରାୟ ୬୦ ଜଣଙ୍କୁ ଏନ୍‌ଆଇଏ ଏବଂ ପୁଲିସ ଗିରଫ କଲାଣି । ୪୦ ମୋବାଇଲ ମଧ୍ୟ ଜବତ କରାଯାଇଛି । ଏଥିରୁ ଅନେକ ଫୋନରେ ଥିବା ଏନ୍‌କ୍ରିପଟେଡ ଆପ୍ ସନ୍ଦେହଜନକ ଗୋଷ୍ଠୀରେ ସାମିଲ ରହିଛି । ଅଲଗା ଅଲଗା ଯାଞ୍ଚ ଟିମ୍ ଗଠନ କରି ମାମଲାର ତଦନ୍ତ କରାଯାଉଛି ।

- ସହାୟତା ନାମରେ ଟଙ୍କା ବାଣ୍ଟିଥିଲେ ମୁଜାମିଲ, ସାହିନ
- ବିସ୍ଫୋରଣ ସ୍ଥଳରୁ ମିଳିଲା ନିଷିଦ୍ଧ ୯ ଏମ୍‌ଏମ୍ କ୍ୟାଟ୍ରିଜ୍

ଅଲ-ଫଲାହ ବିଶ୍ୱବିଦ୍ୟାଳୟର ୧୭, ୧୩ ଏବଂ ୩୨ ନମ୍ବର ପ୍ରକୋଷ୍ଠରେ ଗୁପ୍ତ ବୈଠକ ହେଉଥିଲା । ଏଠାରୁ ଜବତ ଡାଏରୀରେ ୨୫-୩୦ ନାମ ରହିଛି । ଗତ ୮-୧୨ ତାରିଖ ମଧ୍ୟରେ ହୋଇଥିବା ଯୋଜନାର ନୋଟ୍ ମିଳିଛି । ସୂଚନା ଅନୁଯାୟୀ ଡ. ମୁଜାମିଲ ଅନେକ ଲୋକଙ୍କୁ ଆର୍ଥିକ ସହାୟତା ଦେଇ ଫସାଇ ଥିଲା । ମୌଳବୀଙ୍କ ଜମିରେ କ୍ୟାମ୍ପ ପାଇଁ ୩୫ ହଜାର ଟଙ୍କା ଦିଆଯାଇଥିଲା । ସେହିପରି ବାପାଙ୍କ ଚିକିତ୍ସା ପାଇଁ ୫୦ ହଜାର ଟଙ୍କା ନେଇଥିବା କଶ୍ମୀର ଯୁବକ ପରେ ଆଇଇଡି ଆସେମ୍ବଲିଂରେ ସହାୟତା କରିଥିଲା । ଏହା ବ୍ୟତୀତ ଜଣେ ଏମ୍‌ବିବିଏସ ଛାତ୍ର ଭାଇ ବାହାଘର ପାଇଁ ଲକ୍ଷେ ଟଙ୍କା ନେଇ ଆତଙ୍କର ରାସ୍ତାରେ ଚାଲିଥିଲା ।



ଅନ୍ୟପକ୍ଷରେ ରାଜସ୍ଥାନ ସାଞ୍ଚୋରର ମୌଳବୀ ଓସାମା ଉମର ଆତଙ୍କବାଦୀ ସଂଗଠନ ତେହରିକ-ଇ-ତାଲିବାନ (ଟିଟିପି) ପାଇଁ ସ୍ଲିପର ସେଲ୍ ପ୍ରସ୍ତୁତ କରିଥିଲା । ସେ ଯୁବ ଗୋଷ୍ଠୀଙ୍କୁ ଜିହାଦୀ ପ୍ରଶିକ୍ଷଣ ଦେବା ଆରମ୍ଭ କରିଥିଲା । ଏହି ମୌଳବୀକୁ ଗିରଫ କରାଯାଇଛି । ତା ଫୋନରୁ ୩ ଲକ୍ଷରୁ ଅଧିକ ଆପତ୍ତିଜନକ ଭୋଟ ମିଳିଛି । ସେ ଆଫଗାନିସ୍ତାନ ଯାଇ ପ୍ରଶିକ୍ଷଣ ନେବାକୁ ମଧ୍ୟ ପ୍ରସ୍ତୁତ ହେଉଥିଲା । ଏହା ମଧ୍ୟରେ ଦିଲ୍ଲୀ ବିସ୍ଫୋରଣ ସ୍ଥଳରୁ ନାଗରିକଙ୍କ ବ୍ୟବହାର ପାଇଁ ନିଷିଦ୍ଧ ୯ ଏମଏମ ବୁଲେଟ ଜବତ କରାଯାଇଛି । ସେହିପରି ବିସ୍ଫୋରଣ ପୂର୍ବରୁ ଆତଙ୍କବାଦୀ ଡ. ଉମର ନବି ନୁହର ଏକ ଭଡ଼ାଘରେ ରହିଥିଲା । ଏହାର ସିସିଟିଭି ଫୁଟେଜ ସାମ୍‌ନାକୁ ଆସିଛି । ସେ ବିସ୍ଫୋରଣର ୧୮ ଘଣ୍ଟା ପୂର୍ବରୁ କାର୍ ନେଇ ଏଟିଏମକୁ ଟଙ୍କା ଉଠାଇବାକୁ ଯାଇଥିବା ଦେଖାଯାଉଛି ।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

VOLUME- 43 ◆ISSUE-141 ◆MONDAY ◆17 NOVEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୪୧ ◆ସୋମବାର ◆୧୭ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ଭାରତ 'ଏ'କୁ ଜିତାଇଲେ ଗାଏକୱାଡ

▶କ୍ରୀଡ଼ା ପୃଷ୍ଠାରେ...

**ଲାଲ୍‌କିଲ୍ଲା କାର୍ ବିସ୍ଫୋରଣ**

## ଧରାପଡ଼ିଲା ଉମର୍ ସହଯୋଗୀ

■ **ନୂଆଦିଲ୍ଲୀ,୧୬ ।୧୧(ଏଜେନ୍ସି):** ଦିଲ୍ଲୀ ଲାଲ୍‌କିଲ୍ଲା ବିସ୍ଫୋରଣ ମାମଲାରେ ନ୍ୟାସନାଲ ଇନ୍‌ଭେଷ୍ଟିଗେସନ ଏଜେନ୍ସି (ଏନ୍‌ଆଇଏ) ଆଉ ଜଣେ ସଂଦିଗ୍ଧଙ୍କୁ ଗିରଫ କରିଛି । ବିସ୍ଫୋରଣର ୬ ଦିନ ପରେ ଆତ୍ମଘାତୀ ଆକ୍ରମଣକାରୀ ଉମର ନବୀର ଜଣେ ସହଯୋଗୀ ଆମୀର ରସିଦ ଅଲିକୁ ଗିରଫ କରାଯାଇଛି । ଆମୀର ଜମ୍ମୁ-କଶ୍ମୀରର ପାମ୍ପୋରର ବାସିନ୍ଦା । ବିସ୍ଫୋରଣ ପାଇଁ ଉମର ସହ ମିଶି ଆମୀର ଷଡ଼ଯନ୍ତ୍ର କରିଥିଲା । ବିସ୍ଫୋରଣ ପାଇଁ ବ୍ୟବହୃତ ହୋଇଥିବା କାର୍‌ର ମାଲିକ ହେଉଛି ରସିଦ । ବିସ୍ଫୋରଣ ପାଇଁ ସେ ହିଁ କାର କିଣି ଉମରକୁ ଦେଇଥିଲା । ସେ ଫରିଦାବାଦ୍‌ରୁ ଏହି କାର୍ କଣିଥିଲା ବୋଲି ଏନ୍‌ଆଇଏ ତରଫରୁ କୁହାଯାଇଛି । ଅନ୍ୟ ସଂଦିଗ୍ଧଙ୍କୁ ଗିରଫ କରିବା ପାଇଁ ଏନ୍‌ଆଇଏ ଚଢ଼ାଉ ଜାରି ରଖିଛି । ସେହିପରି ପୁଲିସ ନୁହ ସହରରୁ ଆଉ ଦୁଇଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ରିଜୱାନ ଓ ସୋଏବ । ଆତଙ୍କବାଦୀ ମାମଲାରେ ଦୁହେଁ ପାଣ୍ଠି ଯୋଗାଡ଼ କରିଥିବାର ଅଭିଯୋଗ ହୋଇଛି ।



**ଆଉ ଜଣେ ମହିଳା ଡାକ୍ତର ଗିରଫ**

ଏନ୍‌ଆଇଏ ପକ୍ଷରୁ କୁହାଯାଇଛି ଯେ ଦିଲ୍ଲୀ ବିସ୍ଫୋରଣ ଥିଲା ଆତ୍ମଘାତୀ ବିସ୍ଫୋରଣ । ଆଉ ଏକ ଉଲ୍ଲେଖନୀୟ ଘଟଣାକ୍ରମେ ପୁଲିସ୍ ଏହି ମାମଲାରେ ଜମ୍ମୁ-କଶ୍ମୀରର ଅନନ୍ତ ନାଗରେ ଚଢ଼ାଉ କରି ଜଣେ ମହିଳା ଡାକ୍ତରଙ୍କୁ ଗିରଫ କରିଛି । ସେ ହେଉଛନ୍ତି ହରିୟାଣାର ପ୍ରିୟଙ୍କା ଶର୍ମା । ସେ ଅନନ୍ତନାଗର ମଲକନାଗ ଅଞ୍ଚଳରେ ଏକ ଭଡ଼ା ଘରେ ରହୁଥିଲେ । ବିସ୍ଫୋରଣରେ ସେ ଜଡିତ ଥିବା ପୁଲିସ ସନ୍ଦେହ କରୁଛି ।

**ସାରା ରାଜ୍ୟରେ ଶୀତ ଲହରୀ**

## ୫ ଡିଗ୍ରୀକୁ ଖସିଲା ପାରଦ

■ **ଭୁବନେଶ୍ୱର, ୧୬।୧୧ (ସମିସ):** ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ଶୀତ ଜାରି ରହିଛି । କ୍ରମାଗତ ଭାବେ ରାଜ୍ୟକୁ ଆସୁଥିବା ଥଣ୍ଡା ଓ ଶୁଷ୍କ ପବନ ତାପମାତ୍ରା ହ୍ରାସରେ ସହାୟକ ହେଉଥିବା ବେଳେ ଥଣ୍ଡା ବଢ଼ି ଚାଲିଛି । ଯାହାଫଳରେ ଚଳିତ ବର୍ଷ ରାଜ୍ୟରେ ପ୍ରଥମ ଥର ପାଇଁ ତାପମାତ୍ରା ୫ ଡିଗ୍ରୀକୁ ଖସିଛି । ଗତ ୨୪ ଘଣ୍ଟାରେ ରାଜ୍ୟର ୧୩ ସହରରେ ତାପମାତ୍ରା ୧୨ ଡିଗ୍ରୀ ତଳେ ରହିଥିବା ବେଳେ ଜି ଉଦୟଗିରିରେ ତାପମାତ୍ରା ୫.୮ ଡିଗ୍ରୀ ରେକର୍ଡ ହୋଇଛି । ଏହା ବ୍ୟତୀତ ଭୁବନେଶ୍ୱର ଓ କଟକରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୫ ଡିଗ୍ରୀ ତଳକୁ ଖସିଯାଇଥିବା ବେଳେ ଏଠାରେ ଶୀତ ଲହରୀ (କୋଲ୍ଡ ୱେଭ୍) ସ୍ଥିତି ସୃଷ୍ଟି ହୋଇଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ରାଜ୍ୟରେ ଜି.ଉଦୟଗିରି ରେ ତାପମାତ୍ରା ୫.୮ ଡ଼ିଗ୍ରୀ ରେକର୍ଡ ହେବା ସହ ଏହା ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି । ସେହିପରି କଟକରେ ତାପମାତ୍ରା ୧୩.୬ ଡିଗ୍ରୀ ରହିଥିବା ବେଳେ ଏଠାରେ ▶ପୃଷ୍ଠା-୭



**ଦେଶର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଋଣ ୯୪ ଲକ୍ଷ କୋଟି**

# ଋଣ ଚାପରେ ଅର୍ଥନୀତି

■ **ନୂଆଦିଲ୍ଲୀ/ଭୁବନେଶ୍ୱର, ୧୬।୧୧ (ସମିସ):** ନିର୍ବାଚନୀ ପ୍ରତିଶ୍ରୁତି ପୂରଣ ନିମନ୍ତେ ନିଜସ୍ୱ ରାଜସ୍ୱ ଓ ଅଣରାଜସ୍ୱ ବୃଦ୍ଧି ପରିବର୍ତ୍ତେ ଦେଶର ବିଭିନ୍ନ ରାଜ୍ୟ କେବଳ ଋଣ ଉପରେ ଭରସା କରୁଛନ୍ତି । ଯାହା ଫଳରେ ବିଭିନ୍ନ ରାଜ୍ୟ ଉପରେ ଋଣ ପରିମାଣ ବଢ଼ିବଢ଼ି ଚାଲିଛି ଏବଂ ଚଳିତ ବର୍ଷ ଶେଷ ବେଳକୁ ଏହି ପରିମାଣ ୯୯ ଲକ୍ଷ କୋଟି ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି । ରିଜର୍ଭ ବ୍ୟାଙ୍କର ଏକ ରିପୋର୍ଟ ଅନୁସାରେ ଅକ୍ଟୋବର ୨୦୨୫ ସୁଦ୍ଧା ଦେଶର ବିଭିନ୍ନ ରାଜ୍ୟଗୁଡ଼ିକ ୯୩.୯୩ କୋଟିରେ ପହଞ୍ଚିଛି ଓ ବିଭିନ୍ନ ରାଜ୍ୟଗୁଡ଼ିକ ଆର୍ଥିକ ବର୍ଷରେ ଦେଶ ଦୁଇଟି ତ୍ରୟମାସିକରେ ପ୍ରାୟ ୫ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଋଣ କରିବାକୁ ପ୍ରସ୍ତାବ ଦେଇଛନ୍ତି ।

ରିପୋର୍ଟ ଅନୁସାରେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସିକରେ ଦେଶର ୧୬ଟି ରାଜ୍ୟ ସେମାନଙ୍କ ବାର୍ଷିକ ଋଣରେ ୫୮% ବୃଦ୍ଧି କରିଛନ୍ତି । ଯାହାର ପରିମାଣ ପ୍ରାୟ ୧.୩୬ ଲକ୍ଷ କୋଟି ବୋଲି କୁହାଯାଉଛି । ଋଣ ପରିମାଣ ବୃଦ୍ଧି ଯୋଗୁଁ ସମ୍ପୃକ୍ତ ରାଜ୍ୟଗୁଡ଼ିକର ଆର୍ଥିକ ସ୍ଥିତି ଦୁର୍ବଳ ହେବାରେ ଲାଗିଛି ଏବଂ ରାଜ୍ୟବାସୀଙ୍କ ଉପରେ ଋଣ ବୋଝ ପାଲଟି ଯାଇଛି । କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟଗୁଡ଼ିକୁ ସୁଧମୁକ୍ତ ଋଣ ବାବଦରେ ୩.୬ ଲକ୍ଷ କୋଟି ଟଙ୍କା ଆବଣ୍ଟନ କରିବା ସତ୍ତ୍ୱେ ନିର୍ବାଚନୀ ପ୍ରତିଶ୍ରୁତି, ମାଗଣା ବଣ୍ଟନ କାର୍ଯ୍ୟକ୍ରମଗୁଡ଼ିକୁ ପ୍ରାଧାନ୍ୟ ଦିଆଯାଉଥିବାରୁ ରାଜ୍ୟଗୁଡ଼ିକୁ ଅଧିକ ଋଣ କରିବାକୁ ପଡୁଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରାଜସ୍ୱ ସଂଗ୍ରହ (ପ୍ରତ୍ୟକ୍ଷ ଓ ପରୋକ୍ଷ)ରେ ଅଭିବୃଦ୍ଧି ଘଟୁ ନ ଥିବାର ରାଜ୍ୟଗୁଡ଼ିକ ଋଣ ଉପରେ ନିର୍ଭରଶୀଳ ହେଉଛନ୍ତି ବୋଲି କୁହାଯାଉଛି ।

**ମାର୍ଚ୍ଚ ଶେଷ ବେଳକୁ ରାଜ୍ୟଗୁଡ଼ିକର ଋଣ ହେବ ୯୯ ଲକ୍ଷ କୋଟି ଟଙ୍କା**

**୧୦ ବର୍ଷରେ ରାଜ୍ୟ ସମୂହର ଋଣ ପରିମାଣ ୪ ଗୁଣା ବଢ଼ିଛି**

**୨୦୦୪ରୁ ୨୦୧୪ ମଧ୍ୟରେ ଋଣ ବଢ଼ିଥିଲା ମାତ୍ର ୩ ଗୁଣା**



୨୦୦୪ ମସିହାରେ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଉପରେ ଋଣର ପରିମାଣ ଥିଲା ମାତ୍ର ୮.୮ ଲକ୍ଷ କୋଟି ଟଙ୍କା । ୨୦୧୪ ଜୁନ୍ ମାସ ସୁଦ୍ଧା ଏହା ୨୩.୯୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା । ମାତ୍ର ୨୦୨୮ ଅକ୍ଟୋବର ମାସ ସୁଦ୍ଧା ଏହା ୯୪ ଲକ୍ଷ କୋଟିରେ ପହଞ୍ଚିଛି । ଅର୍ଥାତ୍ ୨୦୧୪ରୁ ୨୦୨୫ ମଧ୍ୟରେ ରାଜ୍ୟଗୁଡ଼ିକ ୭୦ ଲକ୍ଷ କୋଟି ଟଙ୍କା ଋଣ କରିଛନ୍ତି ।

ରାଜ୍ୟଗୁଡ଼ିକର ଜିଏସ୍‌ଡିପି ଓ ଋଣ ଅନୁପାତ ଦୃଷ୍ଟିରୁ ଅରୁଣାଚଳ ପ୍ରଦେଶ, ପଞ୍ଜାବ, ହିମାଚଳ ପ୍ରଦେଶ, ନାଗାଲାଣ୍ଡ ଓ ମେଘାଳୟ ସବୁଠାରୁ ଖରାପ ▶ପୃଷ୍ଠା-୭

# ଛିଡୁନି ବିହାର ଅଡୁଆ

## ବିଳମ୍ବିତ ହୋଇପାରେ ନୂଆ ସରକାର ଗଠନ

■ **ପାଟନା, ୧୬।୧୧ (ଏଜେନ୍ସି):** ବିହାରରେ ନୂଆ ସରକାର କେବେ ଶପଥ ନେବ? ଏସଂପର୍କରେ ବିଜେପି କିମ୍ବା ଜେଡିୟୁ ମୁହଁ ଖୋଲୁ ନାହାନ୍ତି । ତେବେ ଏନ୍‌ଡିଏର ଅନ୍ୟତମ ଅଂଶୀଦାର ଏଲଜେପିର ନେତା ତଥା କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶ୍ୱାନ କହିଛନ୍ତି ଯେ ଆସନ୍ତା ୨୨ ତାରିଖ ପୂର୍ବରୁ ନୂଆ ମନ୍ତ୍ରିମଣ୍ଡଳ ଶପଥ ନେବ ଏବଂ ଯାହା ଜଣାପଡୁଛି ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ । ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ନେଇ ଆଜି ମଧ୍ୟ ସସପେନ୍ସ ରହିଥିଲେ ମଧ୍ୟ ଦୁଇ ଦଳର ନେତା କିଛି କହୁ ନାହାନ୍ତି । ଆଜି ସନ୍ଧ୍ୟାରେ ବିଜେପିର ବରିଷ୍ଠ ନେତା ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇ ଏହା ଉପରେ ବିଚାରବିମର୍ଶ କରାଯାଇଛି । କିନ୍ତୁ କିଛି ସୂଚନା ଦିଆଯାଇ ନାହିଁ ।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବର୍ତ୍ତମାନ ପାଇଁ ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ପଦରେ ରହିବେ । ତେବେ ସେ କେତେ ଦିନ ରହିବେ, ସେଥିପାଇଁ ଫର୍ମୁଲା ପ୍ରସ୍ତୁତ କରାଯାଉଛି । ନିର୍ବାଚନରେ ଜେଡିୟୁ ଅପେକ୍ଷା ବିଜେପି ଅଧିକ ଆସନ ପାଇଥିବାରୁ ପରବର୍ତ୍ତୀ ସମୟରେ ଏହାର ନେତାଙ୍କୁ ମୁଖ୍ୟମନ୍ତ୍ରୀ କରାଯିବ । ଏବେ ଯେଉଁ ନୂଆ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ କରିବ, ସେଥିରେ ଜେଡିୟୁ ଅପେକ୍ଷା ବିଜେପିର ଅଧିକ ବିଧାୟକଙ୍କୁ ମନ୍ତ୍ରିପଦ ମିଳିବ । ଏହା ଉପରେ ଅଧିକ ବିଚାରବିମର୍ଶ ଚାଲିଥିବାରୁ ଶପଥ ଗ୍ରହଣରେ ବିଳମ୍ବ ହୋଇପାରେ ବୋଲି କୁହାଯାଉଛି । ତେବେ ନୀତୀଶ କୁମାର ଆସନ୍ତାକାଲି ରାଜ୍ୟପାଳଙ୍କୁ ଭେଟି ଇସ୍ତଫା ପ୍ରଦାନ କରିବେ । ଏବେ ମୋଟ୍ ୩୩ରୁ ୩୬ ମନ୍ତ୍ରୀ ଶପଥ ଗ୍ରହଣ କରିବେ । ବିଜେପିରୁ ୧୬ ଏବଂ ନୀତୀଶଙ୍କ ଜେଡିୟୁରୁ ୧୪ ଜଣ ମନ୍ତ୍ରୀ ହେବେ । ଚିରାଗ ପାଶ୍ୱାନଙ୍କ ଦଳରୁ ଦୁଇ ଜଣଙ୍କୁ ମନ୍ତ୍ରିପଦ ମିଳିବାର ସମ୍ଭାବନା ରହିଛି । ନୂଆ ମନ୍ତ୍ରିମଣ୍ଡଳରେ ତିନି ଜଣଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯିବାର ସମ୍ଭାବନା ରହିଛି । ପାଶ୍ୱାନ ତାଙ୍କ ଦଳରୁ ଜଣଙ୍କୁ ଉପମୁଖ୍ୟମନ୍ତ୍ରୀ ▶ପୃଷ୍ଠା-୭



**ଦିଲ୍ଲୀରେ ଏନ୍‌ଡିଏ ନେତାଙ୍କ ଘନଘନ ବୈଠକ**

**୨୦ ତାରିଖ ସୁଦ୍ଧା ନୂଆ ମନ୍ତ୍ରିମଣ୍ଡଳ ଶପଥ**

**ଆଜି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ ନୀତୀଶ**

**ଡିସେମ୍ବର ୧ରୁ ପୁଲିସକୁ ଗାଡ଼ି ଚେକିଂ ପାଇଁ ଅଖଣ୍ଡ କ୍ଷମତା**

## ସରକାର-ସଂଘ ମୁହାଁମୁହିଁ

■ **ଭୁବନେଶ୍ୱର,୧୬ ।୧୧(ସମିସ):** ବହୁ ବାଦ ବିବାଦ ଓ ଆନ୍ଦୋଳନ ଚେତାବନୀ ପରେ ମଧ୍ୟ ସରକାର ନିଜ ନିଷ୍ପତ୍ତିରେ ଅଟଳ । ଡିସେମ୍ବର ୧ ତାରିଖରୁ ପୁଲିସକୁ ମିଳିବ ଗାଡ଼ି ଯାଞ୍ଚର ଅଖଣ୍ଡ କ୍ଷମତା । ଏହି କ୍ଷମତା ବଳରେ ପୁଲିସ ବାହିନୀ ପୂର୍ବାପେକ୍ଷା କ୍ଷମତାଶାଳୀ ଓ ଅର୍ଥଶାଳୀ ହେବ । ତେବେ ପୁଲିସକୁ ଗାଡ଼ି ଯାଞ୍ଚ କ୍ଷମତାକୁ ବିରୋଧ କରି ଆସିଥିବା ବସ୍‌ମାଲିକ ଓ ଅନ୍ୟ ଗାଡ଼ି ମାଲିକ ସଂଘ ଖୁବ୍ ଶୀଘ୍ର ଜରୁରୀ ବୈଠକ ଡାକିବେ ବୋଲି ସୂଚନା ମିଳିଛି । ସରକାର ତାଙ୍କ ଆଭିମୁଖ୍ୟ ପରିବର୍ତ୍ତନ ନ କଲେ ଗାଡ଼ି ମାଲିକମାନେ ମଧ୍ୟ ବିକଳ୍ପ ବାଛିପାରନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ଯାହାକୁ ନେଇ ସରକାର ଓ ଗାଡ଼ି ମାଲିକ ସଂଘ ମୁହାଁମୁହିଁ ସ୍ଥିତିକୁ ଆସିଛନ୍ତି ।

ରାଜ୍ୟରେ ବର୍ତ୍ତମାନ ଏମଭି ଆଇନ ୧୯୮୮ ଅନୁଯାୟୀ ପୁଲିସକୁ କିଛି କ୍ଷମତା ପ୍ରଦାନ କରାଯାଇଛି । ଏହି କ୍ଷମତା ବଳରେ ପୁଲିସ ପକ୍ଷରୁ ହେଲ୍‌ମେଟ୍ ଓ ରଙ୍ଗସାଇଡ୍ ଗାଡ଼ି ଚାଳନା, ଟ୍ରିପଲ ରାଇଡର ଓ ସିଟ୍ ବେଲ୍ଟ ନ ବାନ୍ଧିବା ଭଳି ନିୟମ ଉଲ୍ଲଙ୍ଘନ ପାଇଁ ଜରିମାନା ଆଦାୟ କରୁଛି । ମାତ୍ର ଡିସେମ୍ବର ୧ ପୁଲିସକୁ ଏ କ୍ଷେତ୍ରରେ ଅଖଣ୍ଡ କ୍ଷମତା ଦେବା ପାଇଁ ପରିବହନ ବିଭାଗ ନିଷ୍ପତ୍ତି ନେଇଛି । ଅନୁଯାୟୀ ଏମ୍‌ଭି ଆଇନ୍‌ର ଧାରା-୩ର ଉପଧାରା-୧ ଓ କେନ୍ଦ୍ରୀୟ ଏମ୍‌ଭି ଆଇନ୍ ୧୯୪(୧)ରେ ଥିବା କ୍ଷମତାକୁ ବାଦ୍ ଦେଇ ବାକି ସବୁ କ୍ଷେତ୍ରରେ ପୁଲିସକୁ ଜରିମାନା ଆଦାୟ କ୍ଷମତା ଦିଆଯିବାକୁ ନିଷ୍ପତ୍ତି ହୋଇଛି ।

ଯଦିଓ ରାଜ୍ୟରେ ଦୁର୍ଘଟଣା ହ୍ରାସକୁ ଅଟକଳ କରି ବିଭାଗ ଏଭଳି ନିଷ୍ପତ୍ତି ନେବା ପାଇଁ ଯୋଜନା କରୁଛି, ହେଲେ ବିଭାଗର ଏଭଳି ନିଷ୍ପତ୍ତି ପଛରେ କିଛି ଷଡ଼ଯନ୍ତ୍ର ଥିବା ସଡ଼କ ସୁରକ୍ଷା ବିଶେଷଜ୍ଞମାନେ ଗନ୍ଧବାରିଛନ୍ତି । ବରିଷ୍ଠ ଆଇନଜୀବୀ ତଥା ସଡ଼କ ସୁରକ୍ଷା ବିଶେଷଜ୍ଞ ସୁବ୍ରତ ନନ୍ଦ କହିଛନ୍ତି ଯେ ଗୋଟିଏ ଏହାଦ୍ୱାରା ଲୋକଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେବାର ଆଶଙ୍କା ରହିଛି । ଯାହାକୁ ନେଇ ପୂର୍ବରୁ ମାସାନୀ କମିସନ ଆପତ୍ତି ଉଠାଇବା ସହ ଏଭଳି ନିୟମ କାର୍ଯ୍ୟକାରୀ ନ କରିବାକୁ ସୁପାରିସ୍ କରିଛନ୍ତି । ଅନ୍ୟପଟେ ବର୍ତ୍ତମାନ ପୁଲିସ ନିଜ କ୍ଷମତା ବଳରେ ଯେଉଁ ଜରିମାନା ଅର୍ଥ ଆଦାୟ କରୁଛି, ଏହି ଅର୍ଥକୁ ମାସ ମାସ ଧରି କୋର୍ଟକୁ ପଠାଉନାହିଁ । ମାତ୍ର ପୁଣି ଯେଉଁ ଦଫାଗୁଡ଼ିକରେ ପୁଲିସ କ୍ଷମତା ଦେବାକୁ ଯୋଜନା ହେଉଛି, ସେହି ଦଫାରେ ଜରିମାନାର ପରିମାଣ ବହୁ ଅଧିକ ରହିଥିବାରୁ ଦୁର୍ନୀତି ବଢ଼ିବାର ଆଶଙ୍କା ରହିଛି ବୋଲି ସେ କହିଛନ୍ତି ।

ପୁଲିସକୁ ଗାଡ଼ି ଯାଞ୍ଚ କ୍ଷମତା ପ୍ରଦାନ କରିବା ଲାଗି ପରିବହନ କମିସନର ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବା ପରେ ନିଖିଳ ଓଡିଶା ମିନି ଟ୍ରକ ମାଲିକ ମହାସଂଘ ଓ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା । ରାଜ୍ୟର ଏହି ଦୁଇ ପ୍ରମୁଖ ସଂଘ ଏ ସଂକ୍ରାନ୍ତରେ ନିଷ୍ପତ୍ତିର ପୁନର୍ବିଚାର ପାଇଁ ସରକାରଙ୍କୁ ନିବେଦନ କରିଥିବା ବେଳେ ଏହି ନିୟମ ଲାଗୁ ହେଲେ ରାଜ୍ୟରେ ଚକ ଅଖ ବନ୍ଦ କରିଦିଆଯିବ ବୋଲି ଚେତାବନୀ ଦେଇଥିଲେ । ହେଲେ ସରକାର ସଂଘମାନଙ୍କ ଚେତାବନୀକୁ ଭ୍ରୂକ୍ଷେପ ନ କରି ଏହି ନିଷ୍ପତ୍ତି ନେବାକୁ ଯୋଜନା କରୁଥିବା ଜଣାପଡ଼ିଛି ।

ଅତୀତରେ ପୁଲିସ ବିଭାଗକୁ ଗାଡି ଯାଞ୍ଚ କ୍ଷମତା ଦେବା ଲାଗି ବହୁବାର ପ୍ରୟାସ କରାଯାଇଥିଲା । ହେଲେ ପରବର୍ତ୍ତୀ ସମୟରେ ତାହା ବିଫଳ ହେଇଥିଲା । ବିଗତ ବର୍ଷରେ ଏ ସମ୍ପର୍କିତ ପ୍ରସ୍ତାବକୁ ଖୋଦ୍ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ କମିଟିଗୁଡିକ ଦ୍ୱାରା ନାପସନ୍ଦ କରାଯାଇଥିଲା । ରାଜ୍ୟରେ ଚଳାଚଳ କରୁଥିବା ମୋଟରଯାନ ଯାଞ୍ଚ ପାଇଁ ପୂର୍ବ ସରକାର "ଓଡ଼ିଶା ମୋଟରଯାନ ପ୍ରବର୍ତ୍ତନ ବିଭାଗ' ନାମରେ ଏକ ପୃଥକ ଶାଖା ସୃଷ୍ଟି କରିଥିଲେ । ଯଦି ପୁଲିସକୁ ଅଧିକ କ୍ଷମତା ନ୍ୟସ୍ତ କରାଯାଏ, ତେବେ ଏହା ହଇରାଣ, ଦୁର୍ନୀତି ବଢ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି ।

**ବସ୍ ମାଲିକ ସଂଘର ଆନ୍ଦୋଳନ ଚେତାବନୀ ସତ୍ତ୍ୱେ ପଛକୁ ହଟିଲାନି ବିଭାଗ**

**ଦୁଇଟି ବ୍ୟତୀତ ସବୁ ଉଲ୍ଲଂଘନ ପାଇଁ ଜରିମାନା କରିବ ପୁଲିସ**

**ପୁଲିସ ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ ମାମଲା**

## ଆଜି ବ୍ରହ୍ମପୁର ଆସିବ ସିବିଆଇ !

■ **ବ୍ରହ୍ମପୁର, ୧୬।୧୧ (ସମିସ):** ପୁଲିସ ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ ମାମଲାରେ ସିବିଆଇ ଟିମ୍‌ର ତଦନ୍ତ ଆଗେଇଛି । ସୋମବାର ସିବିଆଇର ଏକ ତଦନ୍ତକାରୀ ଦଳ ବ୍ରହ୍ମପୁର ଆସିବ ବୋଲି ସୂଚନା ମିଳିଛି । ଏଠାରେ ପହଞ୍ଚିବା ପରେ ପୂର୍ବରୁ ମାମଲାର ତଦନ୍ତ କରୁଥିବା ପୁଲିସ ଅଧିକାରୀଙ୍କ ସହ ଆଲୋଚନା କରିବେ । ଦୁର୍ନୀତିରେ ସମ୍ପୃକ୍ତ ଦଲାଲମାନଙ୍କ ରିମାଣ୍ଡ ପାଇଁ ଅଦାଲତରେ ଆବେଦନ କରିବେ ବୋଲି ଜଣାପଡ଼ିଛି । ତଦନ୍ତକାରୀ ଦଳ ଗତ ଶନିବାର ଦିନତମାମ ମାମଲା ସଂକ୍ରାନ୍ତୀୟ କାଗଜପତ୍ର ଯାଞ୍ଚ କରିଥିଲେ । ଆଗାମୀ ଦିନରେ କେଉଁମାନଙ୍କୁ ଜେରା ପାଇଁ ଡକାଯିବ, ତାହାର ଏକ ତାଲିକା ପ୍ରସ୍ତୁତ କରିଥିଲେ । ୭ଜଣ ଦଲାଲଙ୍କୁ ଜେରା କରିବାକୁ ସିବିଆଇ ପୂର୍ବରୁ ଯୋଜନା ରଖିଥିଲା । ବର୍ତ୍ତମାନ ମାମଲାର ତଦନ୍ତ ପ୍ରାରମ୍ଭରୁ କରିବାକୁ ନିଷ୍ପତ୍ତି ନେଇଛି ସିବିଆଇ । କିଛି ଗିରଫ ଚାକିରି ଆଶାୟୀମାନଙ୍କୁ ମଧ୍ୟ ପଚରାଉଚରା କରିବାକୁ ପାଇଁ ଯୋଜନା କରିଛି । ଆଶାୟୀମାନେ ସିଧାସଳଖ କାହାକୁ ଲାଞ୍ଚ ଟଙ୍କା ଦେଇଥିଲେ? କେଉଁ ଦଲାଲ ସହ ସେମାନେ ଡିଲ୍ କରିଥିଲେ? ଏସବୁର ସ୍ପଷ୍ଟ ତଥ୍ୟ ଆଶାୟୀଙ୍କଠାରୁ ସିବିଆଇ ଓଗାଳିବ ବୋଲି ଜଣାଯାଇଛି ।

ସିବିଆଇ ଟିମ୍ ବ୍ରହ୍ମପୁରରେ ପହଞ୍ଚିବା ପରେ ମାମଲାର ଅଭିଯୋଗକାରୀ ଥିବା ଡିଏସ୍‌ପିଙ୍କ ସହ ଆଲୋଚନା କରିବେ । ଆଶାୟୀମାନେ ଯାଉଥିବା ବସ୍‌କୁ ପିଛା କରି ଆନ୍ଧ୍ରପ୍ରଦେଶ ଯାଇଥିବା ପୁଲିସ ଅଧିକାରୀମାନଙ୍କୁ ମଧ୍ୟ ପଚରାଉଚରା କରିପାରେ । ଏହାପରେ ସିଲିକନ୍ ଟେକ୍ ଲ୍ୟାବ୍ ସଂସ୍ଥାର ସିଇଓ ସୁରେଶ ନାୟକ ଓ ପଞ୍ଚସଫ୍ଟ ଟେକ୍ନୋଲୋଜି/ଫ୍ରଣ୍ଟଟେକ୍‌ର ନିର୍ଦ୍ଦେଶକ ତଥା ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଓ ଅନ୍ୟତମ କାର୍ପଟଦାର ମୁନା ମହାନ୍ତି ସହ ମୋଟ ୭ ଜଣଙ୍କୁ ରିମାଣ୍ଡରେ ନେବାକୁ ସିବିଆଇ କୋର୍ଟରେ ଆବେଦନ କରିବ ବୋଲି ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି ।

## ଭତ୍ତା ଟଙ୍କା ପାଇଁ ବାପାକୁ ମାରିଦେଲା

■ **କବିସୂର୍ଯ୍ୟନଗର, ୧୬ ।୧୧(ସମିସ):** ଭତ୍ତା ଟଙ୍କା ପାଇଁ ବାପାକୁ ପିଟିପିଟି ମାରିଦେଲା ପୁଅ । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କବିସୂର୍ଯ୍ୟନଗର ଥାନା ଏ-ବରିଡ଼ା ଗୋପାଳ ନଗରରେ । ମୃତକ ହେଲେ, ପଦ୍ମନାଭ ସାହୁ (୮୫) । ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଏହି ଘଟଣାରେ ପୁଲିସ ପଦ୍ମଙ୍କ ପୁଅ ରମେଶ ସାହୁ (୪୦)କୁ ଗିରଫ କରି କୋର୍ଟଚାଲାଣ କରିଛି ।

ସୂଚନାନୁଯାୟୀ, ପଦ୍ମନାଭଙ୍କ ମଝିଆ ପୁଅ ରମେଶ ପ୍ରତିଦିନ ମଦ ପିଇବାକୁ ବାପା-ମା'ଙ୍କୁ ଟଙ୍କା ମାଗିବା ସହ ମାରଧର କରୁଥିଲା । ଶନିବାର ପଦ୍ମନାଭ ବାର୍ଦ୍ଧକ୍ୟ ଭତ୍ତା ପାଇଥିବା ଜାଣି ରମେଶ ତାଙ୍କୁ ମଦ ପିଇବାକୁ ଟଙ୍କା ମାଗିଥିଲା । କିନ୍ତୁ ସେ ଟଙ୍କା ଦେବାକୁ ମନା କରିବାରୁ ବାପ-ପୁଅଙ୍କ ମଧ୍ୟରେ ବଚସା ▶ପୃଷ୍ଠା-୭

**ଚୌଦ୍ୱାର ଜେଲ୍‌ରୁ ୨ ବିହାରୀ କଏଦୀ ଚମ୍ପଟ ଘଟଣା**

# ଧରାପଡ଼ି ନାହାନ୍ତି ଜେଲ୍ ଡିଆଁ; ୱାର୍ଡରଙ୍କୁ ପୁନଃ ନିଯୁକ୍ତି

■ **ଭୁବନେଶ୍ୱର,୧୫।୧୧(ସମିସ):** ଚୌଦ୍ୱାର ଜେଲ୍‌ରୁ କଏଦୀ ଚମ୍ପଟ ଘଟଣାରେ ସାମ୍ନାକୁ ଆସିଲା ଜେଲ୍ ବିଭାଗର ମିଳି ଭଗତ କାରନାମା । ଜେଲ୍ ଡିଆଁ ହାର୍ଡକୋର୍ ବିହାରୀ କଏଦୀଙ୍କୁ ଗିରଫ କରି ଜେଲ୍‌କୁ ଆଣିବାରେ ପୁଲିସ ଏଯାଏଁ ସଫଳ ହୋଇପାରିନାହିଁ । ହେଲେ ଏହି ଘଟଣାରେ ନିଲମ୍ବିତ ଜେଲ୍ ୱାର୍ଡର କିନ୍ତୁ ଜେଲ୍‌କୁ ଫେରି ଆସିଲେଣି । ନିଲମ୍ବିତ ଜେଲ୍ ୱାର୍ଡର ଭଗତ ଚରଣ ରାମ୍‌ଙ୍କୁ କେନ୍ଦ୍ରାପଡ଼ା ସବ୍‌ଜେଲ୍‌ରେ ୱାର୍ଡର ଭାବେ ନିଯୁକ୍ତି ଦିଆଯାଇଛି । ନିଲମ୍ବନର ମାତ୍ର ୧୫ ଦିନ ମଧ୍ୟରେ ତାଙ୍କୁ ମିଳିଗଲା ପୁନଃନିଯୁକ୍ତି । ତାହା ପୁଣି ଏଭଳି ଏକ ଜେଲ୍‌ରେ ଯେଉଁଠି ତାଙ୍କ ବିରୋଧରେ କେଳେଙ୍କାରୀ ଅଭିଯୋଗ ଆସିଥିଲା । ଏଭଳି ଥଇଥାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଯାଜପୁର ଜିଲ୍ଲାର ପାଣିକୋଇଲି ସୁନା ଦୋକାନୀ ହତ୍ୟା ମାମଲାରେ ଗିରଫ ହୋଇ ବିଚାରାଧୀନ କଏଦୀ ଭାବେ ଦୁଇ ବିହାରୀ ଅଭିଯୁକ୍ତ ରାଜା ସାହାଣୀ ଏବଂ ମଧୁକାନ୍ତ କୁମାର ଚୌଦ୍ୱାର ଜେଲ୍‌ରେ ଥିଲେ । ଏହା ରାଜ୍ୟର ସବୁଠାରୁ ହାଇ ସିକ୍ୟୁରିଟି ଜେଲ୍ ହୋଇଥିଲେ ମଧ୍ୟ ଦୁଇ କଏଦୀ ଜେଲ୍ ପାଚେରି ଡେଇଁ ଚମ୍ପଟ ମାରିଥିଲେ । ଜେଲ୍‌ର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ପରେ ବିଭାଗୀୟ ମୁଖ୍ୟ ୱାର୍ଡର ଭଗତ ଚରଣ ରାମ୍‌ଙ୍କ ସମେତ ଅନ୍ୟ ଜଣେ ଜେଲ୍ କର୍ମଚାରୀ ଡ୍ୟୁଟି ୱାର୍ଡର ସିଦ୍ଧାନ୍ତ ସାହୁଙ୍କୁ ଗତ ଅକ୍ଟୋବର ୩ ତାରିଖରେ ନିଲମ୍ବନ କରିଥିଲେ । ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ପୁନଃ ଅବସ୍ଥାପିତ ହୋଇଥିବା ଚିଫ୍ ୱାର୍ଡର ଭଗତ ପୂର୍ବରୁ ସାଲେପୁର ଓ କେନ୍ଦ୍ରାପଡ଼ା ଜେଲ୍‌ରେ ଥିବାବେଳେ ତାଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆସିଥିଲା । ଚୌଦ୍ୱାର ଜେଲ୍‌ରେ ଥିବାବେଳେ ଶ୍ରୀ ରାମ କେନ୍ଦ୍ରାପଡ଼ା ଜେଲ୍‌କୁ ଯିବା ପାଇଁ ଆଗ୍ରହ ପ୍ରକାଶ କରି ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ । ଆବେଦନ ଆଧାରରେ ଚୌଦ୍ୱାରା ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜେଲ୍ ଅଧିକାରୀଙ୍କ ମତାମତ ଲୋଡ଼ିଥିଲେ । କିନ୍ତୁ ପୂର୍ବରୁ କେନ୍ଦ୍ରାପଡ଼ା ଜେଲ୍‌ରେ ଥିବା ସମୟରେ ଶ୍ରୀ ରାମ ଏକାଧିକ କେଳେଙ୍କାରୀରେ ସମ୍ପୃକ୍ତ ଥିବା ଦର୍ଶାଇ ଜେଲ୍ ଅଧୀକ୍ଷକ ତାଙ୍କୁ ଏଠାରେ ପୁନଃ ନିଯୁକ୍ତି ▶ପୃଷ୍ଠା-୭

**ମାତ୍ର ୧୫ ଦିନରେ ହଟିଲା ନିଲମ୍ବନ**

**ଯେଉଁଠି କରିଥିଲେ କେଳେଙ୍କାରୀ; ସେଇଠି ପୁଣି ହେଲେ ଥଇଥାନ**



### ଗୁରୁତର ସାଇକେଲ ଆରୋହୀଙ୍କୁ ମିଳିଲାନି ଆମ୍ବୁଲାନ୍ସ

# ୬ କିମି ବାଇକ୍‌ରେ ଆଣିଲେ; ଡାକ୍ତରଖାନାରେ ମୃତ୍ୟୁ



**ଲାଞ୍ଜିଗଡ଼, ୧୬।୧୧(ସମିସ)**

କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ଥାନା ଅନ୍ତର୍ଗତ ବିଶ୍ୱନାଥପୁର-ମୂଷାନାଲ ମୁଖ୍ୟ ରାସ୍ତାର ଖଜୁରଗୁଡା ଗାଁ ମାଣ୍ଡିଆ ରୁଚା ନିକଟରେ ଏକ ସାଇକେଲ ଆରୋହୀ ମୁଖ୍ୟ ରାସ୍ତାରେ ପଡ଼ି ଗୁରୁତର ହୋଇ ପଡ଼ିଥିବା ବେଳେ ତାଙ୍କୁ ମିଳି ନଥିଲା ଆମ୍ବୁଲାନ୍ସ। ଫଳରେ ୬ କିମି ଦୂର ବାଇକରେ ଆଣି ବିଶ୍ୱନାଥପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ପ୍ରାଥମିକ ଚିକିତ୍ସା ଚାଲିଥିବାବେଳେ ସାଇକେଲ ଆରୋହୀ ମାଝୀଙ୍କ ମୃତ୍ୟୁ ଘଟିଥିଲା। ସୂଚନାନୁଯାୟୀ, ଲାଞ୍ଜିଗଡ଼ ବ୍ଲକ କୁମଖାଲ ପଞ୍ଚାୟତ ଟିମନବାଡ଼ି ଗାଁ ନିକଟରେ ଥିବା ଗ୍ରାମର ଟଙ୍କ ମାଝୀ(୩୫)ନାମକ ଜଣେ ଯୁବକ ନିଜ ସାଇକେଲରେ ନିଜ ଗାଁ ଠାରୁ ଦିନ ସାଢ଼େ ୧୨ଟା ସମୟରେ ବିଶ୍ୱନାଥପୁର-ବିଜେପୁର ମୁଖ୍ୟରାସ୍ତା ଦେଇ ଲୁମା ଗାଁ ଛକକୁ ଯାଉଥିବାବେଳେ ଖଜୁରଗୁଡା ଗାଁ ନିକଟସ୍ଥ ମାଣ୍ଡିଆ ରୁଚା ନିକଟରେ ନିଜ ସାଇକେଲରୁ ରାସ୍ତା ଉପରେ ପଡ଼ିଯାଇଥିଲେ। ଫଳରେ ତାଙ୍କର ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ଖବରପାଇ ତାଙ୍କ ସ୍ତ୍ରୀ ସୂର୍ଯ୍ୟ ମାଝୀ ଓ ତାଙ୍କ ଭାଉଜ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସ୍ଥାନୀୟ ଯୁବକମାନେ ୧୦୮ ଓ ୧୦୨ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ମଧ୍ୟ ଆମ୍ବୁଲାନ୍ସ ମିଳିନଥିଲା। ସମୟ ବିଳମ୍ବ ସହ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେଉଥିବାରୁ ସେହି ରାସ୍ତା ଦେଇ ଆସୁଥିବା ଦୁଇ ଜଣ ଯୁବକ ୬ କିମି ଦୂର ବାଇକରେ ଆଣି ବିଶ୍ୱନାଥପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ଚାଲିଥିବା ବେଳେ ଡାକ୍ତରଖାନାରେ ଟଙ୍କ ମାଝୀଙ୍କ ମୃତ୍ୟୁ ଘଟିଥିଲା। ତେବେ ଆମ୍ବୁଲାନ୍ସ ଯୋଗାଯୋଗ କରିଥିଲେ ମଧ୍ୟ ସେହି ଅଞ୍ଚଳରେ ଆମ୍ବୁଲାନ୍ସ ଉପଲବ୍ଧ ନଥିବାରୁ ଚିକିତ୍ସାରେ ବିଳମ୍ବ ଯୋଗୁଁ ଟଙ୍କଙ୍କ ମୃତ୍ୟୁ ଘଟିଥିବା ଅଞ୍ଚଳରେ ଚର୍ଚ୍ଚା ହୋଇଛି।

## କ୍ରପ୍ କଟିଂରେ ଅନିୟମିତତା ଅଭିଯୋଗ

**ଗୋଲାମୁଣ୍ଡା, ୧୬।୧୧(ସମିସ):** ବର୍ତ୍ତମାନ ଚାରିଆଡ଼େ ଚାଲିଛି ଧାନ ଅମଳର ସମୟ ତତ୍ ସହିତ ଫସଲ ବୀମା ପାଇଁ ଚାଲିଛି କ୍ରପ୍ କଟିଙ୍ଗ୍। ଅଦିନିଆ ବର୍ଷା ପାଇଁ ଚାଷ ଠିକ୍ ନଥିବା ବେଳେ ଦାଉ ସାଧିଛି ଲଘୁଚାପ ଜନିତ ବାତ୍ୟା।



ଯାହାଫଳରେ ଧାନ ଫସଲ ପ୍ରାୟ ପ୍ରଭାବିତ ହୋଉଛି। ସରକାର ଫସଲ ବୀମା ପାଇଁ କ୍ରପ୍ କଟିଙ୍ଗ୍ କରି ଧାନର କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ଫସଲ ବୀମାରେ ବୀମା ପ୍ରଦାନ କରନ୍ତି। ବୀମା କମ୍ପାନୀ ଓ ସ୍ଥାନୀୟ କୃଷି ବିଭାଗର ବିଏଡବ୍ଲୁ ସହିତ ରାଜସ୍ୱ ନିରୀକ୍ଷକଙ୍କ ଉପସ୍ଥିତିରେ ଆଗରୁ ନିର୍ଦ୍ଧାରିତ ସ୍ଥାନ ଚିହ୍ନଟ କରି କ୍ରପ୍ କଟିଙ୍ଗ କରାଯାଏ। କିନ୍ତୁ ଏଥିରେ ଏବେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମହାଲିଙ୍ଗ ଗ୍ରାମର ପ୍ରଭାକର ଭୋଇଙ୍କ ଜମିରେ କ୍ରପ୍ କଟିଙ୍ଗ୍ ପାଇଁ ମାପ କରି ଅଧିକ ସ୍ଥାନ ଧାନ କଟା ଯାଇ ପାଖ ଧାନ ଖଳା ଦୁର୍ବଳ ଭୋଇଙ୍କ ଅମଳ ହୋଇଥିବା ଧାନକୁ ଓଜନ କରି ରିପୋର୍ଟ ତିଆରି କରିଥିବା ଅଭିଯୋଗ ହୋଇଛି। ଏହି କ୍ରପ୍ କଟିଙ୍ଗ ସମୟରେ ରିଲାଏନ୍ସ ଜେନେରାଲ ଇନ୍ସୁରନ୍ସ କମ୍ପାନୀର ଦୁଇ ଜଣ କର୍ମଚାରୀଙ୍କ ସହିତ ସ୍ଥାନୀୟ ଆର୍‌ଆଇ ଜେମା ମାଝୀ ମଧ୍ୟ ଉପସ୍ଥିତ ଥିବା ଜଣାପଡ଼ିଛି। ଏନେଇ ମହାଲିଙ୍ଗ ଆର୍‌ଆଇ ଜେମା ମାଝୀଙ୍କୁ ଫୋନ୍ ଯୋଗେ ପଚାରିବାରୁ ଅଫିସକୁ ଆସନ୍ତୁ କଥା ହେବା ବୋଲି ପ୍ରତିକ୍ରିୟା ରଖିଛନ୍ତି। କ୍ରପ୍ କଟିଙ୍ଗ ମହା ଘୋଟାଲାକୁ ନେଇ ଚାଷୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏଥିପ୍ରତି ଜିଲ୍ଲା କୃଷି ବିଭାଗ ସହିତ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଏହି ସମସ୍ୟାର ସମାଧାନ କଲେ ଚାଷୀ ଉପକୃତ ହେବେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଅଜଗର ଉଦ୍ଧାର

**ନୂଆପଡ଼ା, ୧୬।୧୧(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବନ ବିଭାଗ ରେଞ୍ଜ ଅନ୍ତର୍ଗତ ବିଶିବାହାଲ ଗାଁର ଧନୁର୍ଜ୍ୟ ପ୍ରଧାନଙ୍କ ଚାଷ ଜମିରୁ ବିଶାଳକାୟ ଅଜଗର ଉଦ୍ଧାର ହୋଇଛି। ଏହାକୁ ବନ ବିଭାଗ ଉଦ୍ଧାର କରି ସୁରକ୍ଷିତ ଭାବେ ସୁନାବେଡ଼ା ଅଭୟାରଣ୍ୟକୁ ନେଇ ସୁରକ୍ଷିତ ଭାବେ ଛାଡ଼ିଛନ୍ତି। ଏହାର ଲମ୍ବ ୮ ଫୁଟ ଓ ଓଜନ ୧୭ କିଲୋଗ୍ରାମ ଥିବା ଜଣାପଡ଼ିଛି। ଏହାକୁ ଦେଖିବାକୁ ଅଞ୍ଚଳର ବହୁ ଲୋକ ଠୁଳ ହୋଇଥିଲେ।



**ନୂଆପଡ଼ା/କୋମନା:** ନୂଆପଡ଼ା ଜିଲ୍ଲା କୋମନା ବ୍ଲକସବର ମହାଜୁମାପ୍ରିତ ଏକ କୁକୁଡ଼ା ଫାର୍ମରୁ ଏକ ବିଶାଳକାୟ ଅଜଗର ସାପ ଉଦ୍ଧାର କରିଛି ବନ ବିଭାଗ। ରବିବାର ମଧ୍ୟାହ୍ନରେ ସ୍ଥାନୀୟ ପର୍ଯ୍ୟଟନ ବ୍ଲକ ଅଧ୍ୟକ୍ଷ ମନୋଜ ମିଶ୍ରଙ୍କ କୁକୁଡ଼ା ଫାର୍ମରେ ଏକ ଅଜଗର ବୁଲୁଥିବା ଖବର ମିଳିବା ମାତ୍ରେ ରେଞ୍ଜର ଦେବେନ୍ଦ୍ର ଅଭୟାରଣ୍ୟରେ ନେଇ ଛାଡ଼ିଛନ୍ତି। ରବିବାର ମଧ୍ୟାହ୍ନରେ ଧନୁର୍ଜ୍ୟଙ୍କ କ୍ଷେତରେ ଏକ ବିରାଟ ଅଜଗର ଥିବା ଜାଣି ସ୍ଥାନୀୟ ସାପ ଧରାଳି ସୁରେଶ ମଲିକଙ୍କୁ ଚାଷୀ ଜଣକ ଯୋଗାଯୋଗ କରିଥିଲେ। ବନ ବିଭାଗର କର୍ମଚାରୀମାନଙ୍କ ଉପସ୍ଥିତିରେ ସାପ ଧରାଳି ଜଣକ ଘଟଣାସ୍ଥଳରେ ପହଞ୍ଚି ଅଜଗରକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ପରେ ତାକୁ ସୂତ୍ରାରଙ୍କ ନିର୍ଦ୍ଦେଶକ୍ରମେ ରେପିଡ୍ ରେସ୍କ୍ୟୁ ଟିମ ମେମ୍ବର ସାଗର ଠେଲାଙ୍କ ନେତୃତ୍ୱରେ ଏକ ଟିମ ଯାଇ ସାପକୁ ଉଦ୍ଧାର କରିଥିଲେ। ସୁରକ୍ଷିତ ଭାବେ ଉଦ୍ଧାର କରି ସ୍ଥାନୀୟ ତାଣ୍ଡେଲ ପାହାଡ଼ରେ ନେଇ ଛାଡ଼ିଛନ୍ତି। ସାପର ଲମ୍ବା ୧୦ଫୁଟ ଥିବାବେଳେ ଅନ୍ୟୁନ ୧୨କିଗ୍ରା ଓଜନର ହୋଇଥିବା ଅନୁମାନ କରାଯାଉଥିବା ବନ ବିଭାଗ ପକ୍ଷରୁ ସୂଚାଯାଇଛି।

## ସଂସ୍କାର ଭାରତୀର ବାର୍ଷିକ ସାଧାରଣ ସଭା

**ଭବାନୀପାଟଣା, ୧୬।୧୧(ସମିସ):** ସ୍ଥାନୀୟ କଳାହାଣ୍ଡି ଲେଖକ କଳା ପରିଷଦ ସଭାଗୃହରେ ସଂସ୍କାର ଭାରତୀ ଉତ୍କଳ ପଶ୍ଚିମ ପ୍ରାନ୍ତ କଳାହାଣ୍ଡି ଜିଲ୍ଲାର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଭାଗୀରଥୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ତଥା ଉଦଘାଟକ ଭାବେ ପ୍ରଭାସ ଚନ୍ଦ୍ର ମିଶ୍ର, ଜିଲ୍ଲା ମହାମନ୍ତ୍ରୀ ପ୍ରମୋଦ କୁମାର ପରିଡ଼ା, କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ନାଟ୍ୟ ପ୍ରମୁଖ ଆଲୋକ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ମା' ସରସ୍ୱତୀଙ୍କ ବନ୍ଦନା ପରେ ସାମୂହିକ ଭାବେ ସଂସ୍କାର ଭାରତୀ ଧ୍ୟେୟ ଗୀତ ଗାନ କରାଯାଇଥିଲା। ଜିଲ୍ଲା ମହାମନ୍ତ୍ରୀ ପ୍ରମୋଦ କୁମାର ପରିଡ଼ା ବାର୍ଷିକ ବିବରଣୀ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ଗୋପାଳ ସାହୁ ବାର୍ଷିକ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ପ୍ରାନ୍ତ ମହାମନ୍ତ୍ରୀ ଉମେଶ ଚନ୍ଦ୍ର ପଣ୍ଡା ସଂଗଠନର ସୁଦୃଢ଼ତା ବିଷୟରେ ମାର୍ଗଦର୍ଶନ କରିଥିଲେ। ଚଳିତ ବର୍ଷ ପାଇଁ ଜିଲ୍ଲା ସଭାପତି ଭାବେ ତିଳକରାମ ନିଆଲ, ବିଶ୍ୱ ମୋହନ ରଥ, ଅର୍ଚ୍ଚନା ଦାସ ଓ ନବ କିଶୋର ବେହେରା ଉପସଭାପତି, ଗୋପାଳ ଚନ୍ଦ୍ର ସାହୁ ମହାମନ୍ତ୍ରୀ, ପ୍ରୀତି ପଟ୍ଟନାୟକ ସହ ମହାମନ୍ତ୍ରୀ, ଓମ୍ ପ୍ରକାଶ ବେହେରା, ନମିତା ମିଶ୍ର ଓ ମୋହନ ଚନ୍ଦ୍ର ଭଞ୍ଜ ସମ୍ପାଦକ, ଦିଲ୍ଲୀପ କୁମାର ସା (ବଳଦପଥର) ଲୋକକଳା, ମାନସ ପଣ୍ଡା ଦୃଶ୍ୟକଳା, ପ୍ରତାପ ଚନ୍ଦ୍ର ପଣ୍ଡା ସାହିତ୍ୟ, ଶୁଭେନ୍ଦୁ କୁମାର ମହାପାତ୍ର ମଞ୍ଚକଳା, ତାପସ ରଞ୍ଜନ ପଟେଲ ସଙ୍ଗୀତ, ଲିପ୍ସା କାର୍ତ୍ତିକ ନୃତ୍ୟ, ଭାରତୀ ସାହୁ ରଙ୍ଗୋଲି, ଶିବାମ୍ବିକା ନନ୍ଦ, ନରେନ୍ଦ୍ର କୁମାର ଦାସ, ଶ୍ୟାମ ସୁନ୍ଦର ପ୍ରଧାନ, କେ ସି ସିଂହଙ୍କୁ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଚୟନ କରାଯାଇଥିଲା। ନୂତନ କାର୍ଯ୍ୟକାରିଣୀ ମନୋନୟନରେ ପ୍ରାନ୍ତୀୟ ସଭାପତି ହରେକୃଷ୍ଣ ଭୋଇ ତଥା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ନଗର କାର୍ଯ୍ୟବାହ ଶ୍ରୀନିବାସ ଶର୍ମା ସହଯୋଗ କରିଥିଲେ।

## ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ

**କୋକସରା, ୧୬।୧୧ (ସମିସ):** କୋକସରା ବ୍ଲକ ଟେମରା କଲ୍ୟାଣ ମଣ୍ଡପଠାରେ ରବିବାର କୋକସରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସାମ୍ବିଧାନିକ ସାଂଗଠନିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ରାଜ୍ୟ ସଭାପତି ଧାରେନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ଅତୁଲ୍ୟ ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରଥମ ଅଧିବେଶନରେ କଳାହାଣ୍ଡି ଜିଲ୍ଲା ସଭାପତି ବିରେନ୍ଦ୍ର ବାଗ, ଜିଲ୍ଲା ଯୁଗ୍ମ ସମ୍ପାଦକ ଲିଙ୍ଗରାଜ ନାଏକ, ଜିଲ୍ଲା ସାଙ୍ଗଠନିକ ସମ୍ପାଦକ ପଦ୍ମଲୋଚନ ନାଏକ, ଜିଲ୍ଲା କୋର କମିଟି ସଦସ୍ୟ ବେଣୁଧର ନାଏକ, ପୂର୍ବତନ ସଂଘ ସଭାପତି ଭୁଜିଶ୍ୱା ଜାଲ ପ୍ରମୁଖଙ୍କ ଉପସ୍ଥିତିରେ ସାଙ୍ଗଠନିକ ଆଲୋଚନା କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ରାଜ୍ୟ ସଭାପତି ଧାରେନ ପଟ୍ଟନାୟକ ଓ ବିଭିନ୍ନ ବ୍ଲକରୁ ଯୋଗ ଦେଇଥିବା ଶିକ୍ଷକ ସଂଘର କର୍ମକର୍ତ୍ତା ଓ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମିଳିତ ଆଲୋଚନା ପରେ ସର୍ବସମ୍ମତି କ୍ରମେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ନୂତନ ସଭାପତି ଭାବେ ବୀର କିଶୋର ନାଗ, ଉପସଭାପତି ଭାବେ ଅମୂଲ୍ୟ ବେହେରା, ସୁଭାଷ ଚନ୍ଦ୍ର ବାଗ, ଶିକ୍ଷୟିତ୍ରୀ



ସ୍ୱର୍ଣ୍ଣଲତା ପାଳ, ସମ୍ପାଦକ ଭାବେ ଦିଲିପ କୁମାର ସାହୁ, ସହ ସମ୍ପାଦକ ମଣିରାମ ମାଝୀ, ଜଗନ୍ନାଥ ଦିଶାରୀ, ଅଜିତ କୁମାର ସାହୁ, ପ୍ରସନ୍ନ ନାଏକ, ମଦନ ଲାଲ ନାଏକ, କୋଷାଧ୍ୟକ୍ଷ ଦୁଲ୍ଲଭ ଚନ୍ଦ୍ର ପୂଜାରି, ଗୋଷ୍ଠୀ ସମ୍ପାଦକ ଭାବେ ସୁମନ ଅର୍ପିତ ପଣ୍ଡା, ମିଡିଆ ସେଲ ସଂଯୋଜକ ପ୍ରେମଲାଲ ସାହୁଙ୍କ ଚୟନ କରାଯାଇଛି। ମନୋନୀତ ନୂତନ କର୍ମକର୍ତ୍ତାଙ୍କୁ ଶିକ୍ଷକ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଶିକ୍ଷକ ନିଳାମ୍ବର ଦାସ ମଞ୍ଚ ସଂଯୋଜନା କରିଥିଲେ। ପୂର୍ବତନ ସଭାପତି ଭୁଜିଶ୍ୱା ଜାଲଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଘାସିରାମ ନାଏକ, ଅମିୟ କୁମାର ଜେନା, ଶୁଭେନ୍ଦୁ ପ୍ରସାଦ ମହାପାତ୍ର, ରବିନ୍ଦ୍ର ମହାରଣାଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

## ସମାଜବିଜ୍ଞାନ ବିଭାଗର ବକ୍ତୃତାମାଳା

**ଭବାନୀପାଟଣା, ୧୬।୧୧ (ସମିସ):** ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ସମାଜବିଜ୍ଞାନ ବିଭାଗ ଏବଂ ଆଇକ୍ୟୁଏସି ସେଲର ମିଳିତ ଉଦ୍ୟମରେ ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ସଭାପତିତ୍ୱରେ 'ସାଇଣ୍ଟିଫିକ ରିଭଲ୍ୟୁସନ, ପଜିଟିଭିଜିମ୍ ଆଣ୍ଡ ନଲେଜ' ଶୀର୍ଷକରେ ଅନ୍ୱେଷା ବକ୍ତୃତାମାଳା-୪୫ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ଅନ୍ୱେଷା ବକ୍ତୃତାମାଳାର ଉଦ୍ଦେଶ୍ୟ ଓ ପରିସର ବିଷୟରେ ନିଜର ମତ ଉପସ୍ଥାପନ କରିଥିଲେ। ଏହି ନିମନ୍ତ୍ରିତ ବକ୍ତୃତାମାଳାରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ସମାଜବିଜ୍ଞାନ ବିଭାଗର ମୁଖ୍ୟ ହିମାଂଶୁ ଶେଖର ଷଡଙ୍ଗୀ ବକ୍ତାରୂପେ ଉପସ୍ଥିତ ହୋଇ ବୈଜ୍ଞାନିକ ବିପ୍ଳବ କିପରି ମାନବ ବୁଝାମଣାକୁ ପରିବର୍ତ୍ତନ କରିଥିଲା ଏବଂ ପରବର୍ତ୍ତୀ ସମୟରେ ଜ୍ଞାନ ଆହରଣ ପାଇଁ ଏକ ଦାର୍ଶନିକ ଢାଞ୍ଚା ଭାବରେ ସକାରାତ୍ମକତାର ଆବିର୍ଭାବ ହୋଇଥିଲା, ସେ ସମ୍ପର୍କରେ ତାତ୍ତ୍ୱିକ ବିଶ୍ଳେଷଣ କରିଥିଲେ। ଉକ୍ତ ନିମନ୍ତ୍ରିତ ବକ୍ତୃତାମାଳାରେ ସମାଜବିଜ୍ଞାନ ବିଭାଗର ମୁଖ୍ୟ ଡ. ବିରେନ୍ଦ୍ର ସୁନା ସ୍ୱାଗତ ଅଭିଭାଷଣ ଦେଇ ବକ୍ତାଙ୍କ ପରିଚୟ ପ୍ରଦାନ କରିଥିଲେ। ସମାଜବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ପ୍ରିୟରଞ୍ଜନ ବେହେରା ଓ ସହକାରୀ ପ୍ରଫେସର ଅଶ୍ୱିନୀ ଗମାଙ୍ଗୋ ମଞ୍ଚ ପରିଚାଳନା କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ବକ୍ତା ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବାର୍ତ୍ତାଳାପ ହୋଇ ବିଭିନ୍ନ ପ୍ରଶ୍ନର ସରଳ ସମାଧାନ ହୋଇଥିଲା। ସମାଜବିଜ୍ଞାନ ବିଭାଗର ଅଧ୍ୟାପକ ଆରିଫ ରାଜା, ଅଧ୍ୟାପିକା ଡ. ରୋଜାଲିନ ବେହେରା ଓ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକମାନେ ଉପସ୍ଥିତ ଥିଲେ। ସମସ୍ତ ଗବେଷକ-ଗବେଷିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# 'ଦାୟିତ୍ୱବୋଧ ଓ ସାମ୍ବାଦିକତା ସମାଜ ପାଇଁ ଏକ ବୃହତ ମାନବିକତା'

**ଭବାନୀପାଟଣା, ୧୬।୧୧(ସମିସ):** ସାମାଜିକ ଦାୟିତ୍ୱବୋଧ ଓ ସାମ୍ବାଦିକତା ସମାଜ ପାଇଁ ଏକ ବୃହତ ମାନବିକତା। କୃତିମ ବୁଦ୍ଧିମତା ଯୁଗରେ ଗଣମାଧ୍ୟମ ସତର୍କତାର ସହ ନିଜ ଦାୟିତ୍ୱ ସମ୍ପାଦନ କରିବାର ସମୟ ଆସିଛି। ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜାତୀୟ ପ୍ରେସ୍ ଦିବସ ଅବସରରେ ଅନୁଷ୍ଠିତ 'ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱାସନୀୟତାର ସଂରକ୍ଷଣ' ଶୀର୍ଷକ ଆଲୋଚନା ଚକ୍ରରେ ଉପରୋକ୍ତ ଉକ୍ତ ପ୍ରକାଶ ପାଇଥିଲା। ବିଶେଷଭାବେ ସାମାଜିକ ଗଣମାଧ୍ୟମର ଶକ୍ତି ଓ ଗଣତାନ୍ତ୍ରିକରଣ କ୍ଷମତାକୁ ସରକାର ଓ ସାଧାରଣ ଜନତା ଗ୍ରହଣ କରିବା ସତ୍ତ୍ୱେ ଅନେକ ଭ୍ରମାତ୍ମକ ସମ୍ବାଦର ଭ୍ରମରେ ପଡ଼ିବାକୁ ବାଧ୍ୟ ହେଉଛନ୍ତି। ସୋସିଆଲ ମିଡ଼ିଆରେ ବର୍ତ୍ତମାନ ଫେକ ନ୍ୟୁଜର ହାର ବୃଦ୍ଧି ପାଉଥିବା କାରଣରୁ ଉଦ୍‌ବେଗ ପ୍ରକାଶ ପାଉଛି। କୋରନା ମହାମାରୀ ପରେ ପରେ ପ୍ରଶାସନିକ ବ୍ୟବସ୍ଥା ତଥା ସରକାରୀ ବାବୁ ଏବଂ ଗଣମାଧ୍ୟମ ଭିତରେ ସମ୍ପର୍କର ଦୂରତ୍ୱ ବୃଦ୍ଧି କରିଦିଆଯାଇଛି। ଫଳରେ କୌଣସି ଘଟଣା ଦୁର୍ଘଟଣା ଖବରର ସତ୍ୟାସତ୍ୟ ଜାଣିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କ ଠାରୁ ମତାମତ ମିଳିବା କଷ୍ଟକର ବ୍ୟାପାର ହୋଇପଡୁଛି। ଯାହାକୁ କାଉଣ୍ଟର ଭର୍ସନ କୁହାଯାଏ ତାହା ବାଇଟ ଜରିଆରେ ପାଇବା ସମ୍ଭବ ହେଉନାହିଁ। ପକ୍ଷପାତହୀନ ବିଚାରବ୍ୟକ୍ତ କ୍ଷେତ୍ରରେ ସରକାର ତଥା ପ୍ରଶାସନର ନିର୍ଭିକ ମତାମତ ଦେବା ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ବୋଲି ଗଣମାଧ୍ୟମ ପ୍ରତିନିଧିମାନେ ପ୍ରକାଶ କରିଥିଲେ। ଏଥିସହ ଆଜିର ସାମାଜିକ ବ୍ୟବସ୍ଥା ଓ ରାଜନୈତିକ ଅସ୍ଥିରତା ଗଣମାଧ୍ୟମ ଭଳି ଚତୁର୍ଥ ସ୍ତମ୍ଭକୁ କେତେ ସୁରକ୍ଷା ଦେଇପାରୁଛି ତାହା ସହଜରେ ବୁଝିହେଉଛି। ତଥାପି ଥକିନଯାଇ ଗଣମାଧ୍ୟମ ନିଜର ଦାୟିତ୍ୱବୋଧ ସମ୍ପାଦନ କରିଆସୁଛି ଏବଂ ଆଗକୁ ମଧ୍ୟ କରି ଆସୁଥିବ ବୋଲି ଗଣମାଧ୍ୟମ ପ୍ରତିନିଧିମାନେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ କହିଥିଲେ, କଳାହାଣ୍ଡିର ଛବି ବଦଳିଛି। ଜାତୀୟସ୍ତରରେ ସୁନାମ ଅର୍ଜନ ପାଇଁ ନିଜର ଚେଷ୍ଟା ସତ୍ୟ ପାଇଁ ଉତ୍ସର୍ଗ କରିବା ଉଚିତ। ବଳିଷ୍ଠ ଓ ନୀତିନିଷ୍ଠ ସାମ୍ବାଦିକତାରେ ଜିଲ୍ଲାର ବିକାଶକୁ ଅଗ୍ରାଧିକାର ଦିଆଯାଉ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଖବରଦାତା ଉମାଶଙ୍କର କର, ନିମନ୍ତ୍ରିତ ଅତିଥି





ଭାବେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ବରିଷ୍ଠ ଖବରଦାତା ସ୍ୱାଧୀନ ପାତ୍ର, ସତ୍ୟ ନାରାୟଣ ମହାପାତ୍ର, ଶାନ୍ତନୁ ବେହେରା, ଦେବେନ୍ଦ୍ର ବିଶି, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ମା'ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର ଉପକୂଳ ସଚିବ ଡ଼. ଜୟଦେବ ସାହୁ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ ପରିଚାଳନା କରିଥିବାବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ହାଇସ୍କୁଲ ଓ କଲେଜସ୍ତରରେ ହୋଇଥିବା ରଚନା ଓ ବିତର୍କ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

**ଥୁଆମୂଳ ରାମପୁର:** ଆଜି ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ କାର୍ଯ୍ୟରତ ସାମ୍ବାଦିକ ସଂଘ ପକ୍ଷରୁ ମା' ମାଣିକେଶ୍ୱରୀ ପଞ୍ଚାୟତ ସମିତି ଯୁକ୍ତଦୁଇ ବିଦ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘର ସଭାପତି ପ୍ରଦୀପ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ କୈଳାସ ଚନ୍ଦ୍ର ଛତ୍ରିଆ, ସହ ସମ୍ପାଦକ ଭାନୁପ୍ରତାପ ମୁଣ୍ଡ, କୋଷାଧ୍ୟକ୍ଷ ବିର ବଜ୍ରଙ୍ଗ ଚାରୁ ମଜୁମଦାର ନାଏକ, ପରିକ୍ଷୀତ ନାଏକ, ଅଙ୍ଗଦ ନାଏକ, ରଞ୍ଜନ ନାଏକ, ଯୁଧିଷ୍ଠିର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଅଞ୍ଚଳର ବିକାଶ ପାଇଁ ପ୍ରମୁଖ ବିଷୟ ଗୁଡିକ ଉପରେ ବିଶେଷ ଆଲୋଚନା ହୋଇଥିଲା। ଯାହା ଆଗାମୀ ଦିନରେ ପ୍ରତିଫଳିତ ହେବା ସହିତ ସକାରାଳକ ରୂପ ନେବ ବୋଲି ଦୃଢ଼ ବିଶ୍ୱାସ ରଖିଛି ସଂଘ। ଏଥିପାଇଁ ସ୍ଥାନୀୟ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧିମାନଙ୍କ ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ବୋଲି ସମୂହ ମତ ରଖିଥିଲେ। ଏଥିରେ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ସାମ୍ବାଦିକ ଅଞ୍ଜନ କୁମାର ନାଏକ ଓ ମହେଶ୍ୱର ମାଝୀ ଆମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ।

**ଜୟପାଟଣା:** ଜୟପାଟଣା ବ୍ଲକ ୱାର୍କିଙ୍ଗ ମିଡ଼ିଆ ଆସୋସିଏସନ ତରଫରୁ ସ୍ଥାନୀୟ ପର୍ଶୁରାମ ପେଲେସଠାରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଛି। ଆସୋସିଏସନର ବରିଷ୍ଠ ସଦସ୍ୟ ସୁଶୀଲ ନାଏକଙ୍କ ଆବାହକତ୍ୱରେ ୱାର୍କିଙ୍ଗ ମିଡ଼ିଆ ଆସୋସିଏସନର ସଭାପତି ଦିଲୀପ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଜୟପାଟଣା ଶାଖା ମ୍ୟାନେଜର ପ୍ରଭାକର ଦାସ, ମୁଖ୍ୟବକ୍ତା ଭାବେ ଅଞ୍ଚଳର ବରିଷ୍ଠ ସାମ୍ବାଦିକ ଶେଷଦେବ ବେହେରା, ସମ୍ମାନିତ ଅତିଥି ଭାବେ ସମାଜସେବୀ ଭାସ୍କର ପ୍ରସାଦ ବେହେରା, ବରିଷ୍ଠ ସାମ୍ବାଦିକ ପ୍ରାଣରଞ୍ଜନ ବେହେରା, ଅସରଫ ଅଲ୍ଲୀ, ସମାଜସେବୀ ରୁଦ୍ର ପ୍ରସାଦ ପାଣିଗ୍ରାହୀ, ଓକିଲ ଗଙ୍ଗାଧର ପାତ୍ର ଯୋଗ ଦେଇଥିଲେ। ଦିବଂଗତ ସାମ୍ବାଦିକ ପ୍ରଭାକର ପଟ୍ଟନାୟକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପ୍ରତ୍ୟେକ ସାମ୍ବାଦିକ ନିଷ୍ପାପର, ନିର୍ଭିକ, ଭାବେ ପ୍ରତ୍ୟେକ ଖବରକୁ ଟିକିନିଖି ତନଖି ଖବର ପ୍ରଚାର, ପ୍ରସାର କରିବା ମୁଖ୍ୟ ଦାୟିତ୍ୱ ରହିଛି। ତୃଣମୂଳସ୍ତରରୁ ଅନ୍ୟାୟ ବିରୁଦ୍ଧରେ କଲମ ମୁନରେ ସ୍ୱର ଉତ୍ତୋଳନ ସହ ଜନସାଧାରଣଙ୍କ ଉନ୍ନତି, ପ୍ରଗତି କାର୍ଯ୍ୟମାନଙ୍କରେ ସାମ୍ବାଦିକ ଛିଡ଼ାହୋଇ ଦାବି ହାସଲ କରେଇବା ଭୂମିକା ରହିଛି ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ସାମ୍ବାଦିକ ଚିତ୍ରସେନ ବାଗ, ରାଜେନ୍ଦ୍ର ପ୍ରସାଦ ପଣ୍ଡା, ବ୍ୟୋମକେଶ ପଣ୍ଡା, ରଶ୍ମି ରଞ୍ଜନ ଠାକୁର, ଜୀବନ ପ୍ରସାଦ କନ୍ଦପାନ, ମୃଣ୍ମୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିବାବେଳେ ସାମ୍ବାଦିକ ଗୋଲାପସାହୁ ଅତିଥି ପରିଚୟ, ମଞ୍ଚ ପରିଚାଳନା କରିଥିଲେ। ରାଜେନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।

**କେସିଙ୍ଗା:** କଳାହାଣ୍ଡି ଜିଲ୍ଲା କେସିଙ୍ଗାରେ ଥିବା ସାମ୍ବାଦିକ ମହାସଂଘ ପକ୍ଷରୁ ସ୍ଥାନୀୟ ପିଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ମହାସଂଘ ସଭାପତି ସୁଶାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ସମ୍ମାନିତ ଅତିଥି ଭାବରେ କେସିଙ୍ଗା ଏସଡିପିଓ ସନ୍ଦୀପ କୁମାର ମାଝୀ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବରେ ଭବାନୀପାଟଣା ବାଳିକା ମହାବିଦ୍ୟାଳୟର ପ୍ରଫେସର ଡା . ପ୍ରତ୍ୟାଶା ଧଳ ଯୋଗଦେଇଥିଲେ। ଏହି ଅବସରରେ ମହାସଂଘ ପକ୍ଷରୁ ସାମ୍ବାଦିକ ସନ୍ତୋଷ ସିଂଦେଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ ଭବାନୀପାଟଣାର ମୃଣ୍ମୟୀ ଡ୍ୟାନ୍ସ ଗ୍ରୁପ୍‌ର କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ମନଛୁଆଁ ହୋଇଥିଲା। ଶେଷରେ ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସଂଘ ସମ୍ପାଦକ ଦୟା ସୁନାନୀ, ବରିଷ୍ଠ ସାମ୍ବାଦିକ ସୁରେଶ ଅଗ୍ରୱାଲ, ଚନ୍ଦ୍ରମଣି ସ୍ୱାଇଁ, ଯଯାତୀ କେଶରୀ ଦେଓ, ମହମ୍ମଦ ଆଗା ଜାନଙ୍କ ସମେତ ସଂଘର ସମସ୍ତ ସାମ୍ବାଦିକ ବନ୍ଧୁମାନେ ଉପସ୍ଥିତ ଥିଲେ। ସେହିପରି କେସିଙ୍ଗା ନିୟନ୍ତ୍ରିତ ବଜାର କମିଟି ପରିସରରେ ଓଡ଼ିଶା ଜର୍ନାଲିଷ୍ଟ ୟୁନିଅନ କଳାହାଣ୍ଡି ପକ୍ଷରୁ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ଅଧ୍ୟାପକ ବି. ଚନ୍ଦ୍ରଶେଖର ଆଚାରୀ, ବିଶିଷ୍ଟ ଅତିଥି ଭାବରେ କେସିଙ୍ଗା ଏସଡିପିଓ ସନ୍ଦୀପ କୁମାର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କେସିଙ୍ଗାର ଜଣାଶୁଣା ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଲଳିତ କୁମାର ଅଗ୍ରୱାଲ, ପଲମର ବରିଷ୍ଠ ସାମ୍ବାଦିକ ଭିକାରୀ ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ନିରୋଜ ପଟ୍ଟନାୟକ, ଜିଲ୍ଲା ଉପସଭାପତି ମଧୁ ସିନ୍ଦୂର, ଜିଲ୍ଲା ସମ୍ପାଦକ ତୁମେଶ୍ୱର୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ବରିଷ୍ଠ ସାମ୍ବାଦିକ ଯଯାତୀ କେଶରୀ ଦେଓ।

### ଜାତୀୟ ପ୍ରେସ୍ ଦିବସ


# 'ଗଣମାଧ୍ୟମ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ନୁହେଁ, ପ୍ରଥମ ଦମ୍ଭ'

**ନୂଆପଡ଼ା, ୧୬।୧୧(ସମିସ)**



ନୂଆପଡ଼ାରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ସ୍ଥାନୀୟ ସଦ୍‌ଭାବନା ସଭା ଗୃହରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସମାରୋହରେ ଜିଲ୍ଲାର ସମସ୍ତ ଜିଲ୍ଲାସ୍ତରୀୟ ସାମ୍ବାଦିକ, ବିଭିନ୍ନ ବ୍ଲକରୁ ସାମ୍ବାଦିକମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ଏବର୍ଷ ପାଇଁ ପ୍ରେସ କାଉନସିଲ ଅଫ ଇଣ୍ଡିଆ ତରଫରୁ ରହିଥିବା ଥିମ୍ 'ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମର ବିଶ୍ୱାସନୀୟତାର ସଂରକ୍ଷଣ' ଶୀର୍ଷକ ଉପରେ ଜିଲ୍ଲାପାଳ ଶ୍ରୀ ଦାଶ ସାମ୍ବାଦିକଙ୍କୁ ସମ୍ବୋଧିତ କରି ମିଥ୍ୟା ସୂଚନାରୁ ଦୂରେଇ ରହି ସବୁବେଳେ ସତ୍ୟ ପ୍ରକାଶ କରିବାର ସାହସ ରଖିବାକୁ କହିଥିଲେ। ସମାଜର ତଳ ପାହାଚରେ ଥିବା ଅବହେଳିତ, ଦୁସ୍ଥ ଜନତାର ସ୍ୱରକୁ ପ୍ରଶାସନ ପାଖରେ ପହଞ୍ଚାଇବା ଗୁରୁ ଦାୟିତ୍ୱ ସାମ୍ବାଦିକମାନଙ୍କ ଉପରେ ନ୍ୟସ୍ତ ଅଛି। ଗଣମାଧ୍ୟମ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ନୁହେଁ ବରଂ ଏହା ପ୍ରଥମ ସ୍ତମ୍ଭ ତଥା ପ୍ରଥମ ଦମ୍ଭ ବୋଲି ଜିଲ୍ଲାପାଳ କହିଥିଲେ। ସଭାକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପରିଚାଳନା କରିଥିଲେ। ବର୍ତ୍ତମାନର ଡିଜିଟାଲ ଯୁଗରେ ମିଥ୍ୟା ଏବଂ ନକଲି ଖବର ପ୍ରସାରଣରୁ ସମାଜକୁ କିଭଳି ସୁରକ୍ଷା ମିଳିବ ଏହି ବିଷୟରେ ସେ ସାମ୍ବାଦିକମାନଙ୍କୁ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡେଇ, ବରିଷ୍ଠ ରାଜସ୍ୱ ସହାୟକ ବିଭୁଦତ୍ତ ମିଶ୍ର, ସହାୟକ ରାଜେଶ ରଞ୍ଜନ ବହିଦାର, ଗଦାଧର ମାଝି ପ୍ରମୁଖ ସହାୟତା କରିଥିଲେ। ଜିଲ୍ଲାର ସମସ୍ତ ସାମ୍ବାଦିକ, ସାମ୍ବାଦିକ ସଙ୍ଘମାନଙ୍କର ପ୍ରତିନିଧି ଏକତ୍ର ହୋଇ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।

## ଧାମନପୁରରେ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ



**ଗୋଲାମୁଣ୍ଡା, ୧୬।୧୧(ସମିସ):** ଧାମନପୁର ସରକାରୀ ଅନୁସୂଚିତ ଜାତି ଓ ଜନଜାତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ତଥା ଜନଜାତି ଗୌରବ ଦିବସ ପାଳିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ସମ୍ମାନିତ ଅତିଥି ଭାବେ ବ୍ଲକ ଆଦିବାସୀ ସଭାପତି ଦିଲୀପ ମାଝୀ, ବ୍ଲକ କନ୍ଧ ସମାଜ ସଭାପତି ବଳଭଦ୍ର ଭୋଇ, ଡବ୍ଲୁଇଓ ସୁବ୍ରତ ମିଶ୍ର, କାର୍ତ୍ତିକ ପୁରୋହିତ, ପ୍ରଧାନଶିକ୍ଷକ ନରେଶ ଯୋଶୀ, ଶିକ୍ଷକ କୁବେର ନାଏକ ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହି ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସହ ଶିକ୍ଷକ ସୁବାସ ବାଗ ସଭା ପରିଚାଳନା କରିଥିଲେ। ଉକ୍ତ ଅବସରରେ ବିଭିନ୍ନ ବିଭାଗରେ କୃତୀ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଦେଇ ପ୍ରଦାନ କରାଯାଇଥିଲା।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ଜାତୀୟ ପ୍ରେସ ଦିବସ

# ‘ଗଣମାଧ୍ୟମର ବିଶ୍ୱସନୀୟତା ପାଇଁ ସାମ୍ବାଦିକମାନେ ଦାୟିତ୍ୱବାନ ହେବା ଉଚିତ୍’

ରାଉରକେଲା ୧୬।୧୧(ସମିସ)

ଜିଲ୍ଲା ସୂଚନା ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଜାତୀୟ ପ୍ରେସ ଦିବସ ଆଜି ଆଇଟିଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ “ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମର ବିଶ୍ୱସନୀୟତା ସଂରକ୍ଷଣ’ ସଂକ୍ରାନ୍ତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ରାଉରକେଲା ମହାନଗର ଆୟୁକ୍ତ ଦୀନା ଦସ୍ତଗୀର ଯୋଗ ଦେଇ ଜାତୀୟ ପ୍ରେସ୍ ଦିବସର ଗୁରୁତ୍ୱ ଏବଂ ଆବଶ୍ୟକତା ସମ୍ପର୍କରେ ନିଜର ଅନୁଭବ ଓ ଅଭିଜ୍ଞତା ସମ୍ପର୍କରେ ସୂଚନା ଦେଇଥିଲେ। ଏହା ସହିତ ସମାଜରେ ସନ୍ତୁଳନ ଓ ସମାଜ ହିତ ପାଇଁ ବିଭିନ୍ନ ବର୍ଗର ସାମ୍ବାଦିକମାନଙ୍କ ଦାୟିତ୍ୱବଦ୍ଧତା ରହିଲେ ଗଣମାଧ୍ୟମର ବିଶ୍ୱସନୀୟତା ବଜାୟ ରହିବ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ଯୋଗ ଦେଇ କହିଥିଲେ ଯେ ସାମ୍ବାଦିକମାନେ ସର୍ବଦା ଠିକ୍ ବା ସତ୍ୟ ସମ୍ବାଦ ପରିବେଷଣ କଲେ ସମାଜ ଓ ବ୍ୟବସ୍ଥା ସଠିକଭାବେ ଚାଲିବ। ଏହା ସହିତ ଆସନ୍ତା ଦିନରେ ରାଉରକେଲାର ସାମ୍ବାଦିକମାନଙ୍କୁ ସମସ୍ତ ପ୍ରକାରର ପ୍ରଶାସନିକ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସାମ୍ବାଦିକ ମହେନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ଦିବସ ପାଳନ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ।



ଏହି ଅବସରରେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ବରିଷ୍ଠ ସାମ୍ବାଦିକ ଦେବବ୍ରତ ପଟ୍ଟନାୟକ, ଜଟାଧାରି ମାଝି, ସଂଗ୍ରାମ କିଶୋର ଭୁୟାଁ, ବିବେକାନନ୍ଦ ଦାସ, ସତ୍ୟାନନ୍ଦ ବେହେରା, ନିଗମାନନ୍ଦ ଦାସ, ପବନ ତିୱାରୀ, ସଞ୍ଜୀବ ନାୟକ, ରଜନୀକାନ୍ତ ସ୍ୱାଇଁ ପ୍ରମୁଖ ଆଲୋଚ୍ୟ ପ୍ରସଙ୍ଗ ସମ୍ପର୍କରେ ନିଜ ନିଜର ମତ ରଖିଥିଲେ। ବିଶେଷ କରି ଭ୍ରମାତ୍ମକ ଖବର ପରିବେଷଣର ବିଭିନ୍ନ ଦିଗ ସହିତ ଗଣମାଧ୍ୟମରେ ବିଶ୍ୱସନୀୟତାର ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ଏହି ଅବସରରେ ଆଲୋଚନା ହୋଇଥିଲା। ଏହି ଅବସରରେ ବିଭିନ୍ନ ସମ୍ବାଦପତ୍ରର ଏକ ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖିଥିଲେ।

ଶେଷରେ ବଣାଇଁ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବଣାଇଁ ଓ ରାଉରକେଲାର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମ ଆୟୋଜନରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ବଦ୍ରିନାଥ ରାଉତ, ବିନିତା କର, ଭୋମା ଅହିର, ପ୍ରଦୀପ ମଲ୍ଲିକ୍, ଏଡ୍ୱିନ୍ ତିର୍କୀ ଓ ସୀତା ପ୍ରଧାନ ପ୍ରମୁଖ କର୍ମଚାରୀମାନେ ସକ୍ରୀୟ ସହଯୋଗ କରିଥିଲେ।

# ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ସାମ୍ବାଦିକଙ୍କ ଦାବିପତ୍ର



**ରାଉରକେଲା,୧୬।୧୧(ସମିସ):** ରାଉରକେଲା କାର୍ଯ୍ୟରତ ସାମ୍ବାଦିକ ଗୃହ ସମବାୟ ସମିତି ପକ୍ଷରୁ ରାଉରକେଲାରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ପାଇଁ ବାସଗୃହ ନିମନ୍ତେ ସରକାରୀ ଜମି ଯୋଗାଇବା ଦାବୀରେ ଆଜି ଜାତୀୟ ପ୍ରେସ ଦିବସ ପାଳନ ଅବସରରେ ସ୍ଥାନୀୟ ମେ’ ଫେୟାର ହୋଟେଲ ପରିସରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ସାକ୍ଷାତ କରି କର୍ମଜୀବୀ ସାମ୍ବାଦିକମାନେ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଗତ ୨୦ ବର୍ଷ ଧରି ଆରଡିଏ କିମ୍ବା ଓଏସଏଚବି କର୍ତ୍ତୃପକ୍ଷ କେହି ବି ରାଉରକେଲା ସହରରେ କୌଣସି ଗୃହ ନିର୍ମାଣ ପ୍ରକଳ୍ପ କରିପାରି ନାହାଁନ୍ତି। ରାଉରକେଲାରେ ଓଏସ୍ଏଚ୍ବି ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଯାଇଛି। ଏହି ବର୍ଷଗୁଡ଼ିକରେ ଆରଡିଏ ଦ୍ୱାରା ଯେଉଁ ସବୁ ପ୍ଲଟ୍ ଆବଣ୍ଟିତ ହୋଇଥିଲା, ସେଗୁଡ଼ିକ ସର୍ବୋଚ୍ଚ ନିଲାମ ପ୍ରକ୍ରିୟାରେ ଥିଲା କିମ୍ବା ନିଲାମ କରାଯାଇଥିଲା। ହେଲେ ସାମ୍ବାଦିକମାନେ ଉକ୍ତ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରି ଜମି ଖଣ୍ଡେ ପାଇବା କାଠିକର ପାଠ। ସୁତରାଂ ରାଉରକେଲାରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ପାଇଁ କାର୍ଯ୍ୟରତ ସାମ୍ବାଦିକ ଗୃହ ସମବାୟ ସମିତି ଭାବେ ସମସ୍ତ ସାମ୍ବାଦିକଙ୍କ ବାସଗୃହ ନିର୍ମାଣ ପାଇଁ ରାଉରକେଲାର କେନ୍ଦ୍ର ସ୍ଥଳରେ ପାଞ୍ଚ ଏକର କ୍ଷେତ୍ରଫଳ ବିଶିଷ୍ଟ ଉପଯୁକ୍ତ ସରକାରୀ ଜମିର ଚିହ୍ନଟ କରି ଆବଣ୍ଟନ ଜମି ଆବଣ୍ଟନ କରିବା ନିମନ୍ତେ ଏହି ସ୍ମାରକପତ୍ର ଜରିଆରେ ସାମ୍ବାଦିକମାନେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ସହାୟତା ଲୋଡିଥିଲେ। ଏହି ପଦକ୍ଷେପ ସାମ୍ବାଦିକମାନଙ୍କ ଆର୍ଥିକ ସମସ୍ୟା ଜନିତ ଏବଂ ଗୃହ ନିର୍ମାଣ ଚ୍ୟାଲେଞ୍ଜକୁ ଦୂର କରିବାରେ ସାହାଯ୍ୟ କରିବା ସହ ସୁସ୍ଥ ସମ୍ବାଦ ପରିବେଷଣ କରିବାରେ ପ୍ରୋତ୍ସାହିତ କରିବ ବୋଲି କୁହାଯାଇଛି। ଏହି ଗୃହ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକୀୟ ଅନୁମତି, ଭିତ୍ତିଭୂମି ସହାୟତା ଏବଂ ଆର୍ଥିକ ଯୋଜନାକୁ ନିଶ୍ଚିତ କରିବା ପାଇଁ ଅନୁରୋଧ କରାଯାଇଛି।“ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଦେବବ୍ରତ ପଟ୍ଟନାୟକ, ପ୍ରତାପ ରାଉତ, ମଳୟ କୁମାର ସାହୁ, ରଜନୀକାନ୍ତ ସ୍ୱାଇଁ, ମଳୟ କୁମାର ରାୟ, ସଙ୍ଗୀତା ଜେନା, ସୁଭାଷ ବର୍ମା, ରାଜୁ ପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ। ଏହି ଅବସରରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍, ବରିଷ୍ଠ ବିଜେପି ନେତା ରଞ୍ଜନ ପଟେଲ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, ବରିଷ୍ଠ ବିଜେପି ନେତା ଧିରେନ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ମୁକ୍ତ ନାଟକ ମଞ୍ଚରେ ‘କଳଙ୍କ ମୋ ପାଇଁ ଚନ୍ଦନ ଟୋପା’ ମଞ୍ଚସ୍ଥ



**ରାଉରକେଲା,୧୬।୧୧(ସମିସ):** ଶ୍ରୀକୃଷ୍ଣ ସାଂସ୍କୃତିକ କଳା ପରିଷଦର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଛେଣ୍ଡ ଭିଏସଏସ ମାର୍କେଟ ପରିସରରେ ମୁକ୍ତ ନାଟକ ମଞ୍ଚରେ ଶ୍ରୀକୃଷ୍ଣ ସାଂସ୍କୃତିକ କଳା ପରିଷଦ ପକ୍ଷରୁ ପ୍ରଥମ ରଜନୀରେ ପରିଷଦର କଳାକାରମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା ସାମାଜିକ ନାଟକ ‘କଳଙ୍କ ମୋ ପାଇଁ ଚନ୍ଦନ ଟୋପା’। ଏହି ଅବସରରେ ଅନୁଷ୍ଠାନ ସଭାପତି ପ୍ରଦୀପ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅର୍ବାନ କୋ ଅପରେଟିଭ ବ୍ୟାଙ୍କ୍ ସଭାପତି ଦିଲୀପ ମହାପାତ୍ର ଯୋଗ ଦେଇ ନାଟକ ସମାଜର ଦର୍ପଣ ସଦୃଶ ଯେଉଁଥିରେ ସମାଜ ନିଜକୁ ସୁଧାରିବାରେ ସୁଯୋଗ ପାଇଥାଏ ବୋଲି କହିଥିଲେ। ଅଧିବକ୍ତା କଲ୍ୟାଣ କମଳ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଭରତ ଚନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହ ସମ୍ପାଦକ ବି. ଜେନା, ସାଂସ୍କୃତିକ ସମ୍ପାଦକ ଡି.କେ. ଜେନା, ଉପଦେଷ୍ଟା ଆଲୋକ ବୋଷ, ଚନ୍ଦ୍ରମଣି ମାଝୀ, ଅମୂଲ୍ୟ କୁମାର ଧଳ, ନାଟକ ନିର୍ଦ୍ଦେଶକ ସୁରେନ୍ଦ୍ର ପାଢୀ ଉପସ୍ଥିତ ଥିଲେ। ପ୍ରବୀର ଜେନା ମଞ୍ଚ ପରିଚାଳନା କରିଥିଲେ। ଏହାପରେ ମଞ୍ଚସ୍ଥ ହୋଇଥିଲା ସାମାଜିକ ନାଟକ ‘କଳଙ୍କ ମୋ ପାଇଁ ଚନ୍ଦନ ଟୋପା’। ଶେଷରେ ନାଟ୍ୟ ନିର୍ଦ୍ଦେଶକ ସନ୍ଦୀପ କୁମାର ଚାନ୍ଦଙ୍କୁ ସମ୍ମାନିତ କରାଯାଇଥିଲା।

# ବିର୍ସାମୁଣ୍ଡାଙ୍କ ଜୟନ୍ତୀ ପାଳିତ

**ରାଉରକେଲା,୧୬।୧୧(ସମିସ):** ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ପରିଷଦ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଆଦିବାସୀ ସଂଗ୍ରାମୀ ନେତା ଧରତୀ ଆବା ବିର୍ସା ମୁଣ୍ଡାଙ୍କର ୧୫୦ତମ ଜୟନ୍ତୀ କୁତ୍ରା ଗ୍ରାମପଞ୍ଚାୟତ କଲ୍ୟାଣ ମଣ୍ଡପ ଠାରେ ପାଳନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ କୁତ୍ରା ଗ୍ରାମପଞ୍ଚାୟତର ସରପଞ୍ଚ ଭୂବନ କୁଜୁର ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ କୀର୍ତ୍ତି ଏକ୍କା, ସଭାପତି ସଦାନନ୍ଦ ପ୍ରଧାନ, ସମ୍ପାଦକ ଧରଣୀଧର ମଲ୍ଲିକ, ଏମ୍ପରିୟାଲ ସମ୍ପାଦକ ଜୋସିଲା ଟିଗା, ସହ ଏମ୍ପରିୟାଲ ସଂପାଦକ ସୁଶାନ୍ତ କିଶାନ ଅତିଥି ଭାବେ ମଞ୍ଚସୀନ ଥିଲେ। ଏହାସହ ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ତଥା ସଭାପତି ସଦାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲବଣିଧର କାର୍ଲୋ, ଯମୁନା ବାର୍ଲା , ହୀରାଦ କୁଜୁର, ପୁଲିନ୍ଦ୍ର ଦେହୁରୀଆ, ଡମ୍ବରୁଧର ନାଏକ, ବାସୁଦେବ ବାରିକ୍, ମଧୁ ଲାକ୍ରା , ବିରବଲ ଏକ୍କା ପ୍ରମୁଖ ଯୋଗ ଦେଇଥିଲେ। ଶର୍ମିଳା ଥାଲୋକୋ ଓ ପବିତ୍ର ପାତ୍ର ମଞ୍ଚ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଧରଣିଧର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## କୋଇଡ଼ା ଲିଜେଣ୍ଡ ଏକ ଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# କୋଇଡ଼ା ଭେଟେରାନ୍ ଚାମ୍ପିଅନ



**କୋଇଡ଼ା,୧୬।୧୧(ସମିସ):** କୋଇଡା ଲିଜେଣ୍ଡ୍ସ ପକ୍ଷରୁ ଏକ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୋପବନ୍ଧୁ ମିନି ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମ ମ୍ୟାଚ୍ ଆଡମିନ କୋଇଡ଼ା ବନାମ କାଲଟା ଭେଟେରାନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଆଡମିନ କୋଇଡା ବିଜୟଲାଭ କରି ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ କୋଇଡ଼ା ସାମ୍ବାଦିକ ବନାମ କୋଇଡା ଭେଟେରାନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ କୋଇଡା ଭେଟେରାନ୍ ବିଜୟୀ ହୋଇ କୋଇଡ଼ା ଆଡ୍‌ମିନ ସହ ଫାଇନାଲ ମ୍ୟାଚ୍ ଖେଳିଥିଲେ। ଫାଇନାଲ ମୁକାବିଲା ପୂର୍ବରୁ କେସିଏ ବରିଷ୍ଠ ଏବଂ କେସିଏ କନିଷ୍ଠଙ୍କ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ କେସିଏ କନିଷ୍ଠ ଦଳ ବିଜୟ ଲାଭ କରିଥିଲେ। ପରିଶେଷରେ ରୋମାଞ୍ଚକର ଫାଇନାଲ ମୁକାବିଲାରେ କୋଇଡା ଭେଟେରାନ୍ ଦଳ ମ୍ୟାଚ୍‌ରେ ବିଜୟଲାଭ କରି ଚାମ୍ପିଅନ୍ ହୋଇଥିଲେ। ପରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଟୁର୍ଣ୍ଣାମେଣ୍ଟ ର ଚାମ୍ପିୟନ୍, ରନର୍ସପ, ପ୍ରଦର୍ଶନୀ ମ୍ୟାଚ୍ ଉଭୟ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ଖେଳ ମ୍ୟାନ୍ ଓଫ ଦି ମ୍ୟାଚ୍ ଗଙ୍ଗାଧର ଜେନା, ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳୀ ଭାବେ ବରିଷ୍ଠ ଖେଳାଳି ଶ୍ରୀକାନ୍ତ ଜେନା, ଶ୍ରେଷ୍ଠ ଫିଲ୍ଡର ଭାବେ ଆଡମିନ୍ ଦଳର ପଙ୍କଜ କୁମାର ସାମଦ (ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ)ଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟ ଆୟୋଜନ ଓ ପରିଚାଳନାରେ ବରିଷ୍ଠ ଖେଳାଳି ଓ କୋଇଡା କ୍ରିକେଟ ଆସୋସିଏସନର ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ।

# ବଡଗାଁରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ରାଉରକେଲା, ୧୬।୧୧ (ସମିସ):** ସୁନ୍ଦରଗଡ଼ ପୁଲିସ ଜିଲ୍ଲାର ବଡ଼ଗାଁ ଅଞ୍ଚଳରେ ବଡଗାଁ ପୁଲିସ ପକ୍ଷରୁ ଆୟୋଜିତ ହୋଇଛି ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ। ସୁନ୍ଦରଗଡ ଏସପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ଏକ ବିଶାଳ ୱାକାଥନ ଆୟୋଜିତ ହୋଇଥିଲା। ଏହାସହ ସାଇବର ରଥ ଓ ସାଇବର ଅପରାଧ ସଚେତନତା ପାଇଁ ଉଦ୍ଦିଷ୍ଟ ମାସ୍କଟ୍ ‘ସାଇରା’କୁ ସ୍ୱାଗତ କରାଯାଇଥିଲେ। ଏହି ସଚେତନତା ରଥ ଶୋଭାଯାତ୍ରାରେ ବଡଗାଁ କଲେଜର ଅଧ୍ୟକ୍ଷ ଅରୁଣ କୁମାର ନାୟକ ଏବଂ ଜୁନିୟର କଲେଜର ଅଧ୍ୟକ୍ଷ ହେମନ୍ତ କୁମାର ପଣ୍ଡା ସାମିଲ ହୋଇ ସଚେତନ କରିଥିଲେ। ସୂଚନା ମୁତାବକ ଏହି ସାଇବର ଅପରାଧ ସଚେତନତା ରଥ ବଡଗାଁ ସହର ପରିକ୍ରମା କରିଥିଲା। ଏହି ଅବସରରେ ପ୍ରଥମେ ସୁନ୍ଦରଗଡ଼ ଏସପି ଅମ୍ରିତପାଲ କୌର ବଡଗାଁ ବସଷ୍ଟାଣ୍ଡ ଠାରେ ଏହି ସାଇବର ସୁରକ୍ଷା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ବଡଗାଁ ବସଷ୍ଟାଣ୍ଡରୁ ବାହାରି ବଡଗାଁ ବ୍ଲକ ଅଫିସ, ବଡଗାଁ ତହସିଲ କାର୍ଯ୍ୟାଳୟ, ବଡଗାଁ ସହର ପରିକ୍ରମା କରି ଶେଷରେ ବଡଗାଁ ନର୍ସି କଲେଜ ନିକଟରେ ଶେଷ ହୋଇଥିଲା। ଅଂଶଗ୍ରହଣକାରୀମାନେ ପ୍ଲାକାର୍ଡ ଏବଂ ବ୍ୟାନର ଧରି ନିରାପଦ ଅନଲାଇନ୍ ଅଭ୍ୟାସ, ଦାୟିତ୍ୱପୂର୍ଣ୍ଣ ଡିଜିଟାଲ୍ ଆଚରଣ ଏବଂ ସାଇବର ଅପରାଧ ନିବାରଣ ଉପରେ ପ୍ରମୁଖ ବାର୍ତ୍ତା ପ୍ରଦାନ କରିଥିଲେ।



ଏହାପରେ ବଡଗାଁ ନର୍ସି କଲେଜ ପରିସରରେ ଅତିରିକ୍ତ ଏସପି ମହେନ୍ଦ୍ର ମୁର୍ମୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ସଚେତନତା ସଭାରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ ଏସପି ଅମ୍ରିତପାଲ କୌର ଯୋଗ ଦେଇ ସାଇବର ଠକଙ୍କ ଠାରୁ ବଞ୍ଚିବା ପାଇଁ ସଚେତନତା ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ବିଶେଷ କରି ଲୋକମାନଙ୍କ ମଧ୍ୟରେ ସାଇବର ସୁରକ୍ଷା ଏବଂ ଡିଜିଟାଲ୍ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ ସାଇବର ଅପରାଧିଙ୍କ ଠାରୁ ସତର୍କ ରହିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ମାଧ୍ୟମରେ ସୁନ୍ଦରଗଡ ଜିଲ୍ଲା ପୁଲିସ ପକ୍ଷରୁ ନିରନ୍ତର ପ୍ରୟାସ ଜାରି ରହିଛି ବୋଲି ଉଲ୍ଲେଖ କରି ସାଇବର ଠକଙ୍କ ଠାରୁ ସତର୍କ ରହିବା, କୌଣସି ଅଜଣା ଲୋକ ସହ ଓଟିପି ତଥା ବ୍ୟକ୍ତିଗତ ତଥ୍ୟ ଯେମିତିକି ଆଧାର, ପାନ୍ କାର୍ଡ ନମ୍ବର ଆଦି ସେୟାର ନ କରିବା, ଅନଲାଇନ୍‌ରେ କୌଣସି ଅଜ୍ଞାତ ଲିଙ୍କକୁ କ୍ଲିକ୍ କରିବା ପୂର୍ବରୁ ବାରମ୍ବାର ଚିନ୍ତା କରିବା, ସୁରକ୍ଷିତ ଓ ଦାୟିତ୍ୱପୂର୍ଣ୍ଣ ଇଣ୍ଟରନେଟ୍ ବ୍ୟବହାର ଲାଗି ପରାମର୍ଶ ଦେବା ସହ ଯେ କୌଣସି ସନ୍ଦିଗ୍ଧ ସାଇବର କାର୍ଯ୍ୟକଳାପର ସମ୍ମୁଖୀନ ହେଲେ ଏହାକୁ ତୁରନ୍ତ ନିକଟତମ ପୁଲିସ ଷ୍ଟେସନ କିମ୍ବା ସାଇବର ହେଲ୍ପଲାଇନ୍‌କୁ ରିପୋର୍ଟ କରିବାକୁ ଏସପି ଶ୍ରୀମତୀ କୌର ଅନୁରୋଧ କରିଥିଲେ। ଏହି ଅବସରରେ ଆଦିବାସୀ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ, ସାଦ୍ରି ଭାଷାରେ ସଙ୍ଗୀତ ମାଧ୍ୟମରେ ସଚେତନ କରାଯାଇଥିଲା। ବଡଗାଁ ଥାନା ଅଧିକାରୀ ବାଲୁଙ୍କେଶ୍?ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମେତ ବିଭିନ୍ନ ପୁଲିସ ଅଧିକାରୀ, କର୍ମଚାରୀଙ୍କ ସହିତ ଛାତ୍ର, ଶିକ୍ଷକ, ଶତାଧିକ ବଡଗାଁବାସୀ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆରଆଇ ଲୋକନାଥ ଭୋଇ ଏବଂ ବଡଗାଁ ଅତିରିକ୍ତ ତହସିଲଦାର ମଞ୍ଚାସୀନ ଥିଲେ। ଏସଡିପିଓ ବିଭୂତି ଭୂଷଣ ଭୋଇ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଆଇଆଇସି ଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଏନସିର ଅଧ୍ୟାପିକା ଶୈଳଜା ମଞ୍ଚ ପରିଚାଳନା କରିଥିଲେ।

# ୨୦ତମ ଶିଶୁ ମହୋତ୍ସବ ଉଦ୍‌ଘାଟିତ

**ରାଉରକେଲା,୧୬।୧୧(ସମିସ):** ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ‘ସ୍ପନ୍ଦନ’ ଓ ଗୃହସ୍ଥୀ ଉଦ୍ୟୋଗ ପ୍ରାଇଭେଟ୍ ଲିମିଟେଡ ମିଳିତ ସହଯୋଗରେ ସିଭିକ୍ ସେଣ୍ଟର୍ ଠାରେ ୨୦ତମ ଶିଶୁ ମହୋତ୍ସବ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, ସମ୍ମାନିତ ଅତିଥି ଭାବେ ରାଉରକେଲା ଇସ୍ପାତ କାରଖାନା ଲୋକ ସମ୍ପର୍କ ବିଭାଗର ମହାପ୍ରବନ୍ଧକ ଅର୍ଚ୍ଚନା ଶତପଥୀ, ଅନ୍ୟତମ ସମ୍ମାନିତ ଅତିଥି ମୁନିସିପାଲ ମହାବିଦ୍ୟାଳୟ ଅଧକ୍ଷ



ପ୍ରଫେସର ହରିହର ଦାସ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ନାଟକର ମହତ୍ତ୍ୱ କହିବା ସହ ଅଭିଭାବକମାନେ ଶିଶୁମାନଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ନିମିତ୍ତ ଏପରି କାର୍ଯ୍ୟକ୍ରମରେ ସାମିଲ ହେବା ଉଚିତ ବୋଲି ଅତିଥି ମାନେ ମତବ୍ୟକ୍ତ କରିବା ସହ ସ୍ପନ୍ଦନର ଏତାଦୃଶ ଉଦ୍ୟମକୁ ପ୍ରଶଂସା କରିଥିଲେ। ସ୍ପନ୍ଦନର ସାଧାରଣ ସମ୍ପାଦକ ପ୍ରଫେସର ଡକ୍ଟର ସମର ମୁଦାଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଝିଲିମା ମହାନ୍ତି ସଂଯୋଜନା କରିଥିଲେ। ଯାସିକା ପ୍ରସାଦ ସଭା ପରିଚାଳନା କରିଥିଲେ। ଏହାପରେ ୬ଟି ବିଦ୍ୟାଳୟର ଶିଶୁ କଳାକାରମାନେ ଚମତ୍କାର ନାଟକ ପରିବେଷଣ କରିଥିଲେ। ସର୍ବ ପ୍ରଥମେ ସେକ୍ଟର- ୬ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀମାନେ ‘ତମେ କିଏ’ ନାଟକ ପରିବେଷଣ କରିଥିବା ବେଳେ ଓ ଦୀପିକା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ରଛାତ୍ରୀ ନାଟକ ‘ସମୟର ଡୋରି’, ସେକ୍ଟର -୭ ଚିନ୍ମୟ ସ୍କୁଲର ଛାତ୍ରଛାତ୍ରୀ ନାଟକ ‘ଅନୁତାପ’ ଓ ସେଣ୍ଟ ପଲ୍ସ ସ୍କୁଲର ଛାତ୍ରଛାତ୍ରୀ ନାଟକ ‘ମୋ ମାଟି’ ପରିବେଷଣ କରିଥିଲେ।

ସେହିପରି ସେକ୍ଟର-୫ ଅରବିନ୍ଦ ସ୍କୁଲର ଛାତ୍ରଛାତ୍ରୀ ନାଟକ ନୂତନ ସଂଗତି ଜୀବନ ଗୀତି ପରିବେଷଣ କରିଥିବା ବେଳେ ବିଶ୍ରା ଡାହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ନାଟକ ‘ଉପହାର’ ପରିବେଷଣ କରିଥିଲେ। ସମ୍ପାଦକ ଡକ୍ଟର ସତ୍ୟ ମିଶ୍ର ଧନ୍ୟବାଦ୍ ଦେଇଥିଲେ। ଆସନ୍ତା କାଲି ଅପରାହ୍ଣରେ ନାଟକ ପ୍ରତିଯୋଗିତାର ୯ଟି ନାଟକ ପରିବେଷଣ ହେବ। ନଭେମ୍ବର ୧୮ ତାରିଖରେ ଦଳଗତ ନୃତ୍ୟ ସହ ମୟୂରଭଞ୍ଜରୁ ଆସିଥିବା ଉତ୍ତରସାହି ଛଉ ପ୍ରତିଷ୍ଠାନ ପକ୍ଷରୁ ଆକର୍ଷଣୀୟ ଛଉ ନୃତ୍ୟ ପରିବେଷିତ ହେବ ବୋଲି ସୂଚନା ମିଳିଛି।

## ରାଉରକେଲା ଷ୍ଟିଲ ମଜଦୂର ୟୁନିୟନ୍‌ର ତ୍ରୟୋବାର୍ଷିକ ସମ୍ମିଳନୀ

# ଆର୍‌ଏସ୍‌ପିର ବିଭିନ୍ନ ବିଭାଗ ଘରୋଇକରଣକୁ ବିରୋଧ

ରାଉରକେଲା,୧୬।୧୧(ସମିସ)

ରାଉରକେଲା ଷ୍ଟିଲ ମଜଦୂର ୟୁନିୟନ୍‌ର ତ୍ରୟୋବାର୍ଷିକ ସମ୍ମିଳନୀ ଆଜି ସେକ୍ଟର -୫ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଆମ୍ବାଗାନସ୍ଥିତ ଗୋପବନ୍ଧୁଙ୍କ ମୂର୍ତ୍ତିରେ ଏଆଇଏସଡବ୍ଲ୍ୟୁଏଫ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ଏନଜେସିଏସ ସଭ୍ୟ ବିଦ୍ୟା ସାଗର ଗିରି ଓ ରାଉରକେଲା ଷ୍ଟିଲ ମଜଦୂର ୟୁନିୟନ୍‌ର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସେଠୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ଏକ ଶୋଭାଯାତ୍ରା ଆମ୍ବାଗାନ ଛକରୁ ବାହାରି ସେକ୍ଟର - ୫ କାର୍ଯ୍ୟାଳୟରେ ପହଞ୍ଚିବା ପରେ ପତାକା ଉତୋଳନ କରାଯାଇଥିଲା। ୟୁନିୟନର କାର୍ଯ୍ୟକାରୀ ସଭାପତି କୈଳାଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏନଜେସିଏସ ସଭ୍ୟ ବୋକାରୋ କାମଗାର ୟୁନିୟନ୍‌ର ସାଧାରଣ ସମ୍ପାଦକ ରାମାଶ୍ରୟ ପ୍ରସାଦ ସିଂହ, ଓଡ଼ିଶା ରାଜ୍ୟ ସଭାପତି ଅଶୋକ ଦାସ, ସାଧାରଣ ସମ୍ପାଦକ ବିଜୟ ଜେନା, ବୋକାରୋ ଠିକା ଶ୍ରମିକ ୟୁନିୟନ୍‌ର ସମ୍ପାଦକ ଓମ୍ ପ୍ରକାଶ ରାୟ, ଓଡ଼ିଶା ରାଜ୍ୟ ଏଆଇଟିୟୁସିର ସମ୍ପାଦକ ପ୍ରଦୋଷ ମହାନ୍ତି, ଜିଲ୍ଲା ସମ୍ପାଦକ ସଦାନନ୍ଦ ସାହୁ ଓ ରାଉରକେଲା ଷ୍ଟିଲ ମଜଦୂର ୟୁନିୟନ୍‌ର ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଇସ୍ପାତ କର୍ମଚାରୀଙ୍କର ୩୯ ମାସର ବକେୟା, ଏନଜେସିଏସ ବୈଠକ ସମ୍ପନ୍ନ କରିବା, ଏକ ନିର୍ଦ୍ଦିଷ୍ଟ ରାଶି ସ୍ଥିର କରି ଅବସର ପରେ ଶ୍ରମିକ କର୍ମଚାରୀଙ୍କୁ ବାସଗୃହ ପ୍ରଦାନ କରିବା, ଅଯୌକ୍ତିକ ବୋନସ ଫର୍ମୁଲା ବାତିଲ କରି ସଂଶୋଧନ କରିବା, ସ୍ଥାୟୀ କାମରେ ସ୍ଥାୟୀ ନିଯୁକ୍ତି ଉପରେ ନେତୃଗଣ ବିସ୍ତୃତ ଆଲୋଚନା କରିଥିଲେ। ଏତଦ୍‌ବ୍ୟତୀତ ରାଉରକେଲା ଇସ୍ପାତ କାରଖାନାର ସହର ସେବା ବିଭାଗ ଓ ଆଇଜିଏଚକୁ ଯେପରି ଘରୋଇକରଣ କରାଯାଉଛି ତାକୁ ରକ୍ଷା କରିବା ପାଇଁ ସମସ୍ତ ସଂଗଠନ ଏକଜୁଟ ହେବା ଆବଶ୍ୟକ ବୋଲି ସାଥୀ ବିଜୟ ଜେନା ଉପସ୍ଥିତ ଶ୍ରମିକଙ୍କୁ କହିଥିଲେ। ଏହିସବୁ ଦାବି ପୁରାଣ ନହେଲେ ଆଗାମୀ ଦିନରେ ଲଢେଇ ହେବ ବୋଲି ସାଥୀ ରାମାଶ୍ରୟ ପ୍ରସାଦ ସିଂହ ଚେତାବନୀ ଦେଇଥିଲେ। ଡବଲ ଇଞ୍ଜିନ ସରକାର ଇସ୍ପାତ ଶିଳ୍ପକୁ ଆଗାମୀ ଦିନରେ ଘରୋଇ ସଂସ୍ଥା ହାତରେ ଟେକି ଦେଇ ରାଉରକେଲା ପୁଣି ଥରେ ମୃତ ସହରରେ ପରିଣତ ହେବ ବୋଲି ସାଥୀ ମାନେ ଶ୍ରମିକଙ୍କୁ ଅବଗତ କରିଥିଲେ।




ଏହି ଅବସରରେ ସଂଗଠନର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ତଦନୁଯାୟୀ ସଭାପତି ଭାବେ ବିଦ୍ୟା ସାଗର ଗିରି ମନୋନୀତ ହୋଇଥିବା ବେଳେ ବିଜୟ ଜେନା ଉପ ସଭାପତି. କୈଳାଶ ନାୟକ ଉପ ସଭାପତି, ଅରୁଣ ବିଶ୍ୱାଳ ଉପ ସଭାପତି, ପ୍ରଦୋଷ ମହାନ୍ତି କାର୍ଯ୍ୟକାରୀ ସଭାପତି, ରମେଶ ଚନ୍ଦ୍ର ସେଠୀ ସାଧାରଣ ସମ୍ପାଦକ, ସବ୍ୟସାଚୀ ନାୟକ ଉପସାଧାରଣ ସମ୍ପାଦକ, ସିଦ୍ଧାର୍ଥ ନାୟକ କୋଷାଧ୍ୟକ୍ଷ, ପ୍ରମୋଦ ବେହେରା ସହ ସମ୍ପାଦକ, ପ୍ରଦୀପ ମହନ୍ତ ଓ ବିଷ୍ଣୁ ପ୍ରସାଦ ଦାସ ସହ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ଏତଦବ୍ୟତୀତ ଉପଦେଷ୍ଟା ଭାବେ ସଦାନନ୍ଦ ସାହୁ ଅର୍ଜୁନ ଭୋଇଙ୍କୁ ଚୟନ କରାଯାଇଥିଲା। ଶେଷରେ ସବ୍ୟସାଚୀ ନାୟକ ଧନ୍ୟବାଦ୍ ଦେଇଥିଲେ।

# ସମ୍ପାଦକୀୟ



ସ୍ୱାଧୀନ ଭାରତର ଅନନ୍ୟ ଉପଲବ୍ଧି ମଧ୍ୟରୁ ମୁକ୍ତ ଗଣମାଧ୍ୟମ ଅନ୍ୟତମ।
-ସବାନା ଆଜ୍‌ମୀ

ସକାଳ THE SAKALA

## ଅର୍ଥନୀତି ଉପରେ ରାଜନୀତି ବୋଝ

କ୍ଷମତା ହାସଲ ପାଇଁ ନିର୍ବାଚନ ରଣନୀତିର ଏକ ଅପରିହାର୍ଯ୍ୟ ଅଙ୍ଗ ପାଲଟିଥିବା ଫ୍ରିବିଜ୍‌'ବା 'ମାଗଣା' ନାମକ ଅସ୍ତ୍ରଟିର ସୁଦୂରପ୍ରସାରୀ ପ୍ରଭାବ ସାମଗ୍ରିକ ଭାବେ ଦେଶର ଅର୍ଥନୀତି ଉପରେ ପଡୁଥିବା ଜାଣି ମଧ୍ୟ ରାଜନୈତିକ ଦଳମାନଙ୍କର ସେଥିପ୍ରତି ଭ୍ରୂକ୍ଷେପ ନାହିଁ। ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏକାଧିକ ଥର ଏ ବିଷୟରେ ରାଜନୈତିକ ଦଳମାନଙ୍କୁ ସଚେତନ କରିବା ସହିତ ଅସନ୍ତୋଷ ପ୍ରକାଶ କରିଛନ୍ତି। କିନ୍ତୁ ଭାରତୀୟ ରାଜନୀତିରେ ଏଭଳି ଅବାଞ୍ଛିତ ଧାରା ହ୍ରାସ ପାଇବା ବଦଳରେ ବଢ଼ି ଚାଲିଛି। ସଦ୍ୟସମାପ୍ତ ବିହାର ନିର୍ବାଚନରେ ମଧ୍ୟ ମହିଳା ଉଦ୍ୟୋଗୀଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଅଗ୍ରୀମ ହସ୍ତାନ୍ତର ନିର୍ବାଚନ ଫଳକୁ ନିର୍ଣ୍ଣାୟକ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ରାଜନୈତିକ ବିଶାରଦମାନେ ମତ ଦେଇଛନ୍ତି। ଏହାର ବୋଝକୁ ଗରିବ ରାଜ୍ୟ ବିହାରର ଅର୍ଥନୀତି କେତେ ସହିପାରିବ ତାହା ଭିନ୍ନ କଥା।

ବିଭିନ୍ନ ନାମରେ ନଗଦ ପ୍ରତ୍ୟକ୍ଷ ହସ୍ତାନ୍ତର ରଣକୌଶଳଟି ମଧ୍ୟପ୍ରଦେଶରେ ସଫଳ ସାବ୍ୟସ୍ତ ହେବା ପରେ ଓଡ଼ିଶା, ମହାରାଷ୍ଟ୍ର, ବିହାର ସମେତ ଅନ୍ୟ କେତେକ ରାଜ୍ୟରେ ପ୍ରୟୋଗ କରି ଶାସକ ଦଳ ଆଶାତୀତ ସଫଳତା ହାସଲ କରିଚାଲିଛନ୍ତି। ଯୋଗ୍ୟ ମହିଳା ହିତାଧିକାରୀମାନଙ୍କୁ ଏଭଳି ନଗଦ ହସ୍ତାନ୍ତର ଯୋଜନା ମାଧ୍ୟମରେ ଜାମ୍ମୁକାଶ୍ମୀରରେ ସର୍ବାଧିକ ମାସିକ ୫ ହଜାର ଟଙ୍କା ଲେଖାଏଁ ମିଳୁଥିବା ବେଳେ ହିମାଚଳ ପ୍ରଦେଶ ଓ ଆନ୍ଧ୍ରପ୍ରଦେଶରେ ମାସିକ ୧୫୦୦ ଟଙ୍କା, ପଞ୍ଜାବରେ ୧୧୦୦ ଟଙ୍କା, ଛତିଶଗଡ଼ ଓ ପଶ୍ଚିମବଙ୍ଗ ଓ ତାମିଲନାଡୁରେ ୧୦୦୦ ଟଙ୍କା, ଦିଲ୍ଲୀ, ମହାରାଷ୍ଟ୍ର ଓ ହରିଆଣାରେ ୨୧୦୦ ଟଙ୍କା, ଝାଡ଼ଖଣ୍ଡ ଓ ତେଲଙ୍ଗାନାରେ ୨୫୦୦ ଟଙ୍କା, ମଧ୍ୟପ୍ରଦେଶ ଓ ଆସାମରେ ୧୨୫୦ ଟଙ୍କା, କର୍ଣ୍ଣାଟକରେ ୨୦୦୦ ଟଙ୍କା ଓ ଓଡ଼ିଶାରେ ସର୍ବନିମ୍ନ ୮୩୩ ଟଙ୍କା ମିଳୁଛି। ଅପରପକ୍ଷରେ ଦେଶର ଜିଡିପିରେ ୯୦% ଅବଦାନ ରଖୁଥିବା ଉପରୋକ୍ତ ରାଜ୍ୟଗୁଡ଼ିକର ଋଣ ବୋଝ ସାମଗ୍ରିକ ଭାବେ ୨୮ ଲକ୍ଷ କୋଟି ଟଙ୍କାରୁ ଅଧିକ। ସେମାନଙ୍କର ମୋଟ ବିତ୍ତୀୟ ନିଅଣ୍ଟ ପରିମାଣ ୨୦୨୪-୨୫ ଆର୍ଥିକ ବର୍ଷ ସୁଦ୍ଧା ୯.୫ ଲକ୍ଷ କୋଟି ଏବଂ ରାଜସ୍ୱ ନିଅଣ୍ଟ ୨.୧ ଲକ୍ଷ କୋଟି ଟଙ୍କାରୁ ଅଧିକ।

ଋଣଂ କୃତ୍ୱା ଘୃତଂ ପିବେତ୍ ନୀତି ହିଁ ଏବେ ରାଜନୀତିର ମୂଳମନ୍ତ୍ର ହୋଇଥିବାରୁ 'ନୋଟ୍ ବଦଳରେ ଭୋଟ'ର ଏହି ପରିବର୍ତ୍ତିତ ଧାରା ବିଭିନ୍ନ ଯୋଜନାର ମୁଖା ପିନ୍ଧି ଏକପ୍ରକାର ବୈଧ ହୋଇସାରିଛି। ତେଣୁ ବିନା ଫ୍ରିବିଜ୍ ଘୋଷଣାରେ କେହି ନିର୍ବାଚନ ଜିତିପାରିବେ ନାହିଁ କି କ୍ଷମତାକୁ ଆସିବା ପରେ ଏଭଳି ଅବାଞ୍ଛିତ ପରମ୍ପରାର ସମ୍ପୂର୍ଣ୍ଣ ବିଲୋପ ପାଇଁ ସଂସ୍କାର ଆଣିପାରିବେ ନାହିଁ। ଭାରତୀୟ ଗଣତନ୍ତ୍ର ଏହି ଫ୍ରିବିଜ୍ ରୂପକ ଅସ୍ତ୍ରରେ କ୍ଷତାକ୍ତ ହୋଇଚାଲିଥିବ ଏବଂ ଭାରତୀୟ ଅର୍ଥନୀତି ଏହି ବୋଝ ମୁଣ୍ଡାଇ ଚାଲିଥିବ। ଏଥିରୁ ନିସ୍ତାର ସମ୍ଭାବନା ସୁଦୂର ଭବିଷ୍ୟତରେ ମଧ୍ୟ ଦେଖାଯାଉନାହିଁ। ●

## ଯକ୍ଷ୍ମା-ସମସ୍ୟା ଜଟିଳ

ଯକ୍ଷ୍ମା ଭଳି ଧୀର ଅଥଚ ପ୍ରାଣଘାତୀ ସଂକ୍ରମଣରେ ପ୍ରତିବର୍ଷ ଯେତିକି ଲୋକ ଭାରତରେ ମୃତ୍ୟୁମୁଖରେ ପଡୁଛନ୍ତି ତାହା କରୋନା ମହାମାରୀ ଜନିତ ମୃତ୍ୟୁ ସଂଖ୍ୟାଠାରୁ ମଧ୍ୟ ଅଧିକ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରକାଶିତ ସଦ୍ୟତମ(ଗତ ୧୨ ତାରିଖ) ବିଶ୍ୱ ଯକ୍ଷ୍ମା ରିପୋର୍ଟ ୨୦୨୫ର ତଥ୍ୟାନୁଯାୟୀ ଗତବର୍ଷ ଭାରତରେ ୨୭ ଲକ୍ଷ ୧୦ ହଜାର ରୋଗୀ ଥିବା ବେଳେ ୩ ଲକ୍ଷ ରୋଗୀ ପ୍ରାଣ ହରାଇଛନ୍ତି। ରିପୋର୍ଟ ଅନୁଯାୟୀ ଏବେ ବିଶ୍ୱର ଏକ-ଚତୁର୍ଥାଂଶରୁ ଅଧିକ ଯକ୍ଷ୍ମା ରୋଗୀ ଭାରତରେ ଅଛନ୍ତି, ଯାହା ଦେଶର ଜନସ୍ୱାସ୍ଥ୍ୟ ପରିଚାଳନାରେ ବ୍ୟାପକ ପ୍ରତିବନ୍ଧକ ସୃଷ୍ଟି କରୁଛି।

ପ୍ରତିବର୍ଷ ମାର୍ଚ୍ଚ ମାସରେ କେନ୍ଦ୍ର ସରକାର ଯକ୍ଷ୍ମା ରୋଗ ସମ୍ପର୍କିତ ତଥ୍ୟ ଜାରି କରୁଥିଲେ ମଧ୍ୟ ଚଳିତ ବର୍ଷ ଏଥିରୁ ଦୂରେଇ ରହିବାର କାରଣ ଜଣାପଡ଼ିନାହିଁ। ୨୦୩୦ସୁଦ୍ଧା ବିଶ୍ୱରେ ଯକ୍ଷ୍ମାକୁ ସମ୍ପୂର୍ଣ୍ଣ ବିଲୋପ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ୨୦୨୫ ସୁଦ୍ଧା 'ଯକ୍ଷ୍ମାମୁକ୍ତ ଭାରତ' ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। 'ଯକ୍ଷ୍ମାମୁକ୍ତ ଭାରତ' ପାଇଁ ଗଠିତ ଆଇପିସି ପ୍ରକଳ୍ପ ୧୦ଟି ରାଜ୍ୟର ୬୩ଟି ଜିଲ୍ଲାର ୧୮୯ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିବ୍ୟାପ୍ତ ହୋଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଗତବର୍ଷ ସେପ୍ଟେମ୍ବର ମାସରେ ବିପିଏଏଲ୍‌ଏମ୍ ନାମରେ ଏକ ଅଭିଯାନ ଆରମ୍ଭ କରିଛି, ଯାହା ଏମ୍‌ଡିଆର-ଟିବି ଉପଚାର ପାଇଁ ଉଦ୍ଦିଷ୍ଟ। ଏ ସବୁ ପ୍ରୟାସ ସତ୍ତ୍ୱେ ପ୍ରାଥମିକସ୍ତରରେ ଯକ୍ଷ୍ମାର ଚିହ୍ନଟ ବ୍ୟବସ୍ଥା ପ୍ରଭାବଶାଳୀ ଓ କ୍ରିୟାଶୀଳ ହେଉ ନ ଥିବା କାରଣରୁ ଆଉ ମାତ୍ର ମାସେ ଭିତରେ ଏହି ଲକ୍ଷ୍ୟ ହାସଲକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ବିଶ୍ୱ ଯକ୍ଷ୍ମା ରିପୋର୍ଟ ୨୦୨୫ ଅନୁଯାୟୀ ଭାରତରେ ୨୦୧୫ରୁ ୨୦୨୪ ମଧ୍ୟରେ ଯକ୍ଷ୍ମା ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ଧାର୍ଯ୍ୟ ଲକ୍ଷ୍ୟ ୫୦% ବଦଳରେ ମାତ୍ର ୨୧% ହୋଇପାରିଛି। ସେହିପରି ଯକ୍ଷ୍ମା ସଂକ୍ରମିତ ମୃତକଙ୍କ ସଂଖ୍ୟା ଏହି ସମୟ ମଧ୍ୟରେ ଧାର୍ଯ୍ୟ ଲକ୍ଷ୍ୟ ୭୫% ବଦଳରେ ମାତ୍ର ୨୮% କମିଛି। ଏମ୍‌ଡିଆର-ଟିବି(ବହୁଔଷଧ ପ୍ରତିରୋଧକାରୀ ଯକ୍ଷ୍ମାରୋଗୀ)ଙ୍କ ସଂଖ୍ୟା ଭାରତରେ ବିଶ୍ୱର ସର୍ବାଧିକ ୨୭% ଥିବା ବେଳେ ବିଶ୍ୱର ମୋଟ ମୃତକଙ୍କ ମଧ୍ୟରେ ୨୯% ଭାରତରେ ରହିଛନ୍ତି।

ବିଡ଼ମ୍ବନା ହେଉଛି ଯକ୍ଷ୍ମା ସଂକ୍ରମଣ ହ୍ରାସ ହାର ଆଶାନୁରୂପ ହୋଇପାରୁନଥିବା ବେଳେ ଏହାର ନିରାକରଣ ବା ସମ୍ପୂର୍ଣ୍ଣ ବିଲୋପ ସାଧନ ପାଇଁ ପାଣ୍ଠି ବଢ଼ିବା ବଦଳରେ କମିବାରେ ଲାଗିଛି। ଘରୋଇ ସହଭାଗିତା ମଧ୍ୟ ହ୍ରାସ ପାଇଛି। ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଭାରତରେ ଜନସ୍ୱାସ୍ଥ୍ୟ ପରିଚାଳନା ଓ ବଜେଟ୍ ବ୍ୟବସ୍ଥା ସେତେ ସୁଦୃଢ଼ ନୁହେଁ କି ଜନସଚେତନତା ମଧ୍ୟ ପର୍ଯ୍ୟାପ୍ତ ନୁହେଁ। ଏଣୁ ଭାରତରେ ଯକ୍ଷ୍ମା ବ୍ୟାପିବା ପାଇଁ ଅନୁକୂଳ ପରିବେଶ ରହିଛି। ତେଣୁ ଲକ୍ଷ୍ୟ ହାସଲ ପାଇଁ ତୃଣମୂଳସ୍ତରରେ ମୌଳିକ ଚିକିତ୍ସା ସେବାକୁ ଯୁଦ୍ଧକାଳୀନ ଭିତ୍ତିରେ ତ୍ୱରାନ୍ୱିତ କରିବାକୁ ହେବ। ●

# ଆଜିର ସାମ୍ବାଦିକତା: ସମ୍ମାନ, ସମସ୍ୟା ଓ ସମାଧାନ

**ବିଭୂତି ଭୂଷଣ କର**

ଯେଉଁ ମହାନ ବୃତ୍ତି ସମାଜର ଦର୍ପଣ ତଥା ଲୋକତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ପରିଚିତ, ତାହାର ବର୍ତ୍ତମାନ ଅବସ୍ଥା, ସମ୍ମୁଖୀନ ହେଉଥିବା ଆହ୍ୱାନ ଓ ଭବିଷ୍ୟତର ଗତିପଥ ଆଲୋଚନାସାପେକ୍ଷ। ସାମ୍ବାଦିକତା ହେଉଛି ସତ୍ୟ ଓ ନ୍ୟାୟର ପ୍ରତିନିଧି। ସଜାଗ ସାମ୍ବାଦିକ ସମାଜକୁ ସଚେତନ ରଖେ, କ୍ଷମତା କେନ୍ଦ୍ରଗୁଡ଼ିକ ସହ ଉତ୍ତରଦାୟିତ୍ୱର ମଧ୍ୟସ୍ଥତା କରେ ଏବଂ ସାଧାରଣ ଲୋକଙ୍କ ସ୍ୱରକୁ ସଶକ୍ତ କରେ। ଏକ ଗଠନମୂଳକ ସାମ୍ବାଦିକତା ସମାଜରେ ବିଶ୍ୱାସ, ସହିଷ୍ଣୁତା ଓ ପାରସ୍ପରିକ ଆଲୋଚନାକୁ ବଢ଼ାଇଥାଏ।

ବର୍ତ୍ତମାନ ସମୟର ସାମ୍ବାଦିକମାନେ ଅନେକ ଜଟିଳ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ସମୟକ୍ରମେ ଗଣମାଧ୍ୟମ ସଂସ୍ଥା ଉପରେ ଆର୍ଥିକ ଚାପ ବଢ଼ିବା ଫଳରେ ପରୋକ୍ଷରେ ସଂପୃକ୍ତ ସଂସ୍ଥାର ସ୍ୱାଧୀନତା ଉପରେ ତାହାର ପ୍ରଭାବ ପରିଲକ୍ଷିତ ହେଉଛି। ବିଜ୍ଞାପନ ଓ ବଜାର ଚାପ ଯୋଗୁଁ ଗୁଣବତ୍ତାପୂର୍ଣ୍ଣ ସାମ୍ବାଦିକତା ବାଧାଗ୍ରସ୍ତ ହେଉଛି। କ୍ଷମତାଶାଳୀ ଶକ୍ତିଙ୍କ ତରଫରୁ ପ୍ରତ୍ୟକ୍ଷ ଓ ପରୋକ୍ଷ ହସ୍ତକ୍ଷେପ ସାମ୍ବାଦିକତାର ମୁକ୍ତ ପ୍ରବାହରେ ବାଧା ସୃଷ୍ଟି କରୁଛି। ଅସତ୍ୟ ଖବର(ଫେକ୍ ନ୍ୟୁଜ୍), ଦ୍ରୁତଗାମୀ ଖବର(ବ୍ରେକିଂ ନ୍ୟୁଜ୍)ର ଚାପ, ଟ୍ରୋଲ୍ ବାହିନୀ ଓ ଅତିମାତ୍ରାରେ ସାମାଜିକ ଗଣମାଧ୍ୟମ ପ୍ରତିକ୍ରିୟା ଯୋଗୁଁ ଭୁଲ୍ ଖବର ପ୍ରସାରିତ ହେବାର ଆଶଙ୍କା ବଢ଼ିଛି। ଅନ୍ୟପକ୍ଷରେ ସ୍ଥାନୀୟ ସ୍ତରରେ, ସାମ୍ବାଦିକମାନେ ହିଂସ୍ର ଆକ୍ରମଣ ଓ ମାନସିକ ଉତ୍ପୀଡ଼ନର ଶିକାର ହେଉଛନ୍ତି। ନିର୍ଭୀକ ଓ ନିରପେକ୍ଷ ସାମ୍ବାଦିକତା ପାଇଁ ବାତାବରଣ ସତେଯେପରି ସଂକୁଚିତ ହୋଇଯାଉଛି। ଆମ ଦେଶ ସମେତ ଅନେକ ରାଷ୍ଟ୍ରରେ ସାମ୍ବାଦିକତା ଉପରେ ରାଜନୈତିକ ଚାପ ବଢ଼ିଛି। ସ୍ୱଚ୍ଛନ୍ଦତା ଓ ସ୍ୱାଧୀନତା ଉପରେ ଆଘାତ କରୁଥିବା ଆଇନ ପ୍ରଣୟନ, ସାମ୍ବାଦିକତା ଅନୁସନ୍ଧାନରେ ବାଧା ଓ ସାମ୍ବାଦିକଙ୍କୁ ଭୟଭୀତ କରିବାର ଚେଷ୍ଟା କରାଯାଉଛି। ଜନସାଧାରଣଙ୍କ ମଧ୍ୟରେ ଗଣମାଧ୍ୟମ ପ୍ରତି ବିଶ୍ୱାସ କ୍ରମଶଃ ହ୍ରାସ ପାଇବାରେ ଲାଗିଛି।

ଏହିସବୁ ଆହ୍ୱାନକୁ ସଫଳତାର ସହ ସମ୍ମୁଖୀନ ହୋଇ ସାମ୍ବାଦିକତାର ଭବିଷ୍ୟତ ଉଜ୍ଜ୍ୱଳ କରିବା ପାଇଁ କେତେକ ମୌଳିକ ପଦକ୍ଷେପ ଆବଶ୍ୟକ। ସାମ୍ବାଦିକତାର ମୂଳଦୁଆ ହେଉଛି ନୈତିକତା। ପ୍ରମାଣିକତା, ସଠିକତା, ନିଷ୍ପକ୍ଷତା ଓ ଦାୟିତ୍ୱଶୀଳତାକୁ ପ୍ରାଧାନ୍ୟ ଦେବା ଜରୁରୀ। ଯେକୌଣସି ଖବର ପ୍ରକାଶ ପୂର୍ବରୁ ତାହାର ଯାଞ୍ଚ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନୂତନ ଯୁଗରେ ଡିଜିଟାଲ୍ ସାକ୍ଷରତା ଏକ ଅତ୍ୟାବଶ୍ୟକୀୟ ଦକ୍ଷତା। ଅସତ୍ୟ ଖବର ଚିହ୍ନଟ, ଡିଜିଟାଲ୍ ଟୁଲ୍ସ ବ୍ୟବହାର କରି ଗଭୀର ସତ୍ୟାନ୍ୱେଷଣ ଓ ଡିଜିଟାଲ୍ ସୁରକ୍ଷା ବିଷୟରେ ସାମ୍ବାଦିକମାନଙ୍କୁ ପ୍ରଶିକ୍ଷିତ କରାଯିବା ଉଚିତ। ଗଣମାଧ୍ୟମ ସଂସ୍ଥାଗୁଡ଼ିକୁ ବିଜ୍ଞାପନ ଉପରେ ନିର୍ଭରଶୀଳତା କମ କରି ସଦସ୍ୟତା ମଡେଲ, କ୍ରସ୍-ସବସିଡି, ଫାଉଣ୍ଡେସନ୍ ମଡେଲ ଭଳି ବିକଳ୍ପ ଆର୍ଥିକ ମଡେଲ ଅନୁସନ୍ଧାନ କରିବା ଉଚିତ। ସାମ୍ବାଦିକଙ୍କ ସୁରକ୍ଷା ନିଶ୍ଚିତ କରୁଥିବା ଆଇନ ପ୍ରଣୟନ ସହ ତାହାର ପ୍ରୟୋଗ ଜରୁରୀ। ସାମ୍ବାଦିକଙ୍କ ବିରୁଦ୍ଧରେ ହେଉଥିବା ହିଂସା ଘଟଣାକୁ ଦ୍ରୁତ ଓ କଠୋର ଭାବେ ମୁକାବିଲା କରିବା ଆବଶ୍ୟକ। ସାମ୍ବାଦିକମାନେ ଭୁଲ୍ ସୁଧାରିବା ସହ ଫିଡବ୍ୟାକ୍ ଗ୍ରହଣ ଏବଂ ଜନସାଧାରଣଙ୍କ ସହ ନିୟମିତ ଯୋଗାଯୋଗ କରି ଗଣମାଧ୍ୟମର ବିଶ୍ୱାସ ଫେରାଇ ଆଣିବା ଉପରେ ଗୁରୁତ୍ୱ ଦେବାକୁ ହେବ।

ଆଜିର ସାମ୍ବାଦିକତା କେବଳ ଘଟଣାର ସରଳ ବର୍ଣ୍ଣନା ନୁହେଁ, ବରଂ ଏହା ଏକ ଜଟିଳ ପ୍ରକ୍ରିୟା, ଯାହା ତଥ୍ୟ ଯାଞ୍ଚ, ପ୍ରସଙ୍ଗ ବିଶ୍ଳେଷଣ, ମତବାଦ ଗଠନ ଏବଂ ସମାଜିକ ଦାୟିତ୍ୱ ମଧ୍ୟରେ ସନ୍ତୁଳନ ବଜାୟ ରଖେ। ଡିଜିଟାଲ ଯୁଗରେ ସାମ୍ବାଦିକତାର ପରିସର ବ୍ୟାପକ ହୋଇଛି। ପାରମ୍ପରିକ ମୁଦ୍ରଣ ଓ ବୈଦ୍ୟୁତିକ ଗଣମାଧ୍ୟମ ସହିତ ଅନଲାଇନ୍ ନ୍ୟୁଜ୍ ପୋର୍ଟାଲ୍, ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଓ ସିଟିଜନ୍ ଜର୍ଣ୍ଣାଲିଜିମ୍ ଆଦି ଯୋଗୁଁ ଖବରର ପ୍ରବାହ ଅତୀବ ଦ୍ରୁତ ଓ ବିସ୍ତୃତ ହୋଇଛି। ଏହି ଡିଜିଟାଲ ପରିବର୍ତ୍ତନ ସହିତ ଆସିଛି '୨୪ ଘଣ୍ଟିଆ ନ୍ୟୁଜ୍ ସାଇକେଲ୍'ର ଚାପ। ଖବର ପ୍ରସାରଣର ଗତି ବୃଦ୍ଧି ପାଇଥିଲେ ମଧ୍ୟ ଏହା ଖବରର ଗୁଣବତ୍ତା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରିଛି। ପ୍ରଥମେ ଖବର ପହଞ୍ଚିବାର ଚାପରେ ଯାଞ୍ଚ ନ କରାଯାଇଥିବା ତଥ୍ୟ ଓ ମିଥ୍ୟା ଖବରର ପ୍ରସାର ବଢ଼ିଛି। ଏହି ପରିସ୍ଥିତିରେ, ଜଣେ ଆଧୁନିକ ସାମ୍ବାଦିକଙ୍କ ଭୂମିକା କେବଳ ଏକ ରିପୋର୍ଟର ନ ରହି, ଜଣେ ଫ୍ୟାକ୍ଟ-ଚେକର୍, ଡାଟା ବିଶ୍ଳେଷକ ଏବଂ ପ୍ରସଙ୍ଗ ସ୍ରଷ୍ଟା ଭାବରେ ବିକଶିତ ହୋଇଛି। ତେଣୁ ସାମ୍ବାଦିକଙ୍କୁ ଡିଜିଟାଲ୍ ଟୁଲ୍ସ, ଡାଟା ବିଶ୍ଳେଷଣ ଏବଂ ଫ୍ୟାକ୍ଟ-ଚେକିଂ ପ୍ରଣାଳୀ ପ୍ରତି ଅଧିକ ଦକ୍ଷ କରାଯିବା ଉଚିତ୍। ଜନସାଧାରଣଙ୍କୁ ମଧ୍ୟ ମିଡିଆ ସାକ୍ଷରତା ଶିକ୍ଷା ଦେବା ଜରୁରୀ, ଯାହା ସେମାନଙ୍କୁ ଭ୍ରମପୂର୍ଣ୍ଣ ଖବରଠାରୁ ପ୍ରମାଣିତ ଖବର ପୃଥକ୍ କରିବାରେ ସହାୟକ ହେବ।

ନୈତିକତା ଓ ଦାୟିତ୍ୱବୋଧ ପ୍ରତି ଅଙ୍ଗୀକାରବଦ୍ଧତା ସ୍ୱରୂପ ସାମ୍ବାଦିକତାର ମୌଳିକ ନୀତି - ସଠିକତା, ନିରପେକ୍ଷତା, ନ୍ୟାୟପୂର୍ଣ୍ଣତା ଓ ମାନବିକତା - କେବେ ବି ଅଣଦେଖା କରାଯାଇ ପାରିବ ନାହିଁ। ଗଣମାଧ୍ୟମ ସଂସ୍ଥାଗୁଡ଼ିକୁ ନିଜର ନୈତିକ ମାନଦଣ୍ଡ ମଜବୁତ କରିବା ଉଚିତ୍ ଏବଂ ସ୍ୱଚ୍ଛତା ବଜାୟ ରଖିବା ଉଚିତ୍।

ସରକାର ଓ ସମାଜର ଦାୟିତ୍ୱ ହେଉଛି ସାମ୍ବାଦିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା। ସାମ୍ବାଦିକଙ୍କ ବିରୁଦ୍ଧରେ ହିଂସା ଓ ଉତ୍ପୀଡ଼ନର ଘଟଣାଗୁଡ଼ିକର ସଠିକ୍ ତଦନ୍ତ ହୋଇ ଦୋଷୀଙ୍କୁ ଦଣ୍ଡ ଦିଆଯିବା ଜରୁରୀ। ସାମ୍ବାଦିକତାର ସ୍ୱାଧୀନତା ହେଉଛି ଗଣତନ୍ତ୍ରର ମୂଳଦୁଆ। ସ୍ୱାଧୀନ ଭାବରେ କାର୍ଯ୍ୟ କରିବା ପାଇଁ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ସହ ଗଣମାଧ୍ୟମର ସ୍ୱାଧୀନତାକୁ ଅକ୍ଷୁର୍ଣ୍ଣ ରଖିବା ବାଞ୍ଛନୀୟ। ରାଜନୈତିକ ହସ୍ତକ୍ଷେପରୁ ମୁକ୍ତ ରହି ସତ୍ୟକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ସାମ୍ବାଦିକଙ୍କୁ ସମ୍ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରାଯିବା ଉଚିତ୍। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସାମ୍ବାଦିକଙ୍କ ମଧ୍ୟରେ ସହଯୋଗ ବୃଦ୍ଧି ପାଇବା ଉଚିତ୍। ଜ୍ଞାନ ଓ ଅନୁଭୂତି ଆଦାନପ୍ରଦାନ, ସମ୍ମିଳିତ ଅନୁସନ୍ଧାନ ଏବଂ ପେସାଦାର ସଂଗଠନଗୁଡ଼ିକ ମାଧ୍ୟମରେ ଏକତ୍ରିତ ହୋଇ ଆହ୍ୱାନଗୁଡ଼ିକର ସାମ୍ନା କରିବା ଆବଶ୍ୟକ।

ବର୍ତ୍ତମାନର ଜଟିଳ ପରିବେଶରେ ସାମ୍ବାଦିକତାର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ। ସମସ୍ୟା ସତ୍ତ୍ୱେ ସଙ୍କୋଟତା, ସାହସ ଏବଂ ନିଷ୍ଠାପର ରିପୋର୍ଟିଂ ପ୍ରତି ସାମ୍ବାଦିକଙ୍କ ପ୍ରତିଶ୍ରୁତି ଅବ୍ୟାହତ ରହିଛି। ଭବିଷ୍ୟତର ଗତିପଥକୁ ସ୍ପଷ୍ଟ କରିବାକୁ ଯାଇ ଆମକୁ ଏକ ଅଧିକ ଉତ୍ତରଦାୟୀ, ସମାନ୍ତରାଳ ଓ ନ୍ୟାୟପୂର୍ଣ୍ଣ ସାମ୍ବାଦିକତା ପ୍ରତି ଅଗ୍ରସର ହେବାକୁ ହେବ। ସାମ୍ବାଦିକତା କେବଳ ଶକ୍ତିଶାଳୀଙ୍କ କଥା ନ କହି, ନିର୍ବଳଙ୍କ କଥା କହିବ, ଯାହା ଶକ୍ତି ଉପରେ ନଜର ରଖିବ ଏବଂ ସତ୍ୟକୁ ସର୍ବୋଚ୍ଚ ମୂଲ୍ୟ ଦେବ। ଏହି ଦିଗଦର୍ଶନ ଅନୁସରଣ କଲେ ହିଁ ସାମ୍ବାଦିକତା ତା'ର ଗରିମାମୟୀ ପରମ୍ପରା ବଜାୟ ରଖିପାରିବ ଏବଂ ଭବିଷ୍ୟତରେ ମଧ୍ୟ ଜନସାଧାରଣର ବିଶ୍ୱାସ ଓ ଆସ୍ଥାଭାଜନ ହୋଇରହିପାରିବ।

ଏବେ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ଯୋଗୁଁ ସାମ୍ବାଦିକତା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିଛି, ଯାହା ଗଣମାଧ୍ୟମ ସ୍ୱାଧୀନତା ପାଇଁ ନୂଆ ସୁଯୋଗ ସହିତ ଗମ୍ଭୀର ଆହ୍ୱାନ ମଧ୍ୟ ସୃଷ୍ଟି କରିଛି। କ୍ରୀଡ଼ା, ଅର୍ଥନୀତି ଓ ପାଣିପାଗ ସମ୍ବାଦ ଭଳି ଡାଟା-କେନ୍ଦ୍ରିତ ଖବର ଲେଖିବାରେ ଏଆଇ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛି। ଏହା ସାମ୍ବାଦିକଙ୍କ ସମୟ ବଞ୍ଚାଇବାରେ ସହାୟକ ହୋଇଛି। ତଥ୍ୟ ଯାଞ୍ଚ ଓ ଫ୍ୟାକ୍ଟ-ଚେକିଂ କ୍ଷେତ୍ରରେ ଏଆଇ ପ୍ରମୁଖ ଭୂମିକା ନିର୍ବାହ କରୁଛି, ଯାହା ନିର୍ଭରଯୋଗ୍ୟ ଖବର ପ୍ରସାରଣରେ ସହାୟକ ହେଉଛି। ବ୍ୟକ୍ତିଗତକୃତ ସମ୍ବାଦ ପ୍ରଦାନ କ୍ଷେତ୍ରରେ ଏଆଇ ବ୍ୟବହାରକାରୀଙ୍କ ଅଭିରୁଚି ଅନୁଯାୟୀ ସମ୍ବାଦ ଭିତ୍ତିକ ବିଷୟବସ୍ତୁ ବାଛିବାରେ ସହାୟତା କରିପାରୁଛି। ଏଆଇ ଚାଳିତ ଅନୁବାଦ ଟୁଲଗୁଡ଼ିକ ବିଷୟକୁ ବିଭିନ୍ନ ଭାଷାରେ ଅନୁବାଦିତ କିମ୍ବା ରୂପାନ୍ତରିତ କରି ଜ୍ଞାନର ବାଧାକୁ ଦୂର କରିପାରୁଛି ଏବଂ ଜ୍ଞାନର ପରିସରକୁ ବ୍ୟାପ୍ତ କରିବାରେ ସହାୟକ ହେଉଛି।

ଅନ୍ୟପକ୍ଷରେ ଏଆଇ ଗଣମାଧ୍ୟମ ପ୍ରତି ଆହ୍ୱାନ ଓ ବିପଦ ମଧ୍ୟ ଆଣି ଦେଇଛି। ଏଆଇ ଦ୍ୱାରା ସହଜରେ ବାସ୍ତବିକ ଛବି, ଭିଡିଓ ଓ ଅଡିଓ ସୃଷ୍ଟି କରି ବ୍ୟକ୍ତି ବା ବିଷୟର ମିଥ୍ୟା ପ୍ରତିରୂପ ତିଆରି କରାଯାଇପାରେ। ଏହା ଜନସାଧାରଣଙ୍କ ବିଶ୍ୱାସକୁ ଦୁର୍ବଳ କରେ ଏବଂ ବିଶ୍ୱସନୀୟ ମାଧ୍ୟମଗୁଡ଼ିକୁ ସନ୍ଦେହର ଚକ୍ଷୁରେ ଦେଖାଯିବାର ସମ୍ଭାବନା ରଖେ। ସରକାର ଅନଲାଇନ୍ ବିଷୟବସ୍ତୁ ଉପରେ ନଜର ରଖିପାରନ୍ତି ଏବଂ ସମ୍ବାଦଗୁଡ଼ିକୁ ସ୍ୱୟଂଚାଳିତ ଭାବରେ ସେନ୍ସର କରିପାରନ୍ତି, ଯାହା ନିର୍ଭୀକ ସାମ୍ବାଦିକତାର ପଥରେ ଏକ ବଡ଼ ବାଧା। ତେଣୁ ପ୍ରେସ୍ ସ୍ୱାଧୀନତା ଏବଂ ଏଆଇର ସନ୍ତୁଳନ ରକ୍ଷା କରିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ।

ଉତ୍ତରଦାୟୀ ଓ ଦାୟିତ୍ୱପୂର୍ଣ୍ଣ ସାମ୍ବାଦିକତା ହିଁ ଏକ ସଚେତନ ଓ ସକ୍ରିୟ ସମାଜର ପ୍ରାଣ। ସମସ୍ୟାଗୁଡ଼ିକ ଜଟିଳ ହୋଇପାରେ ମାତ୍ର ସମାଧାନ ଅସମ୍ଭବ ନୁହେଁ। ନୈତିକତା, ସାହସ, ପ୍ରଗତିଶୀଳ ଚିନ୍ତନ ଓ ସାମୂହିକ ଦାୟିତ୍ୱବୋଧର ମିଶ୍ରଣ ଦ୍ୱାରା ହିଁ ସାମ୍ବାଦିକତାର ମହିମାକୁ ପୁନରୁଦ୍ଧାର କରିହେବ। ●

(ରାଜ୍ୟ ସଭାପତି, ଉତ୍କଳ ସାମ୍ବାଦିକ ସଂଘ, ଓଡ଼ିଶା)
ଭୁବନେଶ୍ୱର, ମୋ: ୯୪୩୭୦୦୭୩୭୩

# ଓଡ଼ିଆ ଅସ୍ମିତାର ମୁଖପାତ୍ର: ହରିଶ୍ଚନ୍ଦ୍ର ବକ୍ସିପାତ୍ର

**ଚିତ୍ତରଞ୍ଜନ ମହାନ୍ତି**

ସ୍ୱର୍ଗତଃ ହରିଶଚନ୍ଦ୍ର ବକ୍ସିପାତ୍ର ଓଡ଼ିଶା ଜନଜୀବନରେ ଜଣେ ଯୁଗପୁରୁଷ। କିନ୍ତୁ ରାଜ୍ୟ ଓ ଦେଶର ସେବା କରିବା ପାଇଁ ଯେଉଁ ଦାୟିତ୍ୱ ଏ ସଂଗ୍ରାମୀ ପୁରୁଷଙ୍କୁ ମିଳିବା କଥା ତାହା ସମ୍ଭବ ହେଲା ନାହିଁ। କେନ୍ଦ୍ର ଇସ୍ପାତ ମନ୍ତ୍ରୀ ବିଜୁ ପଟ୍ଟନାୟକ ହୁଅନ୍ତୁ କିମ୍ବା କେନ୍ଦ୍ର ଶିଳ୍ପ ମନ୍ତ୍ରୀ ଜର୍ଜ ଫର୍ଣ୍ଣାଣ୍ଡିଜ୍ ହୁଅନ୍ତୁ, ବକ୍ସିବାବୁ ନିଜର ନିଷ୍ଠା ଓ ତଥ୍ୟ ଆଧାରିତ ତର୍କ ବଳରେ ଓଡ଼ିଶାର ଦାବିକୁ ଉପସ୍ଥାପନ କରି ଇସ୍ପାତ ଓ ଆଲୁମିନିୟମ୍ ଶିଳ୍ପ ପ୍ରତିଷ୍ଠାରେ ଓଡ଼ିଶା, ବିଶେଷକରି କୋରାପୁଟ ଜିଲ୍ଲାର ବିକାଶର ନୂଆ ଅଧ୍ୟାୟ ରଚନା କରିଥିଲେ।

ପୁନର୍ବାର ୧୯୯୦ ମସିହାରେ ବିଜୁ ପଟ୍ଟନାୟକଙ୍କ 'ଜନତା ଦଳ' ମନ୍ତ୍ରିମଣ୍ଡଳରେ ସେ ବାଣିଜ୍ୟ ଓ ପରିବହନ ଭଳି ଅର୍ଥକାରୀ ବିଭାଗର ଦାୟିତ୍ୱ ନେଇ ବ୍ୟବସ୍ଥାରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଥିଲେ। ହୁଏତ ରାଜ୍ୟର ସାମଗ୍ରିକ ଓ ସାମୂହିକ ସେବା କରିବାକୁ ୧୯୯୫ ବେଳକୁ ତାଙ୍କୁ ଉପଯୁକ୍ତ ସୁଯୋଗ ମିଳିଥା'ନ୍ତା। କିନ୍ତୁ 'ଜନତା ଦଳ'ର ସର୍ବଭାରତୀୟ ଓ ରାଜ୍ୟ ରାଜନୀତିରେ କ୍ରିୟା, ପ୍ରତିକ୍ରିୟା ଓ ଅସ୍ଥିରତା ଏଥିରେ ବାଧକ ସାଜିଲା। ତାଙ୍କ ଭଳି ସମର୍ପିତ ସମ୍ବେଦନଶୀଳ ସଂଗ୍ରାମୀ ନେତାଙ୍କୁ ରାଜ୍ୟର ନୀତିନିୟନ୍ତା ଭାବେ ପାଇବାର ସୁଯୋଗ ହାତଛଡ଼ା ହୋଇଗଲା।

ବକ୍ସିବାବୁ ନିଜର ଶୁଦ୍ଧ ସଂଗ୍ରାମୀ ଆଭିମୁଖ୍ୟ ଯୋଗୁଁ ଓଡ଼ିଶାର ଦୁଇ ଜାତୀୟ ନେତାଙ୍କ ପ୍ରିୟପାତ୍ର ଥିଲେ। ଖୋସାମଦି ତାଙ୍କର ଆୟୁଧ ନଥିଲା। ତାଙ୍କର ଅଳଙ୍କାର ଥିଲା ଓଡ଼ିଆ ଅସ୍ମିତା, ପରିଚିତ ସ୍ୱାଭିମାନ ଓ ନିଜସ୍ୱ ଅନୁପମ ଯୋଗ୍ୟତା। ପ୍ରିୟଜନମାନେ ବକ୍ସିବାବୁଙ୍କୁ 'ଭାଇନା' ସମ୍ବୋଧନ କରୁନଥିଲେ ତାଙ୍କୁ କେହି ଉଚ୍ଚ ଜାତିରେ ଜନ୍ମିତ ବ୍ୟକ୍ତି ବୋଲି ଭାବୁନଥା'ନ୍ତେ। କାରଣ ସେ ଥିଲେ ସାମାଜିକ ନ୍ୟାୟର ପ୍ରଚାର ପ୍ରବକ୍ତା। ଓଡ଼ିଶାର ବୃହତ୍ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ସେ 'ମଣ୍ଡଳ କମିଶନ'କୁ ସକ୍ରିୟ ସମର୍ଥନ ଜଣାଇଥିଲେ।

ଆଦ୍ୟ ଜୀବନରେ ବକ୍ସିବାବୁ ସାମ୍ୟବାଦୀ ଚିନ୍ତାଧାରାର ପ୍ରମୁଖ ପ୍ରଚାରକ ଥିଲେ। ଜନଜୀବନର ବାସ୍ତବତାକୁ ଜାଣି ବର୍ଗ ଓ ଜାତି ଶୋଷଣର ଏକ ବ୍ୟବସ୍ଥିତ ବ୍ୟବସ୍ଥା ବୋଲି ସେ ଉପଲବ୍ଧି କରିଥିଲେ। ଜଣେ ସାମ୍ୟବାଦୀ ଭାବେ ବକ୍ସିବାବୁ ବର୍ଗ ବିଭାଜନ ଓ ବର୍ଗ ଶୋଷଣ ସମ୍ପର୍କରେ ସମ୍ପୂର୍ଣ୍ଣ ସଚେତନ ଥିଲେ ମଧ୍ୟ 'ଉତ୍କଳ ସମ୍ମିଳନୀ'ର ମୁଖ୍ୟ ଭାବେ ଓଡ଼ିଶାର ସାମାଜିକ ବ୍ୟବସ୍ଥାକୁ, ବିଶେଷକରି ବର୍ଣ୍ଣ ବ୍ୟବସ୍ଥାକୁ ଟିକିନିଖି ଅନୁଧ୍ୟାନ କରିଥିଲେ। ତାଙ୍କ ତଥ୍ୟମୂଳକ ସିଦ୍ଧାନ୍ତ କହେ ବ୍ରିଟିଶ ଉପନିବେଶ ବ୍ୟବସ୍ଥା ଫଳରେ ବୃତ୍ତି ହରାଇଥିବା ଜାତି ଓ ବର୍ଗଙ୍କ ସଂଖ୍ୟା ଓଡ଼ିଶାରେ ପ୍ରାୟ ୯୨%। ତେଣୁ କେନ୍ଦ୍ର ସରକାର ଚାକିରିରେ ଦେଶରେ ସର୍ବାଧିକ ଓଡ଼ିଆ ଶତକଡ଼ା ଦୃଷ୍ଟିରୁ ସଂରକ୍ଷଣର ହକ୍‌ଦାର।

ଜାତି, ବର୍ଣ୍ଣ, ଧର୍ମ ଓ ଅନ୍ୟାନ୍ୟ ଭେଦଭାବ ସାମାଜିକ ଏକତାକୁ ବ୍ୟାହତ କରୁଥିବା ଅନୁଭବ କରି ସେ ସମଗ୍ର ଓଡ଼ିଆ ଜାତିର ଐକ୍ୟବଦ୍ଧତା ପାଇଁ ଏକାଗ୍ର ଉଦ୍ୟମ କରି ଚାଲିଥିଲେ। ସୁଦୂର କୋରାପୁଟର ବାସିନ୍ଦା ହୋଇ ମଧ୍ୟ ଓଡ଼ିଶାର ଉଚ୍ଚଶିକ୍ଷାର ମାତୃକଳ୍ପ ଅନୁଷ୍ଠାନ ରେଭେନ୍ସା କଲେଜର ଛାତ୍ର ସଂସଦର ସଭାପତି ହେବା ତାଙ୍କ ଜନ୍ମଜାତ ନେତୃତ୍ୱ କଳାର ପରାକାଷ୍ଠା ପ୍ରତିପାଦିତ କରୁଛି। ୧୯୫୪ରେ ଗଠିତ ସୀମା କମିଶନ ଓଡ଼ିଶା ପ୍ରତି ଚରମ ଅନ୍ୟାୟ କରିଥିଲେ। ଏହା ବିରୁଦ୍ଧରେ ସାମ୍ୟବାଦୀ ଛାତ୍ରନେତା ହରିଶଚନ୍ଦ୍ର ବକ୍ସିପାତ୍ର ବିପ୍ଳବୀ ସାମ୍ୟବାଦୀ ଆନ୍ଦୋଳନର ନେତୃତ୍ୱ ନେଲେ ଏବଂ କେନ୍ଦ୍ର କଂଗ୍ରେସ ନେତାଙ୍କୁ କଟକ ମାଟି ମଡ଼ାଇ ନଦେବାର ସଂକଳ୍ପ କରି ଗିରଫ ହେଲେ।

କେନ୍ଦୁଝର ଜିଲ୍ଲା ଓ ନୟାଗଡ଼ଠାରେ ସବୁଠୁ ଶସ୍ତା ଓ ସୁବିଧାରେ ରାଷ୍ଟ୍ରାୟତ୍ତ ଇସ୍ପାତ କାରଖାନା ପ୍ରତିଷ୍ଠା ହୋଇପାରିବ ବୋଲି 'ବସ୍ତୁର କମିଟି' ସୁପାରିସକୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଗ୍ରହଣ କଲେ ନାହିଁ। କଂଗ୍ରେସ ବିଭାଜନ ଯୋଗୁଁ ହରାଇଥିବା ଜନାଧାରକୁ ଫେରି ପାଇବା ପାଇଁ ସେ ଦକ୍ଷିଣର ୩ଟି ରାଜ୍ୟରେ ବିନା ଯୋଗ୍ୟତାରେ ରାଷ୍ଟ୍ରାୟତ୍ତ ଇସ୍ପାତ କାରଖାନା ସ୍ଥାପନ ନିଷ୍ପତ୍ତି ନେଲେ। ବକ୍ସିବାବୁ କିନ୍ତୁ ଓଡ଼ିଶା ପ୍ରତି କେନ୍ଦ୍ରର ଏ ନଗ୍ନ ଅବିଚାରକୁ ବରଦାସ୍ତ କଲେ ନାହିଁ। କଂଗ୍ରେସ ଅଧ୍ୟୁଷିତ କୋରାପୁଟ ଜିଲ୍ଲାରେ ହିଁ ସେ କେନ୍ଦ୍ର ବିରୁଦ୍ଧରେ ବିଦ୍ରୋହର ବିଗୁଲ ବଜାଇ ୧୯୭୪ ମସିହାରେ ସେ ଅଞ୍ଚଳରେ ଇନ୍ଦିରା ବିରୋଧୀ 'ପ୍ରଗତି ମେଣ୍ଟ'କୁ ସଫଳତାର ସ୍ୱାଦ ଚଖାଇ ନିଜେ ବିଧାୟକ ନିର୍ବାଚିତ ହୋଇ ଓଡ଼ିଶା ବିଧାନସଭାକୁ ଆସିଲେ। 'ପ୍ରଗତି ମେଣ୍ଟ' 'ଲୋକଦଳ'ରେ ମିଶିଲା। ଜରୁରୀ ପରିସ୍ଥିତି ପରେ ଜୟପ୍ରକାଶଙ୍କ ଅନୁରୋଧକ୍ରମେ ଗଣତନ୍ତ୍ରର ସୁରକ୍ଷା ପାଇଁ 'ଲୋକଦଳ' 'ଜନତା ପାର୍ଟି'ରେ ରୂପାନ୍ତରିତ ହେଲା। ଜୟପ୍ରକାଶଙ୍କ 'ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନ'ରେ ଝାସ ଦେଇ ଏବଂ ଜରୁରୀ ସ୍ଥିତିର ବିରୋଧ କରି ବକ୍ସିବାବୁ ଜେଲ୍ ଗଲେ। କାରାମୁକ୍ତ ହୋଇ ୧୯୭୭ ମସିହାରେ ନିର୍ବାଚନ ଲଢ଼ି ସେ ବିଜୟୀ ହେଲେ ଏବଂ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ମନ୍ତ୍ରିମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ଭାଳିଲେ ଏବଂ କେନ୍ଦ୍ର ସହିତ ରାଜ୍ୟର ସମନ୍ୱୟ ରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କଲେ। ବକ୍ସିବାବୁଙ୍କ ଉଦ୍ୟମ ଥିଲା ଓଡ଼ିଶାର ସମସ୍ତ ତୁଙ୍ଗ ନେତା ବ୍ୟକ୍ତିଗତ ମନାନ୍ତରରୁ ଉର୍ଦ୍ଧ୍ୱକୁ ଯାଇ ଓଡ଼ିଶା ସ୍ୱାର୍ଥ ପାଇଁ କେନ୍ଦ୍ର ବିରୁଦ୍ଧରେ ସଂଗ୍ରାମ କରନ୍ତେ।

୧୯୯୦ ମସିହାରେ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାରେ ଜନତା ଦଳର ମନ୍ତ୍ରିମଣ୍ଡଳରେ ବକ୍ସିବାବୁ ବରିଷ୍ଠ ମନ୍ତ୍ରୀ ଭାବେ ଦାୟିତ୍ୱ ନେଲେ। ରବି ରାୟ ଲୋକସଭାର ବାଚସ୍ପତି। ଉଭୟଙ୍କ ମଧ୍ୟରେ ସମନ୍ୱୟ ପୁନଃସ୍ଥାପନ କରି ଇସ୍ପାତ କାରଖାନା ଓ ଓଡ଼ିଶାର ସ୍ୱତନ୍ତ୍ର ଆର୍ଥିକ ଅଧିକାର ଭଳି ଦାବି ପୂରଣ ପାଇଁ ବକ୍ସିବାବୁ ଉଦ୍ୟମରତ ହେଲେ। କଟକ ମଦମୃତ୍ୟୁ ଘଟଣାରେ ବ୍ୟଥିତ ହୋଇ ଜନତା ପରିବାରର ବରିଷ୍ଠ ନେତାମାନେ ବକ୍ସିବାବୁଙ୍କ ମାଧ୍ୟମରେ ବିକଳ୍ପ ବ୍ୟବସ୍ଥା ଖୋଜିଲେ। ଏଥିରେ ରବି ରାୟ ସମ୍ପୂର୍ଣ୍ଣ ସହଯୋଗ କରି ମିଳିତ ସଭା ସମିତିମାନ କଲେ। ଉଭୟ ବିଜୁବାବୁ ଓ ରବି ରାୟଙ୍କ ସହଯୋଗୀ ଭାବେ ଜର୍ଜ ଫର୍ଣ୍ଣାଣ୍ଡିଜ ଏ ପ୍ରକ୍ରିୟାକୁ ସାହାଯ୍ୟ କଲେ। ବକ୍ସିବାବୁ ସମସ୍ତ ଅଭିଯାନର କେନ୍ଦ୍ର ହେଲେ। କିନ୍ତୁ ବିହାର ରାଜନୀତି ସବୁ ସାଧୁ ଉଦ୍ୟମକୁ ପଣ୍ଡ କରିଦେଲା। ଜନତା ଦଳ ବିଭାଜିତ ହୋଇ ଜର୍ଜ ଫର୍ଣ୍ଣାଣ୍ଡିଜଙ୍କ ନେତୃତ୍ୱରେ ସମତା ପାର୍ଟି ଗଠିତ ହେଲା। ସମାଜବାଦୀ ସାଥୀ ଜର୍ଜ ଫର୍ଣ୍ଣାଣ୍ଡିଜ ଓ ପୁତ୍ର ପ୍ରତିମ ନୀତୀଶ କୁମାରଙ୍କ ଅନୁରୋଧରେ ରବି ରାୟ ସମତା ପାର୍ଟିକୁ ଚାଲିଗଲେ। ଦିଲ୍ଲୀରେ ଓଡ଼ିଶା ଲବିକୁ ସୁଦୃଢ଼ କରିବାରେ ବକ୍ସିବାବୁଙ୍କ ଉଦ୍ୟମ ଅକାମୀ ହୋଇଗଲା। ଉତ୍କଳ ସମ୍ମିଳନୀ ମାଧ୍ୟମରେ ସେ ଉଦ୍ୟମକୁ ଅବ୍ୟାହତ ରଖିବାକୁ ଶ୍ରୀବକ୍ସିପାତ୍ର ଶେଷ ପର୍ଯ୍ୟନ୍ତ ପ୍ରୟାସ ଜାରି ରଖିଥିଲେ। ●

# ଆମ ବୃକ୍ଷଲତା ଆମ ଜୀବନ

**ନାଗଲିଙ୍ଗ**

**ପ୍ରକୃତି-ପରିବେଶ**

**ସୌଭାଗ୍ୟସୁନ୍ଦର**

ଉତ୍ତର-ପୂର୍ବ ଦକ୍ଷିଣ ଆମେରିକା, ବିଶେଷକରି ଆମାଜନ ବର୍ଷା ଜଙ୍ଗଲରୁ ଉତ୍ପନ୍ନ ନାଗଲିଙ୍ଗ ବିଶ୍ୱର ଉଷ୍ଣମଣ୍ଡଳୀୟ ଏବଂ ଉପ-ଉଷ୍ଣମଣ୍ଡଳୀୟ ଅଞ୍ଚଳରେ ବହୁଳ ଭାବରେ ଦେଖାଯାଏ। ଏହାର ମନୋରମ, ସୁଗନ୍ଧିତ ଫୁଲ ଏବଂ ଫଳ ପାଇଁ ଏହାକୁ ଏକ ଶୋଭାବର୍ଦ୍ଧକ ଗଛ ଭାବରେ ବାଡ଼ିବଗିଚାରେ ଲଗାଯାଏ। ଏହି ବୃକ୍ଷର ଅନେକ ଔଷଧୀୟ, ସାଂସ୍କୃତିକ ଏବଂ ଧାର୍ମିକ ଗୁରୁତ୍ୱ ଅଛି। ପ୍ରାକୃତିକ ବାସସ୍ଥାନରେ ଏହା ସମୁଦ୍ର ପତ୍ତନଠାରୁ ୫୦୦ ମିଟରରୁ କମ୍ ଉଚ୍ଚତାରେ ବଢ଼େ। ଏହା ପୁଡୁଚେରୀରେ 'ରାଜ୍ୟ ଫୁଲ'ର ମାନ୍ୟତା ପାଇଛି।

'ମହାନାଗେଶ୍ୱର' ଭାବେ ମଧ୍ୟ ପରିଚିତ ନାଗଲିଙ୍ଗ ପ୍ରାୟ ୩୦ ମିଟର ଉଚ୍ଚତା ବିଶିଷ୍ଟ ଏକ ବଡ଼ ଚିରହରିତ୍ ବା ଅର୍ଦ୍ଧଚିରହରିତ୍ ଦ୍ରୁମ। କାଣ୍ଡଟି ନଳାକାର, ଯାହାର ବ୍ୟାସ ୭୦ ସେମି ଅତିକ୍ରମ କରିପାରେ। ଛାଲି ମାଟିଆ ଧୂସର ରଙ୍ଗର। ପରିପକ୍ୱ ବୃକ୍ଷର ଛାଲି ଫାଟି ଫାଟିଯାଏ। ପତ୍ରଗୁଡ଼ିକ ଶାଖାଗୁଡ଼ିକର ଶୀର୍ଷରେ ପୁଞ୍ଜିଭୂତ ଏବଂ ବିକଳ୍ପ ଭାବରେ ସଜେଇ ହୋଇ ରହିଥାଏ। ପତ୍ର ଧାର ସମ୍ପୂର୍ଣ୍ଣ କିମ୍ବା ସାମାନ୍ୟ ଦନ୍ତୁରିତ, ପ୍ରାୟ ୧୦-୨୦ ସେମି ଲମ୍ବ ଓ ୪-୬ ସେମି ଚଉଡ଼ା। ମୁଖ୍ୟ ଗଣ୍ଡି ଏବଂ ଅନ୍ୟାନ୍ୟ ବଡ଼ ଶାଖାରୁ ଫୁଲଗୁଡ଼ିକ ଗୁଚ୍ଛରେ ଉତ୍ପନ୍ନ ହୁଏ। ଫୁଲଗୁଡ଼ିକର ବ୍ୟାସ ପ୍ରାୟ ୬ ସେମି ବିଶିଷ୍ଟ ମାଂସଳ, ହଳଦିଆ ଏବଂ ଲାଲ କିମ୍ବା ଗୋଲାପୀ ବାଇଗଣୀ ରଙ୍ଗର। ଫୁଲଗୁଡ଼ିକ ପ୍ରବଳ ସୁଗନ୍ଧଯୁକ୍ତ, ବିଶେଷକରି ରାତିରେ ଏବଂ ପ୍ରାତଃ ସମୟରେ। ପରିପକ୍ୱ ଫଳ ଭୂମିରେ ପଡ଼ିବା ବେଳେ ବାଡ଼େଇ ହୋଇ ଶବ୍ଦ ହୁଏ। ତଳେ ପଡ଼ି ଫାଟିଲା ଫଳକୁ ବିଭିନ୍ନ ପ୍ରାଣୀ ଖାଇଥା'ନ୍ତି। ଫଳଟି କଠିନ ଆବରଣ ସହିତ ଗୋଲାକାର। ଏହାର ବ୍ୟାସ ପ୍ରାୟ ୨୫ ସେମି। ଫଳଟି ଖାଦ୍ୟ ଉପଯୋଗୀ କିନ୍ତୁ ଏହାର ଅପ୍ରିୟ ଗନ୍ଧ ଯୋଗୁଁ ସାଧାରଣତଃ ଲୋକମାନେ ଏହାକୁ ଖାଆନ୍ତି ନାହିଁ। ଭାରତରେ ବର୍ଷସାରା ଗଛରେ ଫୁଲ ଫୁଟେ। ଫୁଲଗୁଡ଼ିକୁ ସୁଗନ୍ଧିତ ପ୍ରସାଧନୀ ସାମଗ୍ରୀ ପ୍ରସ୍ତୁତିରେ ବ୍ୟବହାର କରାଯାଏ।

ନାଗଲିଙ୍ଗକୁ ପାରମ୍ପରିକ ଭାବରେ ଉଚ୍ଚ ରକ୍ତଚାପ, ଟ୍ୟୁମର, ଯନ୍ତ୍ରଣା ଓ ପ୍ରଦାହ, ସାଧାରଣ ଥଣ୍ଡା, ପେଟ ଯନ୍ତ୍ରଣା, ଚର୍ମ ରୋଗ, କ୍ଷତ, ମ୍ୟାଲେରିଆ, ଦାନ୍ତ ବିନ୍ଧା, ଗ୍ୟାଷ୍ଟ୍ରାଇଟ୍, ସ୍କେବସ୍, ରକ୍ତସ୍ରାବ, ପାଇଲ୍ସ, ପତଳା ଝାଡ଼ା, ବିଛା ବିଷ ଆଦି ଚିକିତ୍ସା ପାଇଁ ବ୍ୟବହାର କରାଯାଇ ଆସୁଛି। ଏହା ଆଣ୍ଟିମାଇକ୍ରୋବିଏଲ୍, ଆଣ୍ଟିଅଲ୍ସର, କୃମିନାଶକ, ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟିପାଇରେଟିକ୍, ଆଣ୍ଟିଆର୍ଥ୍ରାଇଟିକ୍, ଇମ୍ୟୁନୋମୋଡୁଲେଟୋରୀ/ପ୍ରତିରୋଧକ ଶକ୍ତି ବୃଦ୍ଧି କାରକ, ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟିଷ୍ଟ୍ରେସ୍, ଆଣ୍ଟିଡାଇରିଆଲ୍, ଆଣ୍ଟିଡିପ୍ରେସାଣ୍ଟ ଗୁଣରେ ସମୃଦ୍ଧ।

ଏହାଛଡ଼ା ନାଗଲିଙ୍ଗ ଗଛରେ ଟ୍ରାଇଟରପେନ୍ସ, ଫେନୋଲିକ୍ସ, କୁରୁପିଟାଇନ୍, ଇଣ୍ଡିରୁବିନ୍, ଆଇସାଟିନ୍, ଆନ୍ଥୋସିଆନିନ୍, ଫ୍ଲାଭାନୋଇଡ୍ସ, ୟୁଜେନୋଲ୍, ଟାନିନ୍, ଷ୍ଟେରଏଡ୍ସ, ସାପୋନିନ୍, ଗ୍ଲାଇକୋସାଇଡ୍ସ, ଆମିନୋ ଏସିଡ୍, ଫେନୋଲ୍ସ, ଆନ୍ଥ୍ରାକୁଇନୋନ୍, ଟ୍ରାଇଟରପେନୋଇଡ୍ସ, ଫାର୍ସେନଲ୍ ଏବଂ ତେଲ ଭଳି ଅନେକ ଉପାଦାନ ରହିଛି। ଫଳ ଏବଂ ଫୁଲରେ ଇଣ୍ଡିଗୋଟିନ୍ ଏବଂ ଇଣ୍ଡିରୁବିନ୍ ରାସାୟନିକ ଯୌଗିକ ଥିବା ଜଣାଯାଏ। ଫଳର କଠିନ ଖୋଳକୁ କେତେକ ସମୟରେ ପାତ୍ର ଭାବରେ ବ୍ୟବହାର କରାଯାଏ। କାଠଗୁଡ଼ିକ ବହୁତ ହାଲୁକା; ନରମ, ଅସ୍ଥାୟୀ ଏବଂ କବକ, କାଠ କୀଟ ଉଇ ପ୍ରତି ସମ୍ବେଦନଶୀଳ। ଏହି କାଠ ବିଭିନ୍ନ ପ୍ରକାରର ଖେଳଣା, ବାକ୍ସ, ପିଞ୍ଜରା, ଦିଆସିଲି, ପ୍ୟାନେଲିଂ, ଫର୍ଣ୍ଣିଚର ଉପାଦାନ, କାଠ ସାମଗ୍ରୀ, ଲାଥ୍-ବୋର୍ଡ ଓ ଫାଇବର-ବୋର୍ଡ ପ୍ରସ୍ତୁତିରେ ବ୍ୟବହାର କରାଯାଏ।

ଭାରତ ଏବଂ ଶ୍ରୀଲଙ୍କାରେ ଏହି ଗଛକୁ ହିନ୍ଦୁମାନେ ପୂଜା କରନ୍ତି। ଏହାର ଫୁଲର ହୁଡ ବା ଫେଣା ନାଗଫେଣା ପରି ଦେଖାଯାଏ, ଯାହା ତଳେ ଗର୍ଭକେଶର ଧଳା ରଙ୍ଗର ଲିଙ୍ଗ ପରି ଦେଖାଯାଏ। ତେଣୁ ଏହାକୁ ଶିବମନ୍ଦିରରେ ରୋପଣ କରାଯାଏ। ଶ୍ରୀଲଙ୍କା, ଥାଇଲ୍ୟାଣ୍ଡ, ମିଆମାର, କାମ୍ବୋଡିଆ, ଲାଓସ, ବଙ୍ଗଳାଦେଶ, ନେପାଳ, ଭୁଟାନ, ମାଲେସିଆ ଏବଂ ଅନ୍ୟାନ୍ୟ ବୌଦ୍ଧ ଦେଶ ଗୁଡ଼ିକରେ ଏହାକୁ ବୌଦ୍ଧ ମଠ ଏବଂ ଅନ୍ୟାନ୍ୟ ଧାର୍ମିକ ସ୍ଥଳରେ ଲଗାଯାଇଥାଏ। ମାନବ ବସତି ସ୍ଥାପନ, କୃଷି ଜମି ସମ୍ପ୍ରସାରଣ, ପ୍ରାକୃତିକ ଜଙ୍ଗଲ ସଙ୍କୋଚନ ଇତ୍ୟାଦି କାରଣରୁ ନାଗଲିଙ୍ଗ ଉଦ୍ଭିଦର ସଂଖ୍ୟା ପ୍ରାୟତଃ ହ୍ରାସ ପାଇବାରେ ଲାଗିଛି। ପ୍ରକୃତି ସଂରକ୍ଷଣ ପାଇଁ ଆନ୍ତର୍ଜାତୀୟ ସଂଘ ଲାଲ ବିପନ୍ନ ଜାତି ତାଲିକାରେ ଏହି ଉଦ୍ଭିଦକୁ 'ସର୍ବନିମ୍ନ ଚିନ୍ତା' ବର୍ଗରେ ସ୍ଥାନିତ କରିଛି। ●

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ନୂଆପଡ଼ାରେ ଜାଲିଆତି କରି ଜିତିଛି ବିଜେପି: ସ୍ନେହାଙ୍ଗିନୀ

ଭୁବନେଶ୍ୱର,୧୬।୧୧(ସମିସ): ନୂଆପଡା ଉପନିର୍ବାଚନରେ ଜିଲ୍ଲା ପ୍ରଶାସନ, ପୁଲିସ ଓ ନିର୍ବାଚନ କମିଶନଙ୍କୁ ହାତବାରିସୀ କରି ଭୋଟ ରିଗିଂ ମାଧ୍ୟମରେ ବିଜେପି ବିଜୟୀ ହୋଇଛି। ଏହାପରେ ମଧ୍ୟ ନୂଆପଡାବାସୀଙ୍କ ସହିତ ବିଜୁ ଜନତା ଦଳ ଥିଲା ଓ ଆଗକୁ ରହିବ। ନୂଆପଡ଼ାବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ସେ ସବୁବେଳେ ଲଢ଼େଇ କରିବେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଉପ ନିର୍ବାଚନରେ ଦଳୀୟ ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ।



- ଭୋଟ ରିଗିଂ ପଛରେ ପ୍ରଶାସନ, ପୁଲିସ ଓ ନିର୍ବାଚନ ଅଧିକାରୀ
- ଭୋଟରେ ପ୍ରତିଫଳିତ ହୋଇନାହିଁ ବିଜେଡିକୁ ମିଳିଥିବା ସମର୍ଥନ
- ନୂଆପଡ଼ାବାସୀଙ୍କ ସ୍ୱାର୍ଥ ପାଇଁ ସବୁବେଳେ ଲଢେଇ କରିବି

ରବିବାର ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଛୁରିଆ କହିଥିଲେ ଯେ ନିର୍ବାଚନ ପ୍ରଚାର ସମୟରେ ନୂଆପଡାର ପ୍ରତ୍ୟେକ ପଞ୍ଚାୟତ ଓ ଏନଏସି ଅଞ୍ଚଳକୁ ଯାଇଥିଲେ ଓ ପ୍ରତ୍ୟେକ ସ୍ଥାନରେ ବିଜୁ ଜନତା ଦଳ ପ୍ରତି ଓ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ପ୍ରତି ଅକୁଣ୍ଠ ସମର୍ଥନ ଓ ଭଲପାଇବା ଥିବା ଦେଖିଥିଲେ । ନିର୍ବାଚନ ପ୍ରଚାର ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦଳର ନେତା ଓ କର୍ମୀ ମାନଙ୍କ ଉପରେ ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଇ ତାଙ୍କ ମନୋବଳକୁ ଦୁର୍ବଳ କରିବା ପାଇଁ ଚେଷ୍ଟା କରାଯାଉଥିଲା। ଏହାର ଅଭିଯୋଗ ବାରମ୍ବାର ବିଜେଡି ପକ୍ଷରୁ ନିର୍ବାଚନ ଅଧିକାରୀଙ୍କ ଆଗରେ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା । ସାଇଲେଣ୍ଟ ପିରିଅଡରେ ନିର୍ବାଚନ ଆଚରଣ ବିଧିକୁ ସମ୍ମାନ ଜଣାଇ ବିଜେଡିର ନେତାମାନେ ନୂଆପଡା ଛାଡି ଦେଇଥିବା ବେଳେ ବିଜେପିର ନେତାମାନେ ସେଠାରେ ଉପସ୍ଥିତ ରହି ଟଙ୍କା ବଣ୍ଟା କାର୍ଯ୍ୟରେ ଲିପ୍ତ ରହିଥିଲେ । ବିଜେଡି ପକ୍ଷରୁ ଏହାର ଅଭିଯୋଗ ସ୍ଥାନୀୟ ପୁଲିସ ଷ୍ଟେସନରେ କରାଯିବା ପରେ ଅଭିଯୋଗ କରିଥିବା ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ଆର୍ମ୍ସ ଆକ୍ଟ ଲଗାଇ ଜେଲକୁ ପଠାଯାଇଥିଲା ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି।

ସେହିପରି ନିର୍ବାଚନ ଦିନ ଭୋଟିଂ ସମୟରେ ବୁଥ୍ ଗୁଡିକରେ ବିଜେପି କର୍ମୀମାନେ ବୁଥ୍ ଭିତରେ ପସି କ୍ୟାମ୍ପେନିଂ କରିବା ସହିତ ଭୋଟର ମାନଙ୍କୁ ପଦ୍ମଫୁଲରେ ଭୋଟ ଦେବା ପାଇଁ ଏକ ପ୍ରକାର ବାଧ କରୁଥିଲେ। ଏହାର ଅଭିଯୋଗ କରାଯାଇଥିଲେ ମଧ କର୍ତ୍ତୃପକ୍ଷ ଶୁଣି ନଥିଲେ। ବୁଥ୍ ରିଗିଂ କାରଣରୁ ଭୋଟିଂ ପ୍ରତିଶତ ଅହେତୁକ ବୃଦ୍ଧି ପାଇଥିଲା । ୪୧ଟି ବୁଥରେ ୯୦ ପ୍ରତିଶତରୁ ଅଧିକା ଭୋଟିଂ ହୋଇଥିଲା। ଭୋଟିଂ ଶେଷ ହେବା ବେଳେ ଅର୍ଥାତ ସନ୍ଧ୍ୟା ୫ଟା ସମୟରେ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ୭୫ ପ୍ରତିଶତ ଭୋଟିଂ ହୋଇଛି ବୋଲି ସୂଚନା ଦିଆଯାଇଥିଲା । ସନ୍ଧ୍ୟା ୭ଟା ସମୟରେ ଭୋଟିଂ ୭୭ ପ୍ରତିଶତ ହୋଇଛି ବୋଲି ସୂଚନା ଦିଆଗଲା । କିନ୍ତୁ ପରଦିନ ଦିବା ୧୦ ଘଟିକା ସମୟରେ ୮୧ ପ୍ରତିଶତ ଓ ୧୨ଟା ସମୟରେ ୮୩.୪୫ ପ୍ରତିଶତ ଭୋଟିଂ ହୋଇଛି ବୋଲି କୁହାଗଲା। ଏଥିରୁ ଭୋଟ୍ ଜାଲିଆତିର ଆଭାସ ମିଳୁଛି। ଶ୍ରୀମତୀ ଛୁରିଆ ଆହୁରି କହିଥିଲେ ଯେ ନୂଆପଡାବାସୀଙ୍କ ସମର୍ଥନ ବିଜୁ ଜନତା ଦଳ ପ୍ରତି ରହିଥିଲା। ମାତ୍ର ଜିଲ୍ଲା ପ୍ରଶାସନ, ପୁଲିସ ଓ ନିର୍ବାଚନ ଅଧିକାରୀଙ୍କୁ ହାତବାରିସୀ କରି ଭୋଟ ରିଗିଂ କରି ବିଜେପି ବିଜୟୀ ହୋଇଛି। ନୂଆପଡାବାସୀ ତାଙ୍କୁ ଓ ନବୀନ ପଟ୍ଟନାୟକଙ୍କ ପ୍ରତି ଦେଇଥିବା ସମର୍ଥନ ପାଇଁ ସେ କୃତଜ୍ଞତା ଜଣାଇଥିଲେ। ଭୁବନେଶ୍ୱର ମେୟର ସୁଲୋଚନା ଦାସ କହିଥିଲେ ଯେ ପ୍ରଶାସନିକ କଳକୁ ହାତବାରିସୀ କରି ବିଜେପି ହୁଏତ ନୂଆପଡା ଆସନକୁ ହାତେଇବା ପାଇଁ ସଫଳ ହୋଇଥାଇ ପାରେ, କିନ୍ତୁ ନୂଆପଡାବାସୀଙ୍କ ସମର୍ଥନ ଶ୍ରୀମତୀ ଛୁରିଆ ଓ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ପ୍ରତି ରହିଛି। ସେଥିପାଇଁ ନୂଆପଡ଼ାବାସୀଙ୍କୁ ଦଳ ପକ୍ଷରୁ ଆମେ କୃତଜ୍ଞତା ଜଣାଉଛୁ ବୋଲି ସେ ମତବ୍ୟକ୍ତ କରିଥିଲେ।

## ଦଳର ବିଭୀଷଣଙ୍କୁ ଭକ୍ତଙ୍କ ନାଲିଆଖି

ଭୁବନେଶ୍ୱର,୧୬।୧୧(ସମିସ): ସବୁ ଦଳରେ ବିଭୀଷଣଅଛନ୍ତି। କଂଗ୍ରେସରେମଧ୍ୟକିଛି ବିଭୀଷଣ ଭଳିଆତ୍ମଘାତୀ କାର୍ଯ୍ୟ କରିଦଳରକ୍ଷତି କରିଛନ୍ତି। ନିର୍ବାଚନ ସମୟରେ ଦଳ ଏବଂ ତାଙ୍କ ବିରୋଧରେ ଅପପ୍ରଚାରର ବନ୍ୟା ସୃଷ୍ଟି କରାଯାଇଥିଲା। ଦଳରେ ଥାଇ ଆତ୍ମଘାତୀ କାର୍ଯ୍ୟ କରି ଦଳକୁ କ୍ଷତି ପହଞ୍ଚାଇଥିବା ବିଭୀଷଣମାନଙ୍କୁ କଦାପି ଛଡ଼ାଯିବ ନାହିଁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ନୂଆପଡ଼ା ଉପନିର୍ବାଚନ ପରେ ଶ୍ରୀ ଦାସ ରବିବାର ଭୁବନେଶ୍ୱର ଫେରି ଗଣମାଧ୍ୟମକୁ ସୂଚନା ଦେଇ କଂଗ୍ରେସରେ ଥିବା କୁଚକ୍ରୀ ବିଭୀଷଣଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି।

ଭକ୍ତ କହିଛନ୍ତି, କଂଗ୍ରେସ ନୂଆପଡ଼ାରେ ଉତ୍ତମ ଭାବରେ ନିର୍ବାଚନ ପରିଚାଳନା କରିଥିଲା। କଂଗ୍ରେସର ପ୍ରଚାରରେ ଜନସମର୍ଥନ ଦେଖି ବିଜେପି ଭୟଭୀତ ହୋଇଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସଭାରେ ଲୋକ ନ ହୋଇ ବଳକା ଖାଦ୍ୟ ଖାଇ ୧୭ଟି ଗାଈ ମରିଯିବା ଯୋଗୁଁ ବିଜେପି ଦଳ ନିରୁତ୍ସାହିତ ହୋଇ ଯାଇଥିଲା। ତେଣୁ ବିଜେପି ରଣନୀତି ବଦଳାଇ ମାଳମାଳ ମନ୍ତ୍ରୀ ଏବଂ ବିଧାୟକଙ୍କୁ ପ୍ରଚାର କାର୍ଯ୍ୟରେ ଲଗାଇଲା। ଦୁଇଜଣ ମୁଖ୍ୟମନ୍ତ୍ରୀ ନୂଆପଡ଼ାରେ ଲଗାତାର ତୋଫାନୀ ସଭା କଲେ। ଏପରିକି ଶହଶହ ଗାଡ଼ିଘୋଡ଼ା, ଗୀତବାଦ୍ୟ, ଯାତ୍ରା, ଅର୍କେଷ୍ଟ୍ରା ପାର୍ଟି ଆଦି ଆଣି ଦିନ ତମାମ ସମ୍ପୂର୍ଣ୍ଣ ରାସ୍ତା ଅବରୋଧ କରିଥିଲେ। ବିଜେପି ଗୋଟେ ଗୋଟେ ଦିନରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲା। ଗୁରୁତ୍ୱପୂର୍ଣ୍ଣ ବିଷୟ, ସମ୍ପୂର୍ଣ୍ଣ ନିର୍ବାଚନ ପୁଲିସ ପରିଚାଳନା କରୁଥିଲା। ଏହାର ପରିଣାମ ସ୍ୱରୂପ ବିଜେପି ନବନିର୍ବାଚିତ ବିଧାୟକ ଜୟ ଢୋଲକିଆ ବିଜୟୀ ହେବା ପରେ ଆଇଜି ହିମାଂଶୁ ଲାଲଙ୍କ ପାଦ ଛୁଇଁ ପ୍ରଣାମ କରିଥିଲେ। ଏଥିରୁ ନୂଆପଡ଼ା



- କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଲେ ପିସିସି ସଭାପତି
- ଏହା ଉପନିର୍ବାଚନ ନୁହେଁ; ଗଣତନ୍ତ୍ର ପ୍ରତି ଉପହାସ ଥିଲା
- ହିମାଂଶୁ ଲାଲ୍‌ଙ୍କଠୁ ଜୟ ଆଶୀର୍ବାଦ ନେବାକୁ ସମାଲୋଚନା

ଉପନିର୍ବାଚନରେ ପୁଲିସର ଭୂମିକା କ'ଣ ଥିଲା, ତାହା ସ୍ପଷ୍ଟ ପ୍ରମାଣିତ ହୋଇଛି। ହିମାଂଶୁ ଲାଲ୍ ଆଶୀର୍ବାଦ ଦେଲେ ଏବଂ ଜୟ ଢୋଲକିଆ ଭୋଟ୍ ପାଇଲେ ବୋଲି ଭକ୍ତ କହିଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସ ପାଇଥିବା ଭୋଟ ସଂଖ୍ୟାରେ ସେ ସନ୍ତୁଷ୍ଟ ବୋଲି ଭକ୍ତ କହିଛନ୍ତି। କାରଣ ମୃତ୍ୟୁବରଣ କରିଥିବା ବିଜେଡି ବିଧାୟକଙ୍କ ପୁଅ ଶାସକ ଦଳ ପ୍ରାର୍ଥୀ ହୋଇଥିଲେ। ସରକାରୀ କଳର ସମ୍ପୂର୍ଣ୍ଣ ଅପବ୍ୟବହାର କରାଯାଇଥିଲା। ଅଭୂତପୂର୍ବ ଭାବେ ଟଙ୍କା ଖର୍ଚ୍ଚ କରାଯାଇଥିଲା। ସମସ୍ତ ମନ୍ତ୍ରୀ, ବିଧାୟକ ପ୍ରଚାରରେ ନିଯୁକ୍ତ ହୋଇଥିଲେ। ଯେଉଁ ସ୍ଥାନରେ ଟଙ୍କା କାମ ଦେଲାନାହିଁ, ସେ ସ୍ଥାନମାନଙ୍କରେ ବିଜେପି ବିଭିନ୍ନ ଉପାୟରେ ଭୋଟ ଚୋରି କଲା। କଂଗ୍ରେସ ପାଇଁ ଏଭଳି ଉପନିର୍ବାଚନରେ ଉପଲବ୍‌ଧି କେବେ ମିଳି ନ ଥିଲା। ଏହି ଉପନିର୍ବାଚନ କଂଗ୍ରେସର ଆଶା ଓ ମନୋବଳକୁ ଦୃଢ଼ କରିଛି। ବିଜେପି ନିର୍ବାଚନ ପ୍ରଚାରକୁ କିଭଳି ମୁକାବିଲା କରାଯିବ, ଆମେ ଏଥିରୁ ମଧ୍ୟ ଶିକ୍ଷାଲାଭ କଲୁ ବୋଲି ଭକ୍ତ କହିଛନ୍ତି।

ଭକ୍ତ ଆହୁରି କହିଛନ୍ତି ଯେ ନିର୍ବାଚନ ଯେପରି ଲଢ଼ାଯାଏ କଂଗ୍ରେସ ସେପରି ଦାୟିତ୍ୱରେ ଥିବା ସମସ୍ତ କର୍ମୀ, କର୍ମକର୍ତ୍ତା ଏବଂ ବରିଷ୍ଠ ନେତୃବୃନ୍ଦଙ୍କୁ ନେଇ ସୁଚାରୁ ରୂପେ ନିର୍ବାଚନ ପରିଚାଳନା କରିଥିଲା। ଜନସାଧାରଣଙ୍କ ସହିତ ସୁସମ୍ପର୍କ ସ୍ଥାପନ କରିଥିଲା। ଦଳ ପକ୍ଷରୁ କୌଣସି ଅବହେଳା ହୋଇ ନାହିଁ। କିନ୍ତୁ ବିଜେପିର ଅନୀତିଯୁକ୍ତ ପ୍ରଚାର ସହ କଂଗ୍ରେସ ସମକକ୍ଷ ହୋଇପାରିଲା ନାହିଁ। ଗୋଟେ ଉପନିର୍ବାଚନ ପାଇଁ ସରକାରଙ୍କ ଏଭଳି ଜିଦ୍ ଏବଂ ଶାସନର ଦୁରୁପଯୋଗ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ପିସିସି ସଭାପତି କହିଛନ୍ତି।

## ମାଓ ଦମ୍ପତିଙ୍କ ଆତ୍ମସମର୍ପଣ

ଫୁଲବାଣୀ/ଫିରିଙ୍ଗିଆ, ୧୬।୧୧ (ସମିସ): କନ୍ଧମାଳ ପୁଲିସ ନିକଟରେ ଆଜି ଏକ ମାଓ ଦମ୍ପତି ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ, ଛତିଶଗଡ଼ ସୁକମା ଜିଲ୍ଲା ପାରଲାଗାଟା ଗ୍ରାମର ଉଙ୍ଗା କଲମା ଓରଫ କିଶୋର(୨୫) ଓ ସୁକମା ଜିଲ୍ଲା ବାଜେ ଥାନା ଗୁମୁ ପଞ୍ଚାୟତର କିଣ୍ଡରାମ ଗ୍ରାମର ମାସେ ମାଣ୍ଡଭୀ (୨୨)। ସେମାନେ ୨୦୧୮ ମସିହାରେ ଲାଲବାହିନୀରେ ଯୋଗଦେଇ ବଂଶଧାରା-ଘୁମୁସର-ନୟାଗଡ଼ (ବିଜିଏନ) ସଙ୍ଗଠନରେ ପାର୍ଟି ମେମ୍ବର ଭାବେ କାମ କରୁଥିଲେ। ଦକ୍ଷିଣ-



କେନ୍ଦ୍ର ଓଡ଼ିଶା ମଧ୍ୟ ଦେଇ ଲାଲବାହିନୀର ଉତ୍ତର-ଦକ୍ଷିଣ କରିଡର୍‌କୁ ପୁନଃ ସକ୍ରିୟ କରିବା ପାଇଁ ସେମାନେ କାମ କରୁଥିଲେ ବୋଲି ଆଜି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଆଇଜି ନିତିଶେଖର ପ୍ରକାଶ କରିଛନ୍ତି। ସେମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ସଂଘଟିତ ଅନେକ ମାଓ କାର୍ଯ୍ୟକଳାପରେ ସମ୍ପୃକ୍ତ ରହିଥିବା କନ୍ଧମାଳ ଏସ୍‌ପି ହରିଣ ବିଶି କହିଛନ୍ତି।


ମାଓ ସଙ୍ଗଠନର ମିଥ୍ୟା ପ୍ରତିଶ୍ରୁତି, ହିଂସାତ୍ମକ କାର୍ଯ୍ୟକଳାପ, ନିର୍ଯାତନା, ବିକାଶକୁ ବିରୋଧ ଭଳି ଜନବିରୋଧୀ କାର୍ଯ୍ୟ ପ୍ରତି ବୀତସ୍ପୃହ ହେବା ସହିତ ସରକାରଙ୍କ ପକ୍ଷରୁ ଘୋଷିତ ଆକର୍ଷଣୀୟ ଥଇଥାନ ପ୍ୟାକେଜ ଦ୍ୱାରା ପ୍ରଭାବିତ ହୋଇ ସଙ୍ଗଠନ ଛାଡିବା ସହ ସମାଜର ମୁଖ୍ୟସ୍ରୋତକୁ ଫେରିବା ପାଇଁ ନିଷ୍ପତ୍ତି ନେଇଥିବା ଉଭୟ ପ୍ରକାଶ କରିଛନ୍ତି।

ଅପରପକ୍ଷେ, ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଛନ୍ତି ଆଇଜି ନିତିଶେଖର। ଏଥିସହ ବାଲିଗୁଡ଼ା ଥାନା ଅନ୍ତର୍ଗତ ପାଙ୍ଗୁରମାଲା ଗ୍ରାମ ନିକଟରେ ଡିଭିଏଫ ପକ୍ଷରୁ କମ୍ବିଂ ଅପରେସନ ଚାଲିଥିବା ବେଳେ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ ହୋଇଥିବା ସୂଚନା ଦେଇଛନ୍ତି ଆଇଜି। ଜବତ ସାମଗ୍ରୀ ମଧ୍ୟରେ ରହିଛି ୪ଟି ମୋର୍ଟାର ସେଲ, ୩ଟି ଡିଟୋନେଟର, ଟିଫିନ ବକ୍ସ, ବିଦ୍ୟୁତ ତାର ସହିତ ଖାଦ୍ୟ ସାମଗ୍ରୀ, ପୋଷାକ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି ହେଲା ସ୍ୱତନ୍ତ୍ର ମାର୍ଗଦର୍ଶିକା
## ଦଣ୍ଡନାଚରେ ଦ୍ୱିଅର୍ଥବୋଧକ ଶବ୍ଦକୁ ନା

ବ୍ରହ୍ମପୁର,୧୬।୧୧(ସମିସ): ଗଞ୍ଜାମର ଗଣପର୍ବ ଦଣ୍ଡନାଚରେ କ୍ରମଶଃ ଅଶ୍ଳୀଳତା ଓ ଅପସଂସ୍କୃତି ପ୍ରବେଶ କରୁଛି। ଏହା ଲୋକଙ୍କ ଧାର୍ମିକ ଭାବନାକୁ କୁଠାରଘାତ କରୁଥିବାରୁ ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏହା ବିରୋଧରେ ପ୍ରଶାସନିକସ୍ତରରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଆସୁଥିବା ବେଳେ ବର୍ତ୍ତମାନ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଏନେଇ ତତ୍ପରତା ପ୍ରକାଶ ପାଇଛି। ଦଣ୍ଡନାଚରେ ଅଶ୍ଳୀଳତା, ଅପସଂସ୍କୃତି ଓ ଅସାମାଜିକ ତତ୍ତ୍ୱର ନିରାକରଣ ସକାଶେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି।

ଧୂଳିଦଣ୍ଡ ସମୟରେ ପାରମ୍ପାରିକ ଡଗଡ଼ମାଳି ଓ ଲୋକସଙ୍ଗୀତର ବ୍ୟବହାରକୁ ଯଦିଓ ଅନୁମତି ମିଳିଛି, ଦ୍ୱିଅର୍ଥବୋଧକ ଶବ୍ଦର ପ୍ରୟୋଗକୁ ନିଷିଦ୍ଧ କରାଯାଇଛି। ରାତ୍ରି ସମୟରେ ଆୟୋଜିତ ସାଂସ୍କୃତିକ ମଞ୍ଚରେ କେବଳ ପାରମ୍ପରିକ କଳାକୁ ଅନୁମତି ଦିଆଯାଇଛି। ବ୍ଲକ୍/ମହାନଗର ନିଗମ



ସ୍ତରରେ କମିଶନର, ତହସିଲଦାର, ବିଡିଓ, ଥାନା ଅଧିକାରୀ, କାର୍ଯ୍ୟନିର୍ବାହୀ ଅଧିକାରୀ, ବ୍ଲକ କଳା ସଂସ୍କୃତି ସଂଘକୁ ନେଇ ଏକ କମିଟି ଗଠନ କରାଯିବ। ପ୍ରତିବର୍ଷ ଦଣ୍ଡନାଚ ଆରମ୍ଭ ପୂର୍ବରୁ ଦଣ୍ଡନାଚର ମୁଖ୍ୟ ପରିଚାଳକଙ୍କୁ ନେଇ ବୈଠକ କରାଯାଇ ପ୍ରଶାସନ ପକ୍ଷରୁ ଜାରି ଦଣ୍ଡନାଚର ମାର୍ଗଦର୍ଶିକାର କଡ଼ାକଡ଼ି ଅନୁପାଳନ ନେଇ ଆଲୋଚନା କରାଯିବ। ଦଣ୍ଡନାଚର ମୁଖ୍ୟ ପରିଚାଳକ ଦଣ୍ଡନାଚ ପୂର୍ବରୁ ଆବଶ୍ୟକ ସର୍ତ୍ତ ପୂରଣ କରି ସ୍ଥାନୀୟ ଥାନା ଅଧିକାରୀଙ୍କଠାରୁ ଅନୁମତି ନେବେ। ଅନୁମତିପତ୍ରରେ ଦଣ୍ଡନାଚର ସବିଶେଷ ତଥ୍ୟ ଯଥା ନାଟକ

### ଖିଲାପ କଲେ କାର୍ଯ୍ୟାନୁଷ୍ଠାନ: ଜିଲ୍ଲାପାଳ

ସମ୍ପର୍କିତ ସମ୍ପୂର୍ଣ୍ଣ ବିବାରଣୀ, କଳାକାରଙ୍କ ନାମ ଓ ଠିକଣା, କେତେଦିନ ଓ କେଉଁ ସ୍ଥାନରେ ଦଣ୍ଡନାଚ ପରିବେଷଣ କରାଯିବ, ସେନେଇ ମଧ୍ୟ ତଥ୍ୟ ପ୍ରଦାନ କରିବାକୁ ହେବ। ଦଣ୍ଡନାଚ ପରିବେଷଣ ସମୟରେ ମାର୍ଗଦର୍ଶିକାର ଉଲ୍ଲଙ୍ଘନ ହେଲେ, ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ସ୍ପଷ୍ଟ ଉଲ୍ଲେଖ କରାଯାଇଛି। ପ୍ରଶାସନ ପକ୍ଷରୁ ନିଆଯାଇଥିବା ଏଭଳି ପଦକ୍ଷେପକୁ କଳା ଓ ସଂସ୍କୃତି ପ୍ରେମୀଙ୍କ ସହିତ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

## ଦିବ୍ୟାଙ୍ଗ ନାବାଳିକାଙ୍କୁ ଦୁଷ୍କର୍ମ

କେନ୍ଦୁଝର, ୧୬।୧୧ (ସମିସ): କେନ୍ଦୁଝର ସଦର ଥାନା ଅଞ୍ଚଳରେ ୯ ବର୍ଷୀୟା ଦିବ୍ୟାଙ୍ଗ ନାବାଳିକାଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ବାପାଙ୍କ ଅଭିଯୋଗକ୍ରମେ ପୁଲିସ୍ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପଶ୍ଚିମବଙ୍ଗ ବାଙ୍କୁରା ଅଞ୍ଚଳର ଅସିଫ୍ ଅନୱାର୍ ଖାନ୍‌କୁ କାଶୀପୁର ନିକଟରୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାନୁସାରେ, ପୀଡ଼ିତାଙ୍କ ବାପାଙ୍କ ଗାଁରେ ଏକ ଗ୍ରୋସରୀ ଦୋକାନ ଅଛି। ଅସିଫ୍ ସେ ଅଞ୍ଚଳର ଦୋକାନଗୁଡ଼ିକରେ ପାଉଁରୁଟି ବିକିବାକୁ ଯାଇଥାଏ। ଗତକାଲି ମଧ୍ୟ ପାଉଁରୁଟି ବିକିବା ପାଇଁ ଯାଇଥିବା ବେଳେ ଦୋକାନ ବନ୍ଦ ଥିବାରୁ ସେ ପୀଡ଼ିତାଙ୍କ ଘରକୁ ଯାଇଥିଲା। ଘରେ କେହି ନଥିବା ଦେଖି ନାବାଳିକାଙ୍କ ଦୁଷ୍କର୍ମ କରି ଫେରାର୍ ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆଜି ନାବାଳିକାଙ୍କ ବାପା ସଦର ଥାନାରେ ଅଭିଯୋଗ କରିଛନ୍ତି।

■ ଆଇନଜୀବୀ ପୀତବାସ ହତ୍ୟା ମାମଲା

## ଚିଣ୍ଟୁ, ଯୋଗୀ ଓ କୁରୁପତିଙ୍କ ଟିଆଇ ପରେଡ୍ ଆଜି

ବ୍ରହ୍ମପୁର, ୧୬।୧୧ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ କୁରୁପତି ଭୂୟାଁ, ଚିଣ୍ଟୁ ପ୍ରଧାନ ଓ ଯୋଗେନ୍ଦ୍ର ରାଉତ ଓରଫ୍ ଯୋଗୀର ସୋମବାର ବ୍ରହ୍ମପୁର ଜେଲ୍‌ରେ ଟିଆଇ ପରେଡ୍ ହେବ। ଏଥିପାଇଁ ତଦନ୍ତକାରୀ ଅଧିକାରୀ ତଥା ଟାଉନ ଏସ୍‌ଡିପିଓ ପ୍ରିୟସ ରଂଜନ ଛୋଟରାୟ ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆବେଦନ କରିଥିଲେ। କୋର୍ଟ ଅନୁମତି ଦେଇଥିବା ଜଣାପଡ଼ିଛି। ସୋମବାର ଆକାଶ ବିଷୋୟୀ ଓ ଏନ୍ କିରଣ କୁମାରଙ୍କ ସମେତ ୩ରୁ ଊର୍ଦ୍ଧ୍ୱ ସାକ୍ଷୀ ଜେଲରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଚିଣ୍ଟୁ, ଯୋଗୀ ଓ କୁରୁପତିଙ୍କୁ ଟିଆଇ ପରେଡ୍‌ରେ ଚିହ୍ନଟ କରିବାର କାର୍ଯ୍ୟକ୍ରମ ଥିବା ସୂଚନା ମିଳିଛି। ଗତ ଶନିବାର ଗିରଫ ୫ ଅଭିଯୁକ୍ତ ଶିଶୁପାଳ କୁମାର ପାଶ୍ୱାନ, ସୀମାଞ୍ଚଳ ନାୟକ, କୁନ୍ଦନ କୁମାର, ବିପିନ ସ୍ୱାଇଁ ଓ ଉମା ଶଙ୍କର ବିଶୋୟୀଙ୍କ ଟିଆଇ ପରେଡ୍ ହୋଇଥିଲା।

ହତ୍ୟାକାଣ୍ଡ ଦିନ ଚିଣ୍ଟୁ ବାଇକ୍ ଚଳାଉଥିବା ବେଳେ କୁରୁପତି ଗୁଳି ଚଳାଇଥିଲା ବୋଲି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ଏପରିକି, ଚିଣ୍ଟୁ ଓ କୁରୁପତିଙ୍କ ମୁହଁରେ କଳାକନା ବା ମୁଖା ପିନ୍ଧାଇ ଘଟଣାସ୍ଥଳରେ ସିନ୍ ରିକ୍ରିଏସନ୍ ମଧ୍ୟ କରାଯାଇଥିଲା। କିନ୍ତୁ କୋର୍ଟଚାଲାଣ ବେଳେ ସମସ୍ତ ଅଭିଯୁକ୍ତଙ୍କ ମୁହଁ ଖୋଲା ରହିଥିବା ଦେଖିବାକୁ ମିଳିଥିଲା। ଏହାଦ୍ୱାରା ଅଭିଯୁକ୍ତଙ୍କୁ ସମସ୍ତେ ଦେଖିବାର ସୁଯୋଗ ପାଇଥିଲେ। ତେଣୁ ବର୍ତ୍ତମାନ ଟିଆଇ ପରେଡ୍ ଜରିଆରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାର ଯଥାର୍ଥତାକୁ ନେଇ ପ୍ରଶ୍ନ ଉଠିଛି।

### ବଳଦେବ ଜୀଉ ମନ୍ଦିର ଉନ୍ନୟନ ପ୍ରକଳ୍ପର ସମୀକ୍ଷା

## ପାରିପାର୍ଶ୍ୱିକ ଉନ୍ନତୀକରଣ ଉପରେ ପୂର୍ତ୍ତ ମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର,୧୬।୧୧(ସମିସ): କେନ୍ଦ୍ରାପଡ଼ାର ପ୍ରସିଦ୍ଧ ବଳଦେବ ଜୀଉ ମନ୍ଦିରର ଐତିହ୍ୟ, ପର୍ଯ୍ୟଟନ ଓ ଭକ୍ତଙ୍କ ଭାବାବେଗ ଦୃଷ୍ଟିରୁ ସ୍ୱତନ୍ତ୍ରତା ରହିଛି। ମନ୍ଦିରର ପୂଜାବିଧି ଓ ପରମ୍ପରା ମଧ୍ୟ



ଅନେକ ଜଗନ୍ନାଥପ୍ରେମୀଙ୍କୁ ଆକୃଷ୍ଟ କରିଥାଏ। ବର୍ତ୍ତମାନ ସମୟରେ ମନ୍ଦିର ଓ ପାରିପାଶ୍ୱରିକ ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ରହିଛନ୍ତି। ଏହି କ୍ରମରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଅଧକ୍ଷତାରେ ବଳଦେବ ଜୀଉ ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନତି ନେଇ ଏକ ସମୀକ୍ଷା ବୈଠକ କରାଯାଇଛି। ବୈଠକରେ ମୁଖ୍ୟ ମନ୍ଦିରର ଆବଶ୍ୟକ ମରାମତି, ପାରିପାର୍ଶ୍ୱିକ ଉନ୍ନତି ସହ ଆନନ୍ଦ ବଜାର, ରୋଷଘର, ସିନ୍ଦୁକ ଘର, ନିକଟରେ ଥିବା ପୁଷ୍କରିଣୀର ଉନ୍ନତିକରଣ ନେଇ କ'ଣ ପଦକ୍ଷେପ ନିଆଯାଇପାରିବ ସେ ନେଇ ପ୍ରସ୍ତାବିତ ଥ୍ରୀ-ଡି ନକ୍ସାର ତର୍ଜମା କରାଯାଇଛି। ଏଥି ସହିତ ମାଉସୀ ମା' ମନ୍ଦିରର ଉନ୍ନତି କରଣ, ପାର୍କିଂ ସ୍ଥଳ, ରଥଖଳା, ଯାତ୍ରୀନିବାସ, ଭୋଗ ଦୋକାନ, ପୁଲିସ କଣ୍ଟ୍ରୋଲ ରୁମ୍ ଆଦିର ଆଧୁନିକୀକରଣ ବାବଦରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଓ ଜିଲ୍ଲାପାଳ ରଘୁରାମ ଆର୍ ଆୟାର ଓ ମନ୍ଦିର ସେବାୟତ ମାନଙ୍କ ସହ ଆଲୋଚନା ହୋଇଥିଲା। ଏହି ଅବସରରେ ବଳଦେବ ଜୀଉ ମନ୍ଦିର ଓ ପାରିପାର୍ଶ୍ୱକ ଉନ୍ନତି ପାଇଁ ବିସ୍ତୃତ ପ୍ଲାନ୍ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ପ୍ରଦାନ କରିବା ପାଇଁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲାପାଳ, ମନ୍ଦିର ସେବାୟତ ସଂଘର ପ୍ରତିନିଧି ବୃନ୍ଦ ଏବଂ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।


**NOTICE (for Minor)**

By virtue of an affidavit sworn before The Executive Magistrate, Udala, Mayurbhanj, dated 14-11-2025 I, Bariyal Hembram, Address AT- Jamgandia, PO- Paktia, PS-Jharpokharia, Dist-Mayurbhanj, PIN-757093 declare that I have changed the name of my son from Gabinda Murmu to Gobinda Hembram. Henceforth, he shall be known as Gobinda Hembram for all purposes.

Bariyal Hembram

ADMISSION NOTICE-2025-26

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

Campus:
262, Puranpadhan, Balakati, Bhubaneswar

Mob. 7019799641, 7978608747
9853801459
Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL


## ଅବଶିଷ୍ଟାଂଶ

### ଋଣ ଚାପରେ...

ପ୍ରଦର୍ଶନ କରିଛନ୍ତି। ଅନ୍ୟପକ୍ଷରେ ଗତ ଦଶନ୍ଧିରେ ଉତ୍ତମ ଆର୍ଥିକ ପରିଚାଳନା ନିମନ୍ତେ ଓଡ଼ିଶା, ଗୁଜରାଟ ଓ ମହାରାଷ୍ଟ୍ର ପରି ତିନିଟି ରାଜ୍ୟର ଜିଏସ୍‌ଡ଼ିପି ଓ ଋଣ ଅନୁପାତ ଭଲ ଥିବା କୁହାଯାଇଛି। ଓଡ଼ିଶାର ଋଣ ଓ ଜିଏସ୍‌ଡିପି ଅନୁପାତ ୧୪ % ମଧ୍ୟରେ ଥିବାବେଳେ ଗୁଜରାଟରେ ୧୫.୩% ଓ ମହାରାଷ୍ଟ୍ରରେ ୧୯% ରହିଥିବା କୁହାଯାଇଛି।

ଅନ୍ୟପକ୍ଷରେ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୟମାସିକ (ଅକ୍ଟୋବର-ଡ଼ିସେମ୍ବର) ମଧ୍ୟରେ ଦେଶର ୨୬ଟି ରାଜ୍ୟ ବଜାରରୁ ୨.୮୭ ଲକ୍ଷ କୋଟି ଟଙ୍କା ଓ ଶେଷ ତ୍ରୟମାସିକ ପାଇଁ ପ୍ରାୟ ସମାନ ପରିମାଣର ଋଣ ଉଠାଇବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ସମ୍ପ୍ରତି ଦେଶର ରାଜ୍ୟ ସମୂହର ଋଣ ଓ ଜିଏସ୍‌ଡିପିର ହାରାହାରି ଅନୁପାତ ୨୮.୮% ପହଞ୍ଚିଥିବାବେଳେ ଆର୍ଥିକ ବର୍ଷ ଶେଷ ବେଳକୁ ଏହା ୩୧% ଅତିକ୍ରମ କରିବାର ଆଶଙ୍କା ରହିଛି। ଯାହା ରାଜ୍ୟଗୁଡ଼ିକର ବିକାଶ ହାରକୁ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି।

### ଛିଡୁନି ବିହାର...

କରିବାକୁ ଦାବି କରିଥିବା ଜଣାପଡ଼ିଛି। ଗତ ମନ୍ତ୍ରିମଣ୍ଡଳରେ ବିଜେପିର ୧୯ ଏବଂ ଜେଡିୟୁର ୧୩ ଜଣ ମନ୍ତ୍ରୀ ଥିଲେ। ତେବେ ଉପମୁଖ୍ୟମନ୍ତ୍ରୀ ଥିବା ବିଜେପିର ଦୁଇ ନେତା ସମ୍ରାଟ ଚୌଧୁରୀ ଏବଂ ବିଜୟ ସିହ୍ନାଙ୍କୁ ଏହି ପଦରେ ରଖାଯିବା ନେଇ କିଛି ନିଶ୍ଚିତ ହୋଇନାହିଁ। ଏନଡିଏ ନେତାମାନଙ୍କ ମଧ୍ୟରେ ଏସଂପର୍କରେ ବିଚାର ଆଲୋଚନା ଚାଲିଛି। ମଙ୍ଗଳ ପାଣ୍ଡେ ଓ ରଜନୀଶ କୁମାରଙ୍କ ମଧ୍ୟରୁ ଜଣଙ୍କୁ ଉପ- ମୁଖ୍ୟମନ୍ତ୍ରୀ ପଦ ମିଳିବା ନେଇ ଚର୍ଚ୍ଚା ହେଉଛି। ବିହାରା ବିଧାନସଭା ନିର୍ବାଚନରେ ବିଜେପିକୁ ସର୍ବାଧିକ ୮୯ ଆସନ ମିଳିଥିବା ବେଳେ ଜେଡିୟୁ ୮୫, ଏଲ୍‌ଜେପି (ଆର) ୧୯, ହାମ୍‌ସ ୫ ଓ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା ୪ଟି ଆସନ ହାସଲ କରିଛନ୍ତି।

### ଭଡା ଟଙ୍କା ପାଇଁ...

ହୋଇଥିଲା। ଏହା ଦେଖି ପାଖରେ ଥିବା ବଡ଼ଭାଇ ପ୍ରକାଶ ଓ ତପନ ବିରୋଧ କରିବାରୁ ରମେଶ ସେମାନଙ୍କୁ ଆକ୍ରମଣ କରିଥିଲା। ଏ ସଂପର୍କରେ ମା' ହେମ ସାହୁ ଓ ଅନ୍ୟ ୩ ଭାଇ ଘଟଣା ସମ୍ପର୍କରେ ଥାନାରେ ଜଣାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆପୋଷ ସମାଧାନ କରି ଫେରିଥିଲା। କିନ୍ତୁ ଏହାକୁ ନେଇ ମନେମନେ ରମେଶ ଭୀଷଣ ରାଗି ଯାଇଥିଲା। ତେଣୁ ବିଳମ୍ବିତ ରାତିରେ ସେ ପ୍ରଚୁର ମଦ ପିଇ ଘରକୁ ଫେରିଥିଲା। ପଦ୍ମନାଭ ଏକୁଟିଆ ଶୋଇଥିବା ଦେଖି ତାଙ୍କ ପେଟରେ ଛୁରି ଭୁସି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। କିନ୍ତୁ ଏ ସଂପର୍କରେ ପରିବାରଲୋକେ ଟେର୍ ପାଇନଥିଲେ। ସକାଳୁ ପରିବାରଲୋକ ଏ ସଂପର୍କରେ ଜାଣିବା ପରେ ଥାନାରେ ଏତଲା ଦେଇଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହ ରମେଶକୁ ଅଟକ ରଖି ତଦନ୍ତ କରୁଛି।

### ଧରାପଡ଼ି ନାହାନ୍ତି...

ନ ଦେବାକୁ ଗତ ମାର୍ଚ୍ଚ ମାସ ୧ ତାରିଖରେ ଚୌଦ୍ୱାରା ଜେଲ୍ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏହା ସତ୍ତ୍ୱେ ଚିଫ୍ ୱାର୍ଡର ଭଗତଙ୍କ ଉପରୁ ମାତ୍ର ୧୫ ଦିନ ପରେ ନିଲମ୍ବନ ଆଦେଶ ହଟାଯାଇ ପୁଣିଥରେ କେନ୍ଦ୍ରାପଡ଼ା ଜେଲ୍‌ରେ ଅବସ୍ଥାପିତ କରାଯାଇଛି। ଚୌଦ୍ୱାର ଜେଲ୍‌ରୁ ଯେଉଁଦିନ ଅଭିଯୁକ୍ତଦ୍ୱୟ ଫେରାର୍ ହେଲେ, ଉକ୍ତ ଦିନ ଭଗତ ଚିଫ୍ ୱାର୍ଡର ଡ୍ୟୁଟିରେ ଥିଲେ। ରାତି ସମୟରେ ସେ ଡ୍ୟୁଟି ନ କରି ଜେଲ୍‌ର ମେଡିକାଲ ରୁମ୍‌ରେ ଶୋଇଥିବା ସଙ୍ଗୀନ ଅଭିଯୋଗ ତାଙ୍କ ବିରୋଧରେ ଆସିଥିଲା। ଏହାପରେ ତାଙ୍କୁ ନିଲମ୍ବନ କରାଗଲା। ଏଭଳି ଦାୟିତ୍ୱହିନତା ସତ୍ତ୍ୱେ ବି ଜେଲ୍ ବିଭାଗ ତାଙ୍କୁ ମାତ୍ର ୧୫ ଦିନରେ ପୁନଃ ଅବସ୍ଥାପିତ କରାଯିବାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ୫ ଡିଗ୍ରୀକୁ ଖସିଲା...

ସ୍ୱାଭାବିକ ତୁଳନାରେ ତାପମାତ୍ରା ୫.୧ ଡିଗ୍ରୀ କମ୍ ରେକର୍ଡ ହୋଇଛି। ଏହାସହିତ ଭୁବନେଶ୍ୱର ତାପମାତ୍ରା ୧୩ ଡିଗ୍ରୀ ଓ ସ୍ୱାଭାବିକ ତୁଳନାରେ ୬.୪ ଡିଗ୍ରୀ ତଳେ ରହିଥିବାରୁ ଏହି ଦୁଇ ସ୍ଥାନରେ ଶୀତ ଲହରୀ ସ୍ଥିତି ସୃଷ୍ଟି ହୋଇଛି। ଅନ୍ୟ ସହରଗୁଡ଼ିକ ଯଥା ଦାରିଙ୍ଗବାଡ଼ିରେ ତାପମାତ୍ରା ୮ ଡିଗ୍ରୀ, ସେମିଳିଗୁଡ଼ିରେ ୭.୪, ଫୁଲବାଣୀରେ ୯ ଡିଗ୍ରୀ ରେକର୍ଡ ହୋଇଛି। ରାଉରକେଲା ୧୦.୨, ଝାରସୁଗୁଡା ୧୦.୬, କେନ୍ଦୁଝର ୧୦.୮, ସମ୍ବଲପୁର ୧୪.୨, ହୀରାକୁଦ ୧୫.୩, ବାଲେଶ୍ୱର ୧୫.୪, ଗୋପାଳପୁର ୧୫.୭, ଚାନ୍ଦବାଲି ୧୫.୮, ପାରାଦୀପ ୧୫.୮ ଓ ପୁରୀ ରେ ତାପମାତ୍ରା ୧୭.୮ ଡିଗ୍ରୀ ରେକର୍ଡ ହୋଇଛି। ତାପମାତ୍ରା ହ୍ରାସ ପ୍ରଭାବରେ ଆଭ୍ୟନ୍ତରୀଣରୁ ନେଇ ଉପକୂଳ, ପଶ୍ଚିମରୁ ନେଇ ଦକ୍ଷିଣ ଓଡ଼ିଶା ସବୁଠି ଶୀତର ଲହରୀ ଦେଖିବାକୁ ମିଳୁଛି। ଏଭଳି ସ୍ଥିତି ଆଗାମୀ ୨ ଦିନ ଯାଏଁ ଅର୍ଥାତ ୧୮ ତାରିଖ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବାର ସମ୍ଭାବନା ରହିଛି। ଏହାପରେ ତାପମାତ୍ରାରେ ୨-୩ ଡିଗ୍ରୀ ବଢ଼ିବା ସହ ଶୀତର ପରିମାଣ ସାମାନ୍ୟ ହ୍ରାସ ପାଇବ ବୋଲି ଅନୁମାନ କରାଯାଉଛି। ମାତ୍ର ଏହି ସମୟରେ ପଶ୍ଚିମ ସହ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲ୍ଲାରେ ପୂର୍ବ ଭଳି ଥଣ୍ଡା ଅନୁଭୂତ ହେବ। ଶ୍ରୀଲଙ୍କା ଉପକୂଳ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ପ୍ରଭାବରେ ତାମିଲନାଡୁ ଓ ଦକ୍ଷିଣ ଉପକୂଳ ଆନ୍ଧ୍ରପ୍ରଦେଶ ଏବଂ ରୟାଲସୀମାରେ ଆଜି ଓ ଆସନ୍ତାକାଲି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ଲଘୁଚାପର ପ୍ରଭାବ ଓଡ଼ିଶା ଉପରେ ନଥିବା ବେଳେ ରାଜ୍ୟକୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଆସିବା ଯୋଗୁଁ ଥଣ୍ଡା କମିବାର ସମ୍ଭାବନା ରହିଛି।


**ସର୍ବସାଧାରଣ ସୂଚନା**

ଓମେଗା ଏଣ୍ଟରପ୍ରାଇଜେସ୍, ସରଣ୍ଡାମାଲ ପଥର ଖଣି -୨ ର ଲିଜ୍ ଧାରକ ଯାହାର ପ୍ରକଳ୍ପକୁ ତୁରନ୍ତ EC ପ୍ରଦାନ କରାଯାଇଛି ଏବଂ EC ଚିଠିର କପି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ୱେବ୍‌ସାଇଟ୍ (www.parivesh.nic.in) ରେ ଉପଲବ୍ଧ।

**NOTICE**

It is hereby noticed to all concerned that the partnership firm M/s SARALA SERVICE STATION bearing Reg. No. 470/2012 of District Cuttack is reconstituted with effect from the 3rd November 2025 as follows :-

1. Shri. Rajendra Kumar Sahoo ............... Retiring Partner.
2. Shri. Manas Ranjan Sahoo ............... Incoming Partner.
3. Shri. Chandra Shekhar Sahoo ............... Existing Partner

Shri. CHANDRA SHEKHAR SAHOO
Managing Partner

## ପାରିବାରିକ କଳହରୁ ଯୁବକଙ୍କ ଆତ୍ମହତ୍ୟା

ରିଆମାଳ, ୧୬।୧୧(ସମିସ): ରିଆମାଳ ଥାନା ଅଧୀନ ବୁଡିଦୋ ଗାଁର ତଳସାହିରେ ମା' ସହ ଯୁକ୍ତିତର୍କ ପରେ ମା'ର ଶାଢ଼ୀରେ ଓହଳି ପୁଅ ଆତ୍ମହତ୍ୟା କରିଥିବା ଘଟଣା ସାମ୍ନାକୁ ଆସିଛି। ମୃତକ ବୁଡିଦୋ ଗାଁର ସ୍ୱର୍ଗତ ରତ୍ନାକର ଦେହୁରୀଙ୍କ ପୁଅ ଯୁଧିଷ୍ଠିର ଦେହୁରୀ (୨୩) ବୋଲି ଜଣାପଡ଼ିଛି। ଗତ ଶନିବାର ମା' ସାବିତ୍ରୀ ଦେହୁରୀଙ୍କ ସାଙ୍ଗରେ ବାଇପାସ୍ ଟଙ୍କାକୁ ନେଇ ଯୁଧିଷ୍ଠିରଙ୍କ ଯୁକ୍ତିତର୍କ ହୋଇଥିଲା। ଏହାପରେ ସେ ମାନସିକ ଭାରସାମ୍ୟ ହରାଇ ସାବିତ୍ରୀଙ୍କ ଶାଢ଼ୀକୁ ବେକରେ ଲଗାଇ ଓହଳି ପଡ଼ିଥିଲେ। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ଛତାବର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ବାବଦରେ ପରିବାର ଲୋକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଖବର ପାଇ ପୁଲିସ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଛି।

## ବିଧାୟକଙ୍କ ଅଭିଯୋଗ ଶୁଣାଣି

ଦେବଗଡ଼, ୧୬।୧୧(ସମିସ): ରିଆମାଳ ବ୍ଲକ ସଦର ମହକୁମାରେ ରବିବାର ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ରିଆମାଳ ସ୍ଥିତ ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କ ନିଜସ୍ୱ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗ ଦେଇ ଜନସାଧାରଣ ଆଣିଥିବା ୧୭ଟି ବ୍ୟକ୍ତିଗତ ଏବଂ ସାମୂହିକ ଅଭିଯୋଗ ଶୁଣିଥିଲେ। ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। କେତେକ ଅଭିଯୋଗ ପାଇବା ପରେ ବିଭାଗୀୟ ଅଧିକାରୀଙ୍କ ସହ ଫୋନରେ ସମସ୍ୟାର ତୁରନ୍ତ ସମାଧାନ ପାଇଁ ପରାମର୍ଶ କରିଥିଲେ। ଭତ୍ତା, ଘର, ରାସ୍ତା ମରାମତି ଓ ନୂତନ ରାସ୍ତା ନିର୍ମାଣ, ସ୍ୱାସ୍ଥ୍ୟ, ପାନୀୟଜଳ ନେଇ ରିଆମାଳ ବ୍ଲକର ବିଭିନ୍ନ ଗାଁରୁ ଲୋକ ଅଭିଯୋଗ କରିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଥିଲେ।

## ନାନୋ ୟୁନିକର୍ନ ଯୋଜନା ବିକାଶ କାର୍ଯ୍ୟକ୍ରମର ଶୁଭାରମ୍ଭ

ଦେବଗଡ଼, ୧୬।୧୧(ସମିସ): ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀଙ୍କ ଆବାହକତ୍ୱରେ ରବିବାର ସରକାରୀ ବହୁବୃତ୍ତି ଅନୁଷ୍ଠାନ ଠାରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଦ୍ୱାରା ନାନୋ ୟୁନିକର୍ନ ଯୋଜନାର ହିତାଧିକାରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଉଦ୍ୟମୀତା ବିକାଶ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅନୀଲ ମିଶ୍ର ଏବଂ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ କେ.ରୋଜା ଦୋରା ସରକାରଙ୍କ ଏହି ଯୋଜନା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ମିଶ୍ର ଓ ଅତିରିକ୍ତ ଜିଲ୍ଲାପାଳ ବିଲୁଙ୍ଗ ଯୋଜନାର ହିତାଧିକାରୀ ମାନଙ୍କୁ ପ୍ରଶିକ୍ଷଣ ନେଇ ଜଣେ ସଫଳ ଉଦ୍ୟମୀ ହେବ ନିମନ୍ତେ ପରାମର୍ଶ ଦେଇଥିଲେ। ନାନୋ ୟୁନିକର୍ନ ମାନଙ୍କୁ ପାଠ୍ୟ ପୁସ୍ତକ ବିତରଣ ସହ ଏହି ୧୦ ଦିନିଆ ପ୍ରଶିକ୍ଷଣର ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ସରକାରୀ ବହୁବୃତ୍ତି ଅନୁଷ୍ଠାନର ଅଧ୍ୟକ୍ଷ ବସନ୍ତ ସନ୍ୟାସୀ, ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ଅନୁଷ୍ଠାନର ବହୁ ଅଧ୍ୟାପକ ଅଧ୍ୟାପିକା ତଥା ଜିଲ୍ଲା ଦକ୍ଷତା ଏବଂ ନିଯୋଜନ କାର୍ଯ୍ୟାଳୟର ବିଭିନ୍ନ କର୍ମଚାରୀ ମାନେ ଯୋଗ ଦେଇଥିଲେ।

## ବିଶ୍ୱ ନିମୋନିଆ ଦିବସ

ଦେବଗଡ଼, ୧୬।୧୧(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠା ସଭାଗୃହ ଠାରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବଂଶୀଧର ପାତ୍ରଙ୍କ ଅଧ୍ୟକ୍ଷତାରେ ରବିବାର ବିଶ୍ୱ ନିମୋନିଆ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଚେତନତା ସଭାରେ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ମାସାଙ୍ଗ ମୁର୍ମୁ, ଆୟୁଷ ଡାକ୍ତର ସମ୍ବିତ ପ୍ରଧାନ, ଭାରପ୍ରାପ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ନିମୋନିଆ ରୋଗର ଲକ୍ଷଣ, କାରଣ ଓ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥି ମାନେ ନିମୋନିଆ ଯୋଗୁଁ ଶିଶୁ ମୃତ୍ୟୁ ସମ୍ଭାବନା ଥିବାରୁ ନିମୋନିଆ ଲକ୍ଷଣ ଦେଖାଯିବା ମାତ୍ରେ ଶିଶୁକୁ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିବାକୁ ପରାମର୍ଶ ଦେଇଥିଲେ। ଏହି ସଚେତନତା ବୈଠକରେ ଜିଲ୍ଲାର ସମସ୍ତ ବ୍ଲକରୁ ଆଶା ଓ ସ୍ୱାସ୍ଥ୍ୟ କର୍ମୀ ଉପସ୍ଥିତ ଥିଲେ।

## 'ଅଭିଭାବକ ଆମ ଅଂଶୀଦାର' କାର୍ଯ୍ୟକ୍ରମ

**କୋଲାବିରା, ୧୬।୧୧(ସମିସ):** କୋଲାବିରା ବ୍ଲକ ତରେଇଖେଳା ସେବାଶ୍ରମ ବିଦ୍ୟାଳୟ ପରିସରରେ 'ଅଭିଭାବକ ଆମ ଅଂଶୀଦାର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ପ୍ରଧାନଶିକ୍ଷକ ପ୍ରସନ୍ନ ପଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସମିତି ସଭ୍ୟ ଦୀନବନ୍ଧୁ ଧରୁଆ ଓ ସମ୍ମାନିତ ଅତିଥି ଭାବେ ମମତା ପ୍ରଧାନ, ସହଦେବ ବାଗ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନରୋତ୍ତମ ଭୁଏ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ଲିପନ ବେହେରା ଅଭିଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବୈଠକରେ ଛାତ୍ରଛାତ୍ରୀଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ, ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା, ବିଦ୍ୟାଳୟରେ ସୁସ୍ଥ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ଦିଗରେ ପିତାମାତାଙ୍କ ଭୂମିକା ସମ୍ପର୍କରେ ଅତିଥି ବୃନ୍ଦ ଦିଗଦର୍ଶନ ଦେଇଥିଲେ। ପରବର୍ତ୍ତୀ ଅଧିବେଶନରେ ଛାତ୍ରଛାତ୍ରୀ ଓ ଅଭିଭାବକ ଅଭିଭାବିକାଙ୍କ ମଧ୍ୟରେ ପୃଥକ ପୃଥକ ଭାବେ ବିଭିନ୍ନ ଖେଳକୁଦ ପ୍ରତିଯୋଗିତା ଅୟୋଜନ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ସଭାରେ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଘରେ ପଶିଲା ଓପିଜିସି ପାଉଁଶ ପାଣି

**ଇବଥର୍ମାଲ, ୧୬।୧୧(ସମିସ)**

ବନହରପାଲି ନିକଟରେ ଓପିଜିସିର ତିଲିଆ ଆସପଣ୍ଡକୁ ଯାଇଥିବା ୩ୟ ଓ ୪ର୍ଥ ୟୁନିଟ୍ ଆସ୍ ପାଇପ ଫାଟିଯାଇଛି। ଫଳରେ ରବିବାର ପାଉଁଶ ପାଣି ନିକଟସ୍ଥ ଅଞ୍ଚଳରେ ଘର ମାନଙ୍କରେ ପଶିବା ସହ ଚାଷଜମି, ପୋଖରୀ, କୂଅ ସବୁଠି ମାଡ଼ି ଯାଇ ବ୍ୟାପକ କ୍ଷତି ଘଟାଇଛି। ଆଖପାଖ ସବୁ ଅଞ୍ଚଳରେ ପାଉଁଶ ପାଣି ପଶିଯାଇ ପରିବେଶର ପ୍ରଭୁତ କ୍ଷତି ହୋଇଛି। ସ୍ଥାନୀୟ ଲୋକଙ୍କ ଅନୁସାରେ ଆଜି ଭୋର ୩ଟା ଠାରୁ ପାଉଁଶ ପାଣି ମାଡ଼ି ଆସିଥିଲା। ଫଳରେ ଉମାଶଙ୍କର ସିଣ୍ଟ ଘରେ ତଥା ଦାଣ୍ଡରେ ଆସ୍ ପାଣି ପଶି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି। ସଦାକର ହାତୀଙ୍କ ଅଭିଯୋଗ ହେଲା ଯେ ତାଙ୍କ ଏବଂ ଆଖପାଖ ୪ ଏକରରୁ ଊର୍ଦ୍ଧ୍ୱ ଚାଷ ଜମିରେ ପାଉଁଶ ପାଣି ପଡ଼ି ଫସଲ ନଷ୍ଟ ହୋଇଛି। ପାଉଁଶ ପାଣି ଏତେ ମାତ୍ରାରେ ବୋହି ଆସିଛି ଯେ ଏକ କୂଅ ସମ୍ପୂର୍ଣ୍ଣ ପୋତି ହୋଇଯାଇଛି। ଗାଁ ପୋଖରିକୁ ମଧ୍ୟ ପାଉଁଶ ପାଣି ପଶି ପ୍ରଦୂଷିତ କରିଛି। ଏପରି ଘଟଣା ବାରମ୍ବାର ଘଟୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଏପରିକି ଘରେ ପାଉଁଶ ପାଣି ମାଡ଼ି ଯାଇ ଘର ଭାଙ୍ଗୁଥିବା ଦେଖା ଦେଇଛି। ଜଳାଶୟ ମାନଙ୍କୁ ଏହି ବିଷାକ୍ତ





ପାଣି ଦୂଷିତ କରୁଥିବାରୁ ସେ ଜଳ ବ୍ୟବହାର କଲେ ନାନାଦି ଚର୍ମରୋଗର ହେଉଛି। ୨୦୨୨ ନଭେମ୍ବରରେ ମଧ୍ୟ ସମାନ ଜାଗାରେ ୩-୪ ୟୁନିଟ୍‌ର ପାଉଁଶ ପାଇପ ଦୁଇଦିନ ବ୍ୟବଧାନରେ ଦୁଇ ଦୁଇ ଥର ଫାଟିଥିଲା। ବ୍ୟାପକ କ୍ଷତି ପରେ ଓପିଜିସି ବିରୋଧରେ ପ୍ରବଳ ଜନଅସନ୍ତୋଷ ଦେଖା ଦେଇଥିଲା। ଓପିଜିସିର ବଡ଼ ବଡ଼ ଅଧିକାରୀ ତତ୍କାଳୀନ ତହସିଲଦାରଙ୍କ ସହ କ୍ଷୟକ୍ଷତି ଆକଳନ କରିଥିଲେ। ଆଗକୁ ଏପରି ହେବ ନାହିଁ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଗତବର୍ଷ ସେହି ସ୍ଥାନରେ ସମାନ ସ୍ଥିତି ଦେଖାଦେଇଥିଲା ଏବଂ ଲୋକଙ୍କୁ ମଧ୍ୟ ସମାନ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାସତ୍ତ୍ୱେ ଆଜି ଲୋକେ ପୁଣି ଏପରି ଦଶା ଭୋଗିଛନ୍ତି। ଓପିଜିସିର ପ୍ରତିଶ୍ରୁତି ପାଣିର ଗାର ଏବଂ ଏହା ପାଉଁଶ ପାଣିରେ ବୋହି ଯାଇଛି ବୋଲି ଲୋକ କହିଛନ୍ତି। ଆଗରୁ ଏ ସମ୍ପର୍କରେ ଅନେକ ଥର ଅଭିଯୋଗ ହେବା ପରେ ଜନସାଧାରଣଙ୍କୁ କେବଳ ପ୍ରତିଶ୍ରୁତି ହିଁ ହସ୍ତଗତ ହୋଇଛି।

### ଲୋକଙ୍କ ମଧ୍ୟରେ ଅସନ୍ତୋଷ

ସୂଚନା ଯୋଗ୍ୟ, ୬୬୦୨ ମେଗାୱାଟ ସମ୍ପନ୍ନ ଓପିଜିସିର ୩ ଓ ୪ ୟୁନିଟ୍ ଠିକ୍ ଭାବେ କାର୍ଯ୍ୟ କରୁନାହିଁ। ଏନେଇ ଦୀର୍ଘ ଦିନ ହେଲା ଅଭିଯୋଗ ହୋଇ ଆସୁଛି। ୨୦୧୯ରେ ଏହି ଦୁଇ ୟୁନିଟ୍ ଉଦ୍‌ଘାଟିତ ହୋଇଥିଲା। ତେବେ ଏହାପରେ ଏହି ପାଇପ ବାରମ୍ବାର ଫାଟି ପାଉଁଶ ପାଣି ଲୋକଙ୍କ ଘର ଦ୍ୱାରରେ ପଶି କ୍ଷୟକ୍ଷତି କରୁଥିଲେ ହେଁ ଏଦିଗରେ କୌଣସି ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହୋଇଛି। ଆସ୍ ପାଇପ ଗୁଡିକର ନିୟମିତ ତଦାରଖ ହେବା ଉଚିତ। ହେଲେ ଓପିଜିସିର କର୍ତ୍ତୃପକ୍ଷ କି ପ୍ରଦୂଷଣ ବୋର୍ଡ କାହାରି ଏଥିପ୍ରତି ନିଘା ନାହିଁ। ଏଣୁ ସ୍ଥାନୀୟ ଲୋକଙ୍କୁ ଏପରି ଦୁର୍ଦ୍ଦଶା ବାରମ୍ବାର ଭୋଗିବାକୁ ହେଉଛି। ପୁଣି ହଇୱା ମାନଙ୍କରେ ପାଉଁଶ ପାଣି ପରିବହନ ଯୋଗୁଁ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ଜନ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଗୋଟିଏ ବର୍ଷ ପୂର୍ବରୁ ଓପିଜିସିର ପାଉଁଶ ପୋଖରୀ ହିଡ ଭାଙ୍ଗି ମଧ୍ୟ ବ୍ୟାପକ କ୍ଷୟକ୍ଷତି କରିଥିଲା। ଓପିଜିସି ବେଆଇନ କାର୍ଯ୍ୟରୁ କ୍ଷାନ୍ତ ରହି ଲୋକଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହୋଇଛି। ଜିଲ୍ଲାପ୍ରଶାସନ ଏଦିଗରେ ଉଚ୍ଚସ୍ତରୀୟ ତଦନ୍ତ କରି ଓପିଜିସିର ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ଓପିଜିସିର ଜନ ସମ୍ପର୍କ ଅଧିକାରୀ ହୀମାଂଶୁ ବେହେରାଙ୍କ ପ୍ରଶ୍ନ କରାଯାଇଥିଲା। ଆଜିର ଘଟଣା ପରେ ସକାଳେ ଫାଟିଥିବା ଆସ୍ ପାଇପକୁ ପ୍ଲାଣ୍ଟରୁ ବନ୍ଦ କରାଯାଇଛି। ଆସ୍ ପାଣି ଅଳ୍ପ ସମୟ ପାଇଁ ହିଁ ବୋହିଥିଲା। ପାଇପର ମରାମତି କାମ ଚାଲିଛି। କ୍ଷତିର ସମ୍ମୁଖୀନ ହୋଇଥିବା ଲୋକଙ୍କ ସହ ଆଲୋଚନା କରାଯାଇଛି। ସେମାନଙ୍କ ପ୍ରକୃତ କ୍ଷତିପୂରଣ ଦିଆଯିବ ବୋଲି ସେ କହିଛନ୍ତି।

## ଜମି ଓ ଉପଯୋଗିତା ଗୃହ ଦାବି

**ଝାରସୁଗୁଡ଼ା, ୧୬।୧୧(ସମିସ):** ବଘରାଚକା ବିଶ୍ୱନାଥ ମେହେର ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ସାମାଜିକ ତଥା ସଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସରକାରୀ ଜମି ଲିଜ ପ୍ରଦାନ ଓ ଉପଯୋଗୀତା ଗୃହ ନିର୍ମାଣ ପାଇଁ ଦାବି କରାଯାଇଛି। ଏ ବାବଦରେ ଟ୍ରଷ୍ଟ ସଦସ୍ୟ ମାନେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରି ଅନୁରୋଧ କରିଛନ୍ତି। ବଘରାଚକା ବିଶ୍ୱନାଥ ମେହେର ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ବିଗତ ୨୦ ବର୍ଷ ଧରି ଗ୍ରାମବାସୀଙ୍କ ସହଯୋଗରେ ଦୀପାବଳୀରୁ ୫ ଦିନ ବ୍ୟାପୀ ମହାଲକ୍ଷ୍ମୀ ପୂଜା ଆୟୋଜନ କରାଯାଉଛି। ଏହି ମହୋତ୍ସବରେ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ତଥା ପୌରାଣିକ



ନାଟକ ସହିତ ମୀନାବଜାରର ଆୟୋଜନ କରାଯାଇଥାଏ। ତେବେ ବଘରାଚକା ଗାଁରେ ସାମାଜିକ ତଥା ସଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଜମିର ଅଭାବ ରହିଛି। ଏଣୁ ଲକ୍ଷ୍ମୀ ପୂଜା ପେଣ୍ଡାଲ ନିକଟରେ ଥିବା ସରକାରୀ ଜମିକୁ ଚିହ୍ନଟ କରି ବିଶ୍ୱନାଥ ମେହେର ସ୍ମାରକୀ ଟ୍ରଷ୍ଟକୁ ଲିଜ ଆକାରରେ ପ୍ରଦାନ କରିବା ସହିତ ସରକାରୀ କିମ୍ବା ସିଏସଆର ପାଣ୍ଠି ଅନୁଦାନରେ ଏକ ଉପଯୋଗୀତା ଗୃହ ନିର୍ମାଣ ନେଇ ପତ୍ରରେ ଅନୁରୋଧ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବିକ୍ରମ ମେହେର, ଟଙ୍କଧର ମେହେର, ସଞ୍ଜୀବ ମେହେର, ସସ୍ମିତା ମେହେର, ବୁଧରାମ ମେହେର, ଚିନ୍ତାମଣି ମେହେର, ନୌକେଶ୍ୱର ମେହେର, ହୁତାସନ ମେହେର, ନାରାୟଣ ମେହେର, ଜଗନ୍ନାଥ ମେହେର, ବାବୁଲାଲ ମେହେର, ବାବୁଲି ମେହେର, ସେବତୀ ମେହେର, ମୀନାକ୍ଷୀ ଦାଶ, ଭାରତୀ ମେହେର, ସ୍ୱପ୍ନା ମେହେର, ଉର୍ମିଳା ମେହେର, କିଶୋର ମେହେର, ବର୍ଷ୍ଣି ମେହେର, ଲଳିତା ମେହେର ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଘନଶ୍ୟାମ ହେମଲତା ବିଦ୍ୟା ମନ୍ଦିରରେ ଶିଶୁ ଦିବସ




**ଝାରସୁଗୁଡ଼ା, ୧୬।୧୧ (ସମିସ):** ଝାରସୁଗୁଡ଼ା ବାଲିଜୋରୀ ସ୍ଥିତ ଘନଶ୍ୟାମ ହେମଲତା ବିଦ୍ୟା ମନ୍ଦିରରେ ଶିଶୁ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସୌଭାଗ୍ୟ ପଟେଲ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସଂଯୁକ୍ତା ଦାସ ଉପସ୍ଥିତ ଥିଲେ। ବିଦ୍ୟାଳୟର ବରିଷ୍ଠ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଶୁଭେନ୍ଦୁ ମେହେର ଓ ହିନ୍ଦୀ ଅଧ୍ୟାପକ ମୋହିତ ଦୀପ ମଞ୍ଚ ପରିଚାଳନା କରିଥିବା ବେଳେ ଉପାଧ୍ୟକ୍ଷ ମନୋରଞ୍ଜନ ଗୁମାନସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

### କୁଚିଣ୍ଡାକୁ ୧-୦ ଗୋଲରେ ପରାସ୍ତ କଲା କନ୍ଧମାଳ

**ଦେବଗଡ଼, ୧୬।୧୧(ସମିସ):** ନେତାଜୀ କ୍ଲବ୍ ଆନୁକୂଲ୍ୟରେ ତିଲେଇବଣି ବ୍ଲକ ସୁଗୁଡା ପଞ୍ଚାୟତ ସଦର ମହକୁମା ସ୍ଥିତ ମିନି ଷ୍ଟାଡିୟମ ଠାରେ ରବିବାର ରାଜ୍ୟ ସ୍ତରୀୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଆୟୋଜକ ନେତାଜୀ କ୍ଲବ୍‌ର ସଭାପତି ଧରଣୀଧର ସାହୁ ଏହାର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସୁଗୁଡା ସେବା ସମବାୟ ସମିତିର ସଭାପତି ତଥା ଜିଲ୍ଲା ଓକିଲ ସଂଘର ସମ୍ପାଦକ ସିଦ୍ଧେଶ୍ୱର ଗୁରୁ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁଗୁଡା ପଞ୍ଚାୟତର ସରପଞ୍ଚ କୁନୁ ବେହେରା, ସମିତି ସଦସ୍ୟ ଡମ୍ବରୁଧର ସାହୁ, ବସାଲଇ ପଞ୍ଚାୟତର ସରପଞ୍ଚ ତେଜସ୍ୱିନୀ ସାହୁ ଓ 'ମେରା ଯୁବା ଭାରତ'ର କର୍ମଚାରୀ ପ୍ରଦୀପ ବିଶ୍ୱାଳ ଯୋଗ ଦେଇଥିଲେ। କ୍ଲବ୍‌ର ସମ୍ପାଦକ ବବୁଲୁ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟର ମୋଟ ୮ଟି ବଛା ବଛା ଦଳକୁ ନେଇ ଆୟୋଜିତ ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ୍‌ରେ ସମ୍ବଲପୁର ଜିଲ୍ଲାର କୁଚିଣ୍ଡାକୁ ୧-୦ ଗୋଲରେ ପରାସ୍ତ କରି କନ୍ଧମାଳ ଫୁଟବଲ ଦଳ ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ରେଫରୀ ଭାବେ ଦିଲ୍ଲୀପ ରାଉତ, ଶଶୀକାନ୍ତ ଦାଶିଆ, ସୁଜିତ ରାଜହଂସ, ପଞ୍ଚାନନ ପାତ୍ର ଓ ପପୁନ ବେହେରା ପରିଚାଳନା କରିଥିଲେ। ପ୍ରଫୁଲ୍ଲ ସାହୁ ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜନରେ କ୍ଲବ୍‌ର ସଦସ୍ୟ ଅଙ୍କି ସାହୁ, କରଣ ସାହୁ, ଗୁନଗୁନ ପ୍ରଧାନ, ରୂପେଶ ସାହୁ, ସୁନୀଲ ସାହୁ ଓ ସୁମନ ସାହୁ ପ୍ରମୁଖ ସହଯୋଗ କରୁଥିବା ଜଣାପଡ଼ିଛି।

## ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ

### ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ

**ଝାରସୁଗୁଡ଼ା, ୧୬।୧୧(ସମିସ):** ଭାରତର ମହାନ ସ୍ୱାଧୀନତା ସଂଗ୍ରାମୀ, ସମସ୍ତ ଜନଜାତି ଓ ସବୁ ଭାରତୀୟଙ୍କ ଗର୍ବ ଗୌରବ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ପୂର୍ତ୍ତି ଅବସରରେ ଜିଲ୍ଲାସ୍ତରୀୟ ଜନଜାତି ଗୌରବ ଦିବସ ସମାରୋହ କିର୍ମିରା ବ୍ଲକସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଧାୟକ ଟଙ୍କଧର ତ୍ରିପାଠୀ ଓ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ବ୍ଲକ ଅଧ୍ୟକ୍ଷା କୃଷ୍ଣପ୍ରିୟା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜନଜାତୀୟ ଗୌରବ ଦିବସ ଅବସରରେ ଗୁଜରାଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେଇଥିବା କାର୍ଯ୍ୟକ୍ରମର ସିଧା ପ୍ରସାରଣକୁ ସମାରୋହରେ ଜନସାଧାରଣ ଦେଖିଥିଲେ। ସମାରୋହରେ ବିକଶିତ ଓଡ଼ିଶା ଗଠନ ପାଇଁ ଜନଜାତି ଛାତ୍ରଛାତ୍ରୀ ଆଗେଇ ଆସିବା ପାଇଁ ମନ୍ତ୍ରୀ ଓ ବିଧାୟକ ଆହ୍ୱାନ ଦେଇଥିଲେ। ଜଙ୍ଗଲ ଜମି ଆଇନ୍ ଅନ୍ତର୍ଗତ ୧୯ ଜନଜାତି ପରିବାରଙ୍କୁ ବ୍ୟକ୍ତିଗତ ଜମିପଟ୍ଟା (ଶିରୋନାମା) ପ୍ରଦାନ କରାଯାଇଥିଲା। ସମାଜସେବା, କୃଷି ଓ ସଂସ୍କୃତି କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଜନଜାତି ବର୍ଗର ୪ଜଣ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସଞ୍ଜୀବ ପଟେଲ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିବା ବେଳେ ଜିଲ୍ଲା ମଙ୍ଗଳ ଅଧିକାରୀ ଜୟଶ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ହିତାଧିକାରୀ ଯୋଗଦାନ କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ବିବେକାନନ୍ଦ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

### ଆଦିବାସୀ ମହାସଂଘର ବିର୍ସା ମୁଣ୍ଡା ଜୟନ୍ତୀ

**ଦେବଗଡ଼:** ଦେବଗଡ଼ ଜିଲ୍ଲା ଆଦିବାସୀ ମହାସଂଘ ଆନୁକୂଲ୍ୟରେ ସ୍ଥାନୀୟ ବିର୍ସା ମୁଣ୍ଡା ଛକ ଠାରେ ରବିବାର ମହାନ ସଂଗ୍ରାମୀ ବୀର ବିର୍ସା ମୁଣ୍ଡାଙ୍କର ୧୫୦ ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଆଦିବାସୀ ମହାସଂଘର ସଭାପତି ସେମ ହେମ୍ବ୍ରମ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଦେବଗଡ଼ ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ସମ୍ମାନିତ ଅତିଥି ଭାବେ ଦେବଗଡ଼ ଉପଆରକ୍ଷୀ ଅଧୀକ୍ଷକ ରମେଶ ଚନ୍ଦ୍ର ମାହାନା, ବରିଷ୍ଠ ସାମ୍ବାଦିକ ସିଦ୍ଧାର୍ଥ ଗୁରୁ, ୯ ନମ୍ବର ୱାର୍ଡର କାଉନସିଲର ସରୋଜିନୀ ମୁଣ୍ଡା ଓ ଭୀମ ଆର୍ମୀର ସଭାପତି କ୍ଷମାନିଧି ପାତ୍ର ମଞ୍ଚାସୀନ ଥିଲେ। ଆୟୋଜକ ଏବଂ ଅତିଥି ମାନେ ଶହଶହ ଲୋକାଙ୍କ ଉପସ୍ଥିତିରେ ବୀର ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତୀରେ। କ୍ଷୀର ଢାଳି ମାଲ୍ୟାର୍ପଣ ଅର୍ପଣ କରାଯାଇଥିଲା। ଏହି ଅବସରରେ ଢୋଲ ଓ ମାଦଳର ତାଳେ ତାଳେ ଜନଜାତି ସମ୍ପ୍ରଦାୟର ପୁରୁଷ ଓ ମହିଳାଙ୍କ ଦ୍ୱାରା ପାରମ୍ପରିକ ଆଦିବାସୀ ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା। ଶେଷରେ ମିନତୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

### ଜାତୀୟ ପ୍ରେସ୍ ଦିବସ

## ଖବର ପରିବେଷଣ ପୂର୍ବରୁ ସତ୍ୟତା ପରଖିବା ଜରୁରୀ






**ଝାରସୁଗୁଡ଼ା, ୧୬।୧୧(ସମିସ)**

"ଗଣମାଧ୍ୟମକୁ ଗଣତନ୍ତ୍ରରେ ଚତୁର୍ଥ ସ୍ତମ୍ଭ ଆଖ୍ୟା ଦିଆଯାଇଛି। ପ୍ରତିଦ୍ୱନ୍ଦିତା ଯୋଗୁଁ ଅନେକ ଭୁଲ୍ ଖବର ସାମ୍ନାକୁ ଆସୁଛି। ତେଣୁ ପରିବେଷଣ ପୂର୍ବରୁ ଖବରର ସତ୍ୟତା ପରଖିବା ଜରୁରୀ।" ରବିବାର ବ୍ରଜରାଜନଗର ସ୍ଥିତ ଇବ୍ ଭ୍ୟାଲି ରବୀନ୍ଦ୍ର ଭବନଠାରେ ଜିଲ୍ଲା ପ୍ରଶାସନ, ଜିଲ୍ଲା ପ୍ରେସ୍ କ୍ଲବ୍ ଓ ଏମ୍‌ସିଏଲ୍‌ର ମିଳିତ ଆନୁକୂଲ୍ୟରେ ଜାତୀୟ ପ୍ରେସ୍ ଦିବସ ଅବସରରେ ଏହି ମତ ପ୍ରକାଶ ପାଇଛି। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଏଭଳି ମତବ୍ୟକ୍ତ କରିଥିଲେ। ଅଧ୍ୟାପିକା ଡ.ପୁଷ୍ପାଞ୍ଜଳି ସାହୁ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଗଣମାଧ୍ୟମ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ। ନିରପେକ୍ଷ ଖବର ପରିବେଷଣ କରିବା ଗଣମାଧ୍ୟମର କର୍ତ୍ତବ୍ୟ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ଅତିରିକ୍ତ ଏସ୍‌ପି ମଧୁସ୍ମିତା ମିଶ୍ର ଭ୍ରମାତ୍ମକ ଖବରର ସମାଜ ଉପରେ କୁପ୍ରଭାବ ଉପରେ ଆଲୋକପାତ କରିଥିଲେ। ସଭା ପ୍ରାରମ୍ଭରେ ଗଣମାଧ୍ୟମ ପ୍ରତିନିଧି ଉପନ ସାହୁ, ଉମାକାନ୍ତ ପଣ୍ଡା, ବେଦବ୍ୟାସ ପଣ୍ଡା ଓ ପ୍ରଶାନ୍ତ ମହାନ୍ତି ଆଜିର ବିଷୟ 'ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱସନୀୟତାର ସଂରକ୍ଷଣ' ଉପରେ ନିଜ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସାମିଲ୍ ହୋଇପାରି ନଥିବା ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ତାଙ୍କର ବାର୍ତ୍ତା ପଠାଇ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଦେବଗଡ଼:** ଦେବଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଛି। ସ୍ଥାନୀୟ ସର୍କିଟ ହାଉସ ଠାରେ ବରିଷ୍ଠ ସାମ୍ବାଦିକ ଅଶୋକ ନନ୍ଦଙ୍କ ସଂଯୋଜନାରେ ଓ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗ ଦେଇଥିଲେ। ଦେଶରେ ସାମ୍ବାଦିକଙ୍କ ଗୁରୁ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଅନୀଲ ମିଶ୍ର, ସାଂସଦଙ୍କ ପ୍ରତିନିଧି ଅରୁଣ ସାହୁ, ସାମ୍ବାଦିକ ପୃଥ୍ୱୀରାଜ ପଟନାୟକ ମଞ୍ଚାସୀନ ଥିଲେ। ଆଜିର ବିଷୟବସ୍ତୁ 'ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱାସନୀୟତାର ସଂରକ୍ଷଣ' ଉପରେ ମତ ପ୍ରଦାନ କରିଥିଲେ। ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସରକାରଙ୍କ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଉପକୃତ ସାମ୍ବାଦିକଙ୍କୁ ଅତିଥିଙ୍କ ଦ୍ୱାରା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା।

## ଓପିଜିସିର ପ୍ରତିଷ୍ଠା ଦିବସ

**ଇବଥର୍ମାଲ୍, ୧୬।୧୧(ସମିସ):** ଦୁଇ ଦିନିଆ ବିବିଧ କାର୍ଯ୍ୟକ୍ରମ ସହ ଓଡ଼ିଶା ପାୱାର୍ ଜେନେରେସନ୍ କର୍ପୋରେସନ୍ ଲିମିଟେଡ୍ (ଓପିଜିସି) ଦ୍ୱାରା ଇବଥର୍ମାଲ୍ ପାୱାର୍ ଷ୍ଟେସନ ଠାରେ ୪୨ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ନିର୍ଦ୍ଦେଶକ (ଅପରେସନ) ଅଞ୍ଜନ ରଞ୍ଜନ ଦାଶଙ୍କ ଦ୍ୱାରା ଇବଥର୍ମାଲ ପାୱାର୍ ଷ୍ଟେସନ୍ ସ୍ଥିତ ହେଲିପ୍ୟାଡ ପଡ଼ିଆରେ ଓପିଜିସିର ଧ୍ୱଜାରୋହଣ ପରେ ଶୁଭାରମ୍ଭ ହୋଇଥିଲା। ସିନିୟର ସିପି ଅପରେସନ ସୁକାନ୍ତ ମହାପାତ୍ର, ସିନିୟର୍ ମ୍ୟାନେଜର ଏଚ୍‌ଆର ସୁଭାଶିଷ ମୁଖର୍ଜୀ, ଅନ୍ୟ ବିଭାଗ ମୁଖ୍ୟ, କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ସକାଳ ୭ଟାରେ କର୍ମଚାରୀ, ମହିଳା ଓ ଶିଶୁ ଏହିପରି ତିନୋଟି ବର୍ଗରେ ମିନି ମାରାଥନ ଦୌଡ କରାଯାଇଥିଲା। ମହିଳା, ପୁରୁଷ ଓ ଛାତ୍ରଛାତ୍ରୀ ସମେତ ୬୦୦ରୁ ଅଧିକ ଏଥିରେ ଭାଗ ନେଇଥିଲେ। ମାରାଥନରେ କର୍ମଚାରୀ ବର୍ଗରେ କୌଶିକ ଘୋଷ ପ୍ରଥମ, ଶେଖର ମେହେର ଦ୍ୱିତୀୟ, ଭାଗବତ ମାଝୀ ତୃତୀୟ, ମହିଳା ବର୍ଗରେ ନଳିନୀ ପ୍ରଦୀପ ପ୍ରଥମ, ଦୀପ୍ତି ସାହୁ, ପଲୋମୀ ସୀନହା ତୃତୀୟ, ଶିଶୁ ବର୍ଗରେ ପପୁ ଜେନା ପ୍ରଥମ, ମୋହନ ପ୍ରଧାନ, ପ୍ରତ୍ୟୁଷ ଦଣ୍ଡସେନା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଜୟୀ ମାନଙ୍କୁ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଦ୍ୱାରା ସମ୍ମାନିତ କରାଯାଇଥିଲା। ପରେ ପରେ ହେଲିପ୍ୟାଡ୍ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ସକାଳ ୯.୩୦ରେ ଇବଥର୍ମାଲ୍ ଚିକିତ୍ସାଳୟରେ ରେଡ୍‌କ୍ରସ ସହ ମିଳିତ ଭାବେ ଆୟୋଜନ ହୋଇଥିବା ରକ୍ତଦାନ ଶିବିରକୁ ନିର୍ଦ୍ଦେଶକ(ଅପରେସନ) ଉଦ୍‌ଘାଟନ କରିଥିଲେ। ଶିବିରରେ କର୍ମଚାରୀ ଓ ତାଙ୍କ ପରିବାର ସଦସ୍ୟ ଭାଗ ନେଇଥିଲେ ଏବଂ ଏଥିରେ ୪୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଲା। ନିର୍ଦ୍ଦେଶକ ଶ୍ରୀ ଦାଶ ଚିକିତ୍ସାଳୟରେ ଭର୍ତ୍ତି ରୋଗୀମାନଙ୍କୁ ଦେଖା କରି ଫଳ ବଣ୍ଟନ କରିଥିଲେ। ପରିଚାଳନା ନିର୍ଦ୍ଦେଶକ ଶ୍ରୀ କେଦାର ରଞ୍ଜନ ପାଣ୍ଡୁ କର୍ପୋରେଟ୍ କାର୍ଯ୍ୟାଳୟରୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଇବଥର୍ମାଲ କର୍ମଚାରୀମାନଙ୍କୁ ପ୍ରତିଷ୍ଠା ଦିବସର ଅଭିନନ୍ଦନ ଜଣାଇଥିଲେ। ଏହାପରେ ପ୍ରସିଦ୍ଧ ଓଡିଆ ସଙ୍ଗୀତଶିଳ୍ପୀ ଓ ବ୍ୟାଣ୍ଡଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ଦିନରେ ରାଜୀବ ଗାନ୍ଧୀ ପଡ଼ିଆରେ ଓପିଜିସିର ବରିଷ୍ଠ ବନାମ ଯୁବ କର୍ମଚାରୀ ପ୍ରଦର୍ଶନୀ କ୍ରିକେଟ୍ ମ୍ୟାଚ୍ ଏବଂ ଆସୋସିଏଟ ବନାମ କର୍ମଚାରୀ ପ୍ରଦର୍ଶନୀ ଫୁଟବଲ୍ ମ୍ୟାଚ୍ ଖେଳାଗଲା। ସନ୍ଧ୍ୟାଟି ଓପିଜିସି କର୍ମଚାରୀ, ଇବଥର୍ମାଲ ମହିଳା କ୍ଲବ୍ ସଦସ୍ୟ ଓ ଶିଶୁମାନଙ୍କ ଆକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଶେଷ ହୋଇଥିଲା।

# ମୃତଦେହ ରଖି ରାସ୍ତାରୋକ

**ବୀରମହାରାଜପୁର, ୧୬ ।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ରଥପୁର ଛକ ନିକଟସ୍ଥ ରୁଗୁଡ଼ିମୁଣ୍ଡା ବନ୍ଧ ହିଡରୁ ଭଜବଲପୁରର ରାକେଶ ବରିହା (୨୫)ଙ୍କ ମୃତଦେହ ମିଳିବା ପରେ ଘଟଣା ଉଗ୍ର ରୂପ ଧାରଣ କରିଛି । ସକାଳୁ ସକାଳୁ ବନ୍ଧହିଡରେ ଜଣେ ଯୁବକଙ୍କ ଶବ ଦେଖି ରାସ୍ତାରେ ଯାଉଥିବା ଶହ ଶହ ଲୋକଙ୍କ ଭିଡ ହୋଇଥିଲା । ଖବର ପାଇ ବୀରମହାରାଜପୁର ପୁଲିସ ପହଞ୍ଚିଥିଲା । କିଛି ଲୋକ ଭୋରରେ ପ୍ରାତଃଭ୍ରମଣ କରିବାବେଳେ ବନ୍ଧ ପାଖରେ ଏକ ବୋଲେରୋ ଛିଡ଼ା ହୋଇଥିବା ଦେଖିଥିଲେ । ତେବେ ପୁଲିସର ତନାଘନା ପରେ ରାକେଶଙ୍କ ପରିଚୟ ମିଳିଥିଲା । ତାଙ୍କ ଯୌନାଙ୍ଗ କଟା ଯାଇଥିବା ଦେଖିବାକୁ ମିଳିଥିଲା । ପରିବାର ଲୋକ ପହଞ୍ଚି ଶବ ଚିହ୍ନଟ କରିଥିଲେ । ଏହାପରେ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା । ଶେଷରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା । ଏହାକୁ ନେଇ ପରିବାର ଲୋକଙ୍କ ସହ ଗ୍ରାମବାସୀ ଭାଜବଲପୁର ଗ୍ରାମର ବୀରମହାରାଜପୁର-ସମ୍ବଲପୁର ମୁଖ୍ୟ ରାସ୍ତାରେ ଶବ ରଖି ରାସ୍ତା ରୋକ କରିଥିଲେ । ରାକେଶଙ୍କୁ ଡାକି ନେଇ ହତ୍ୟା କରାଯାଇଥିବା ଘର ଲୋକେ ଅଭିଯୋଗ କରିଥିଲେ । ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେମାନେ ଦାବି କରିଥିଲେ । ବୀରମହରଜାପୁର ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି ।



# ୩ ଦିନ ହେଲା ଷ୍ଟାଣ୍ଡପୋଷ୍ଟରେ ବାହାରୁନି ପାଣି

**ବୌଦ୍ଧ, ୧୬ ।୧୧(ସମିସ)**

ବୌଦ୍ଧ ବ୍ଲକରେ 'ହର୍ ଘର୍ ଜଲ୍ ଯୋଜନା' ପ୍ରକଳ୍ପ ଅଚଳ ହୋଇ ପଡ଼ିଛି । ଏଥିଯୋଗୁଁ ୩ ଦିନ ହେଲା ପାନୀୟ ଜଳ ଯୋଗାଣ ବନ୍ଦ ରହିଛି । ଏଣୁ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବୌଦ୍ଧ ବ୍ଲକ ତେଲିବନ୍ଧ ପଞ୍ଚାୟତ ସୁବର୍ଣ୍ଣପୁର ନିକଟରେ ଏକ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଛି । ଜଗତି ମହାନଦୀ କୂଳରେ ଇଣ୍ଟେକ ୱେଲ ନିର୍ମାଣ କରାଯାଇଛି । ୪୨୦ କୋଟି ବ୍ୟୟ ଅଟକଳରେ ନିର୍ମାଣ କରାଯାଇଥିବା ଏହି ପ୍ରକଳ୍ପ ଦ୍ୱାରା ବ୍ଲକର ୨୩ଟି ପଞ୍ଚାୟତର ପ୍ରତ୍ୟେକ ପରିବାରକୁ ଦୈନିକ ମୁଣ୍ଡ ପିଛା ୭୦ ଲିଟର ପାଣି ଯୋଗାଇବା ବ୍ୟବସ୍ଥା ରହିଛି । ଏଲ୍ଆଣ୍ଡଟି ସଂସ୍ଥା ଏହାର ନିର୍ମାଣ କାର୍ଯ୍ୟ କରିଛି । ତେବେ ୨୦୧୯ ମସିହାରେରେ ଏହା ନିର୍ମାଣ ଆରମ୍ଭ ହୋଇଥିଲା । ୨୦୨୩ରେ ଏହା ସରିବାକୁ ଧାର୍ଯ୍ୟ ଥିଲା । ଅବଧିରୁ ଅତିରିକ୍ତ ୨ ବର୍ଷ ବିତି ଯାଇଛି । ଏଯାଏ କିନ୍ତୁ ଅନେକ ଗାଁକୁ ପାଇପ ପଡ଼ିନାହିଁ । ଓଭରହେଡ୍ ଟାଙ୍କି ମଧ୍ୟ ନିର୍ମାଣ ହୋଇନାହିଁ । ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ସହ ଜଗତି ନିକଟସ୍ଥ ମହାନଦୀ କୂଳରେ ଇଣ୍ଟେକ ୱେଲ ନିର୍ମାଣ କରାଯାଇ ୩ଟି ମୋଟର ଯୋଗେ ଜଳ ଯୋଗାଣ ହେଉଥିଲା । ମାତ୍ର ୬ ମାସ ହେଲା ହେଲା ୨ଟି ମୋଟର ଅଚଳ ଯୋଗୁଁ ଷ୍ଟାଣ୍ଡପୋଷ୍ଟରେ ଠିକ୍ ଭାବେ ପାଣି ବାହାରୁ ନାହିଁ । ତ୍ରୁଟିପୂର୍ଣ୍ଣ ଭାବେ ପାଇପ୍ ବିଛାଇବା ଓ ବିଭିନ୍ନ ସ୍ଥାନରେ ପାଇପ ଫାଟିବା ଯୋଗୁଁ ଲିକ୍ ହୋଇ ପାଣି ବାହାରେ ଭାସୁଛି ସିନା ଷ୍ଟାଣ୍ଡ ପୋଷ୍ଟରେ ବାହାରୁ ନାହିଁ । ଏହାଦ୍ୱାରା ବର୍ତ୍ତମାନ ଶୀତ ଋତୁର ଆଗମନରୁ ହିଁ ବ୍ଲକର ବିଭିନ୍ନ ଗ୍ରାମରେ ଲୋକେ ଜଳ କଷ୍ଟ ଭୋଗିବା ଆରମ୍ଭ ହେଲାଣି । ଅନ୍ୟପକ୍ଷରେ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ନାରାୟଣ ନଗରରେ ଲୋକେ ବେଆଇନ ଭାବେ ଷ୍ଟାଣ୍ଡ ପୋଷ୍ଟରେ ଟୁଲୁପମ୍ପ ଲଗାଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି । ତେବେ ଏହି ପ୍ରକ୍ରିୟା ଜାରି ରହିଲେ ଆଗକୁ ଜଳ ଶଙ୍କଟ ଭୟଙ୍କର ହେବା ଆଶଙ୍କା ରହିଛି । ଏହାର ସମାଧାନ ପାଇଁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ବିଭାଗୀୟ ଅଧିକାରୀ ବିଭିନ୍ନ ଆଳ ଦେଖାଉଛନ୍ତି । ଏନେଇ ଆରଡବ୍ଲୁଏସଏସର ନିର୍ବାହୀ ଯନ୍ତ୍ରୀ ପଲ୍ଲବୀ ସାମଲଙ୍କୁ ଯୋଗାଯୋଗ କରିବାରୁ ବୁଝି କହୁଛି ବୋଲି କହିଥିଲେ । ତୁରନ୍ତ ପାନୀୟ ଜଳ ସ୍ୱାଭାବିକ ଯୋଗାଣ ନ ହେଲେ ଅଞ୍ଚଳବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି ।

# ନୂଆପଡ଼ା ସହରରେ ଭାଲୁ ଆତଙ୍କ

**ନୂଆପଡ଼ା, ୧୬ ।୧୧(ସମିସ):** ନୂଆପଡ଼ା ଜିଲ୍ଲାରେ ଶୀତ ପ୍ରକୋପ ବଢ଼ିଥିବା ବେଳେ କିଛି ଦିନ ହେବ ନୂଆପଡ଼ା ସହରରେ ଭାଲୁ ଆତଙ୍କ ଖେଳାଇଥିବା ଦେଖିବାକୁ ମିଳିଛି । ଶୀତର ପ୍ରକୋପ ବଢ଼ିବା ସାଙ୍ଗକୁ ସହର ମଧ୍ୟକୁ ସ୍ଥାନୀୟ ଜଙ୍ଗଲରୁ ଭାଲୁ ପଶି ଆସୁଥିବା ଦେଖିବାକୁ ମିଳିଛି । ଦୁଇ ଦିନ ତଳେ ସ୍ଥାନୀୟ ରେଳ ଷ୍ଟେସନରେ ଭାଲୁ ଆସି ଆତଙ୍କ ଖେଳାଇଥିବାବେଳେ ରବିବାର ଟାନୱାଟ ପଞ୍ଚାୟତ ବିଜ୍ଞାନ କଲେଜ ଓ ଅଗ୍ନିଶମ ବିଭାଗ ଅଫିସ ପାଖରେ ୩ ଟି ଭାଲୁ ରହିଥିବା ଦେଖିବାକୁ ମିଳିଥିଲା । ଯାହାଫଳରେ ସ୍ଥାନୀୟ ଲୋକ ଆତଙ୍କିତ ହୋଇ ପଡ଼ିଛନ୍ତି । ବନ ବିଭାଗର କର୍ମଚାରୀ ପ୍ରେମ ତାଣ୍ଡି, କାହ୍ନା ବାଗ, ବିରୁ ତାଣ୍ଡି, ଟିକୁ ହଂସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ଆତଙ୍କିତ ନହେବା ପାଇଁ ପରାମର୍ଶ ଦେବା ସହ ଭାଲୁକୁ ଜଙ୍ଗଲ ଭିତରକୁ ଯିବା ପର୍ଯ୍ୟନ୍ତ ବନ କର୍ମଚାରୀ ଜଗି ରହିଥିଲେ । ସେହିପରି ୪ରୁ ୫ ଦିନ ତଳେ ପୁଣି ୩ ଟି ଭାଲୁ ନୂଆପଡ଼ା ରେଲୱେ ଷ୍ଟେସନ ଭିତରେ ବୁଲିଥିବା କିଛି ଲୋକ ତାଙ୍କ ମୋବାଇଲରେ ଭିଡିଓ କରି ସୋସିଆଲ ମିଡିଆରେ ଛାଡିଥିବା ଦେଖିବାକୁ ମିଳିଥିଲା । ନୂଆପଡ଼ା ସହରରେ ଭାଲୁ ବିଭିନ୍ନ ସମୟରେ ନଜରକୁ ଆସୁଥିବାରୁ ନୂଆପଡ଼ାବାସୀ ଆତଙ୍କିତ ହୋଇ ରହିଛନ୍ତି । ଭାଲୁ ଭୟରେ ଲୋକେ ସକାଳ ଭ୍ରମଣ ଓ ସନ୍ଧ୍ୟାରେ ସହରବାସୀ ଆତ ରହୁଛନ୍ତି । ନୂଆପଡ଼ା ସାଲିହା ଜଙ୍ଗଲ ଭାଲୁ କରିଡର ଭାବେ ପରିଚିତ ରହିଥିବାବେଳେ ସାଲିହା ଜଙ୍ଗଲ ନଷ୍ଟ ହେବା ସହ ପଥର ବ୍ଲାଷ୍ଟିଂ ହେତୁ ଖାଦ୍ୟ ପାଇଁ ଭାଲୁ ଗାଁ ମୁହାଁ ହେଉଥିବା ଜଣାପଡ଼ିଛି । ବିଗତ ବର୍ଷରେ ମଧ୍ୟ ଶୀତ ମାସରେ ଭାଲୁ ଜିଲ୍ଲାପାଳ ବାସଭବନ ସହ ସହରରେ ଆତଙ୍କ ଖେଳାଇଥିବା ଦେଖିବାକୁ ମିଳିଥିଲା ।



## ବରିଷ୍ଠନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ



**ବୌଦ୍ଧ, ୧୬ ।୧୧(ସମିସ):** ବୌଦ୍ଧ ଜିଲ୍ଲାରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ କରାଯାଇଛି । ବରିଷ୍ଠନାଗରିକ ତୀର୍ଥଯାତ୍ରା ଯୋଜନାରେ ୫୫ ଜଣ ତୀର୍ଥଯାତ୍ରୀ ଉଜ୍ଜୟିନୀ ଯିବେ । ବୌଦ୍ଧରୁ ୨ଟି ବସ୍‌ରେ ୫୫ ଜଣ ତୀର୍ଥ ବ୍ରହ୍ମପୁର ବାହାରିଛନ୍ତି । ଏମାନଙ୍କୁ ନେଇ ୨ଟି ବସ୍ ବାହାରିଛି । ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ସବୁଜ ପତାକା ଦେଖାଇ ଏହି ୨ଟି ବସ୍‌ର ଶୁଭାରମ୍ଭ କରିଥିଲେ । ତୀର୍ଥଯାତ୍ରୀମାନେ ବ୍ରହ୍ମପୁର ରେଳ ଷ୍ଟେସନରୁ ଅନ୍ୟ ଜିଲ୍ଲାର ଯାତ୍ରୀଙ୍କ ସହ ଉଜ୍ଜୟିନୀ ଅଭିମୁଖେ ଯାତ୍ରା ଆରମ୍ଭ କରିବେ । ତେବେ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ପ୍ରଭାକର କହଁର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସାଗରୀକା ଦତ୍ତ, ସହକାରୀ ଜିଲ୍ଲାପାଳ ଅକ୍ରୁର ଯାନୀ ପ୍ରମୁଖ ଉପସ୍ଥିତ ଥିଲେ ।

# 'ଶାସନକୁ ଶାଣିତ କରିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପର୍ଣ୍ଣ'

**କୋକସରା/ଜୁନାଗଡ଼, ୧୬ ।୧୧ (ସମିସ):** ଗଣମାଧ୍ୟମ ସର୍ବଦା ସତ୍ୟର ବାର୍ତ୍ତାବହ ସାଜୁ ଏବଂ ସାଧାରଣ ଜନତାର ସ୍ୱର ହେଉ । ଶାସନକୁ ଶାଣିତ କରିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପର୍ଣ୍ଣ ହୋଇଥାଏ । ଯେଉଁ ଦେଶରେ ନିରପେକ୍ଷ ଗଣମାଧ୍ୟମ ରହିଛି, ସେଠାରେ ଏକ ଉତ୍ତମ ଶାସନ ବ୍ୟବସ୍ଥା ରହିପାରିବ । ରବିବାର ଜୁନାଗଡ଼ ସ୍ଥିତ ଆରଏମସି ସଭାଗୃହଠାରେ କଳାହାଣ୍ଡି ଜର୍ଣ୍ଣାଲିଷ୍ଟ ୟୁନିୟନ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ଜାତୀୟ ସାମ୍ବାଦିକ ଦିବସ ସମାରୋହରେ ଉପରୋକ୍ତ ମତ ପ୍ରକାଶ ପାଇଛି । କଳାହାଣ୍ଡି ଜର୍ଣ୍ଣାଲିଷ୍ଟ ୟୁନିୟନର ସଭାପତି ମହମ୍ମଦ ଅଲ୍ଲୀ ଖାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଉପଦେଷ୍ଟା କମିଟି ସଭାପତି ଦୁଷ୍ମନ୍ତ କୁମାର ପଣ୍ଡା, ଜିଲ୍ଲା ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ, ଜିଲ୍ଲା ସମ୍ପାଦକ ଚକ୍ରଧର ବେଶ୍ରା, ଜିଲ୍ଲା ଉପସଭାପତି ପ୍ୟାରିଲାଲ ଦୁର୍ଗା, ଜିଲ୍ଲା ସମ୍ପାଦକ ଇଶ୍ୱରୀ ପଟେଲ ପ୍ରମୁଖ ମଞ୍ଚାସୀନ ହୋଇଥିଲେ । ଏହି କ୍ରମରେ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏହି କ୍ରମରେ ଯୁବ ଉଦ୍ୟୋଗୀ ଆଶିଷ ଗୋୟଲ, ଭିନ୍ନ ଏକ ପ୍ରତିଭାଧାରୀ ଛାତ୍ରୀ ସୌମ୍ୟାସରୁପା ସାହୁ, ଉତ୍ତମ ସାମାଜିକ କାର୍ଯ୍ୟକଳାପ ଯୋଗୁଁ ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଲେକ ସା ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା । ସାମ୍ବାଦିକ ରଘୁମଣି ପୁଝାରୀ ମଞ୍ଚ ପରିଚାଳନା କରିଥିଲେ । ବରିଷ୍ଠ ସାମ୍ବାଦିକ ବିଜୟ କୁମାର ପଣ୍ଡା, ଜଗଦୀଶ ନାଏକ, ହିରଣ୍ୟ ବେହେରା, ହରିହର ଛତ୍ରିଆ, ପରମାନନ୍ଦ ଛତ୍ରିଆ, ତୁଳାରାମ ବେହେରା, ଟୁନା ବିହାରୀ, ସାମ୍ବାଦିକା ଶର୍ମିଷ୍ଠା ଯୋଷୀ, ହିମାଦ୍ରୀ ମେହେର, ସାମ୍ବାଦିକ ଉଗ୍ରସେନ କନ୍ଦପାନ, ମଳୟ କୁମାର ସାହୁ, ବ୍ରହ୍ମା ପ୍ରସାଦ କାଣ୍ଡ, ରଜନୀ ଛତ୍ରିଆ, ଗଜୀନ୍ଦ୍ର ନାଗଙ୍କ ସମେତ ବିଭିନ୍ନ ବ୍ଲକରୁ ସାମ୍ବାଦିକମାନେ ଯୋଗଦେଇଥିଲେ ।




## ଗୀତା ଜୟନ୍ତୀ ପାଇଁ ପ୍ରସ୍ତୁତି

**ବୌଦ୍ଧ, ୧୬ ।୧୧(ସମିସ):** ବୌଦ୍ଧ ବ୍ଲକ ଐତିହାସିକ ଗନ୍ଧରାଡ଼ି ମନ୍ଦିର ପ୍ରାଙ୍ଗଣରେ ଚାରିଶମ୍ଭୁ ବ୍ରହ୍ମ ସମାଜ ପକ୍ଷରୁ ଗୀତା ଜୟନ୍ତୀ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଜିତେନ୍ଦ୍ର ହୋତା ପୂର୍ବ ସଭାର ବିବରଣୀ ପଠନ କରିବା ସହ ଗୀତା ଜୟନ୍ତୀ କିପରି ପାଳନ ହେବ ସେଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଡିସେମ୍ବର ୧ ତାରିଖ ସକାଳ ୮ ଟାରେ ରେ ଗୀତା ଜୟନ୍ତୀ ଆରମ୍ଭ ହେବାକୁ ସ୍ଥିର କରାଯାଇଛି । ଏଥିରେ କର୍ତ୍ତା ଭାବେ ନାରାୟଣ ମିଶ୍ର ସପତ୍ନୀକ ଦାୟିତ୍ୱ ତୁଲାଇବାକୁ ନିଷ୍ପତ୍ତି ନିଆଯାଇଛି । ପୂଜାକାର୍ଯ୍ୟ ପାଇଁ କୁମୁଦ ପାଣିଗ୍ରାହୀ, ପ୍ରଭଞ୍ଜନ ରଥ ଓ ଜିତେନ୍ଦ୍ର ହୋତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଅଜିତ ପାଣିଗ୍ରାହୀ, ଗୋପୀନାଥ ହୋତା, ଅନିଲ ହୋତା, ପ୍ରଶାନ୍ତ ପାଣିଗ୍ରାହୀ, ଚନ୍ଦ୍ର ହୋତା, ପୂର୍ଣ୍ଣଚନ୍ଦ୍ର ଦାସ, ନବୀନ ହୋତା, ମନରଞ୍ଜନ ପୁରୋହିତ, ବିଶ୍ୱଜିତ ପୁରୋହିତ, ଅମ୍ବରୀଶ ବଡପଣ୍ଡା ରୋଶନ ହୋତା ପ୍ରମୁଖ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## ଶିଶୁମନ୍ଦିରରେ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ

**ଡୁଙ୍ଗୁରିପାଲି, ୧୬ ।୧୧(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଧାନ ଆଚାର୍ଯ୍ୟ ବିଭୂତି ଭୂଷଣ ପଣ୍ଡା ପୌରୋହିତ୍ୟ କରିଥିଲେ । ଡୁଙ୍ଗୁରିପାଲି ହାଇସ୍କୁଲ ସଂସ୍କୃତ ଶିକ୍ଷୟିତ୍ରୀ ମଞ୍ଜୁଲତା ରଣା ମୁଖ୍ୟ ଅତିଥି ଏବଂ ମୁଖ୍ୟବକ୍ତା ଭାବେ ସୁନାପାଲି ସରକାରୀ ହାଇସ୍କୁଲ ବିଜ୍ଞାନ ଶିକ୍ଷୟିତ୍ରୀ ମଞ୍ଜୁଲତା ମିଶ୍ର ମଞ୍ଚାସୀନ ଥିଲେ । ଲିଲିମା ଦାଶ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ତାରାସିନୀ ସାହୁ, ବବିତା ବାଗ, ଅନୁରାଧା ସାହୁ, ଗୁରୁବାରୀ ପଧାନ, ମମତା ଦଣ୍ଡସେନା ପ୍ରମୁଖଙ୍କ ଦ୍ୱାରା ଆୟୋଜିତ ଅମୃତ କଳସ ତଥା ପ୍ରଶ୍ନମଞ୍ଚରେ ଶତାଧିକ ମହିଳା ଅଂଶ ଗ୍ରହଣ କରିଥିଲେ । କବୟିତ୍ରୀ ଯଶୋବନ୍ତୀ ନାୟକ ଓ ଦୁଃଖୀଦେଇ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜ୍ୟୋତ୍ସ୍ନା ସେଠ ଭାରତୀୟ ସଂସ୍କୃତି ଓ ପରମ୍ପରାର ପ୍ରତିବଦ୍ଧତା ନେଇ ଶତାଧିକ ମହିଳାଙ୍କୁ ଶପଥ ପାଠ କରାଇଥିଲେ । ରାଧାରାଣୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଏମ୍. ଚନ୍ଦ୍ର ଶେଖରଙ୍କୁ ମହମ୍ମଦ ଅସଲମ ସ୍ମୃତି ସମ୍ମାନ



**ଲାଞ୍ଜିଗଡ଼, ୧୬।୧୧(ସମିସ):** ଜାତୀୟ ଗଣମାଧ୍ୟମ ଦିବସ ଅବସରରେ ମହମ୍ମଦ ଅସଲମ ସ୍ମୃତି ସମ୍ମାନରେ ସମ୍ମାନିତ ହୋଇଛନ୍ତି ଲାଞ୍ଜିଗଡ଼ ପ୍ରେସ୍ କ୍ଲବ୍ ସମ୍ପାଦକ ତଥା ଲାଞ୍ଜିଗଡ଼ ବ୍ଲକର ଏମ୍. ଚନ୍ଦ୍ର ଶେଖର । ଆଜି କଳାହାଣ୍ଡି ଜିଲ୍ଲା ଜୁନାଗଡ଼ସ୍ଥିତ ଅଗ୍ରସେନ ଭବନରେ ଓଡ଼ିଶା ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟ ସହବନ୍ଧିତ କଳାହାଣ୍ଡି ସାମ୍ବାଦିକ ୟୁନିୟନ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ସାଂସଦ ମାଳବିକା ସିଂ ଦେଓ ଯୋଗଦେଇଥିଲେ । ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ ଓ ବିଶିଷ୍ଟ ଅତିଥିଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ଯୋଗଦେଇଛନ୍ତି । ସମ୍ମାନିତ ଅତିଥି ଭାବେ ଓଡ଼ିଶା ସାମ୍ବାଦିକ ୟୁନିୟନର ସଭାପତି ପ୍ରଶନ୍ନ ମହାନ୍ତି, ଗୁଲାମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଜିଲ୍ଲା ସାମ୍ବାଦିକ ୟୁନିୟନର ସଭାପତି କମ୍ବୁପାଣି ମିଶ୍ରଙ୍କ ଉପସ୍ଥିତରେ ଏହି ମହମ୍ମଦ ଅସଲମ ସ୍ମୃତି ସମ୍ମାନ ଦିଆଯାଇଛି । ଏହି ଅବସରରେ ଲାଞ୍ଜିଗଡ଼ ପ୍ରେସ୍ କ୍ଲବର ସଭାପତି ସୁଶୀଲ କୁମାର ବାଗ, ଉପସଭାପତି କ୍ଷମାନିଧି ମହାଖୁଡ, ଉପଦେଷ୍ଟା କୈଳାସ ସାହୁ, ସଦସ୍ୟ ରମେଶ ନାୟକ, ଧର୍ମେନ୍ଦ୍ର ପଣ୍ଡା, ପ୍ରଭୁ ରଞ୍ଜନ ସାମଲ ଉପସ୍ଥିତ ଥିଲେ । ଲାଞ୍ଜିଗଡ଼ ପ୍ରେସ୍ କ୍ଲବ୍ ସଦସ୍ୟ ଦିଲୀପ ନାଏକ, ଲାଞ୍ଜିଗଡ଼ ପିଇଡବ୍ଲ୍ୟୁ ମିଡ଼ିଆ ଆସୋସିଏସନର ପୂର୍ବତନ ସଭାପତି ନିଲେସ ନାଗ, ସାଧାରଣ ସମ୍ପାଦକ ଗୋପାଳ ଦାସ ମହାନନ୍ଦ, ସହ ସମ୍ପାଦକ ତୁଳସୀ ରାମ ପ୍ରଧାନୀ, ମନୋଜ ଦୋରା ପ୍ରମୁଖ କଳାହାଣ୍ଡି ସାମ୍ବାଦିକ ୟୁନିୟନରେ ନୂତନ ସଦସ୍ୟ ଭାବେ ଯୋଗ ଦେଇଥିବା ବେଳେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

# ବ୍ଲକସ୍ତରୀୟ ମତ୍ସ୍ୟ, ପ୍ରାଣୀ ସମ୍ପଦ ମେଳା

**ତୁଷୁରା, ୧୬ ।୧୧(ସମିସ):** ବଲାଙ୍ଗିର ଜିଲ୍ଲା ତୁଷୁରା ପ୍ରାଣୀ ଚିକିତ୍ସା ପରିସରରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି । ଏବିଡ଼ିଓ ରାମଦତ୍ତ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ସମ୍ମାନିତ ଅତିଥି ଭାବେ ଅଶୋକ ଦୋରା, ଟୁକୁରାମ ପାଣିଗ୍ରାହୀ, ଜିତେନ୍ଦ୍ର ମହାପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ରାମନିବାସ ଅଗ୍ରୱାଲ, ବଲାଙ୍ଗିର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ମୋହନ ମାଣିଆ, ସହକାରୀ ମତ୍ସ୍ୟ ଅଧିକାରୀ ତୃପ୍ତିମୟୀ ନେଗୀ ଯୋଗ ଦେଇଥିଲେ । ଅତିଥିମାନେ କାମଧେନୁ ଯୋଜନାରେ ଗୋପାଳନ, ମଇଁଷି ପାଳନ, ମାଛ ଯାଆଁଳା ଉତ୍ପାଦନ ଓ ଘାସଚାଷରେ ମିଳୁଥିବା ସରକାରୀ ସହାୟତା ସମ୍ପର୍କରେ ଆଲେଚନା କରିଥିଲେ । ମୁକେଶ ମାଝୀ ମଞ୍ଚ ପରିଚାଳନା କରିଥିବା ବେଳେ ବ୍ଲକ ଚିକିତ୍ସା ଅଧିକାରିଣୀ ଦୀପ୍ତିମୟୀ ବଡ଼େଇ ସ୍ୱାଗତ ଭାଷଣ ଦେଇଥିଲେ । ଶେଷରେ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଶୁଭ୍ରାଜ୍ୟୋତି ସିଂହ୍ନା ଧନ୍ୟବାଦ ଦେଇଥିଲେ । ଏହି ଅବସରରେ କୁକୁଡ଼ା ପାଳନ, ମାଛଚାଷ ପାଇଁ ବିଭିନ୍ନ ବ୍ୟକ୍ତି ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁରସ୍କୃତ କରାଯାଇଥିଲା । ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଓଁକାରନାଥ ସାହୁ ସହଯୋଗ କରିଥିଲେ । ରଜନୀକା ଇକ୍କା ଗୋ ଶାଳାର ପରିଚାଳନା ଉପରେ ମନ୍ତବ୍ୟ ଦେଇଥିଲେ ।



## ଖପ୍ରାଖୋଲରେ ଜାତୀୟ ପ୍ରେସ୍ ଦିବସ ପାଳିତ



**ଖପ୍ରାଖୋଲ, ୧୬ ।୧୧(ସମିସ):** ସ୍ଥାନୀୟ ଥାନା ଅଭ୍ୟର୍ଥନା କକ୍ଷରେ ଖପ୍ରାଖୋଲ ବ୍ଲକ ସାମ୍ବାଦିକ ସଂଘ ଅନୁକୂଳ୍ୟରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଛି । ବରିଷ୍ଠ ସାମ୍ବାଦିକ ଡ. ଅଭୟ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମୁଖ୍ୟଅତିଥି ରୁପେ ଖପ୍ରାଖୋଲ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ସମ୍ମାନିତ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛାତ୍ର, ଲାଠୋର ଥାନା ଅଧିକାରୀ ରମାକାନ୍ତ ସାହୁ, ଏସିଏଫ୍ ତଥା ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ, ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବଳଭଦ୍ର ଦାଶ ଯୋଗ ଦେଇଥିଲେ । ଜାତୀୟ ପ୍ରେସ୍ ଦିବସର ଗୁରୁତ୍ୱ, ସମାଜ ଏବଂ ଗଣମାଧ୍ୟମର ଭୂମିକା ଉପରେ ଅତିଥିଗଣ ଆଲୋକପାତ କରିଥିଲେ । ଏହାସହ ସ୍ୱଚ୍ଛ, ନିରପେକ୍ଷ ଖବର ପ୍ରସାରଣ ଉପରେ ଗୁରୁତ୍ୱ ଦେଇଥିଲେ । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ନରେନ୍ଦ୍ର ଭୋଇ, ଉମାକାନ୍ତ ପଧାନ, ବିହାରୀ ପଧାନ, ସଦାନନ୍ଦ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜ୍ୟୋତି ରଞ୍ଜନ ପଣ୍ଡା, ସରୋଜ ମିଶ୍ର, ପାର୍ଥିବ ଭୁଏ, ଗୋପାଳ ସାହୁ, ସରୋଜ ସାହୁ, ହେମ ସାଗର ସାହୁ, ବସନ୍ତ ମେହେର ପ୍ରମୁଖ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । ବରିଷ୍ଠ ସଦସ୍ୟ ବିମଳ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୨୪ତମ ମାଁ ଭୈରବୀ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

# ମୁରଶୁଣ୍ଡି, ଗିରାସିଙ୍ଗା ବିଜୟୀ



**ବୌଦ୍ଧ, ୧୬ ।୧୧(ସମିସ)**

ବୌଦ୍ଧ ବ୍ଲକ ବଢ଼ିଗାଁ ପଞ୍ଚାୟତ ଇଛାପୁର ଖେଳ ପଡ଼ିଆରେ ମା' ଭୈରବୀ କ୍ଲବ୍ ଆନୁକୂଲ୍ୟରେ ୨୪ତମ ନକ୍ ଆଉଟ୍ ଫୁଟବଲ କପ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ କିରଟି ପ୍ରଧାନ, ସମ୍ମାନୀତ ଅତିଥି ଭାବରେ ଉଦ୍ୟୋଗପତି କୁବେର ପ୍ରଧାନ ଯୋଗ ଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ମ୍ୟାଚ ସରସରା ଓ ମୁରଶୁଣ୍ଡି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାକୁ ଗୋଲ୍ ଦେଇ ନ ପାରିବାରୁ ଟାଇବେକର ଜରିଆରେ ମୁରଶୁଣ୍ଡି ଓ ଦଳ ୪-୩ ଗୋଲରେ ବିଜୟୀ ହୋଇଥିଲା । ସେହିପରି ଦ୍ୱିତୀୟ ମ୍ୟାଚ ଗିରାସିଙ୍ଗା ଓ ବଡ଼ବନ୍ଧ ଦଳ ମଧ୍ୟରେ ହୋଇଥିବା ବେଳେ ଟାଇବେକର ଯୋଗେ ଗିରାସିଙ୍ଗା ୯-୮ ଗୋଲରେ ବିଜୟୀ ହୋଇଥିଲା । ପ୍ରହଲ୍ଲାଦ ବେହେରା ଖେଳ ପରିଚାଳନା କରିଥିବା ବେଳେ ବଳରାମ ବେହେରା ଅମିତ ନାଏକ ଲାଇନରେ ସହଯୋଗ କରିଥିଲେ । ଏହି ଫୁଟବଲ ପ୍ରତିଯୋଗିତାରେ ୮ଟି ଅଂଶଗ୍ରହଣ କରିଛନ୍ତି । ୧୯ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ସୋମବାର ବଲାସିଙ୍ଗା ଓ ମୁଣ୍ଡାପଡ଼ା ଏବଂ ବଢ଼ିଗାଁ ଓ ବିରିଗଡ଼ ମଧ୍ୟରେ ଖେଳ ଅନୁଷ୍ଠିତ ହେବ । ଏହି ଫୁଟବଲ ପ୍ରତିଯୋଗିତାରେ ମାଁ ଭୈରବୀ କ୍ଲବର ବୁଲୁ ସାହୁ, ଗଗନ ସାହୁ, ସୁବ୍ରତ ପଣ୍ଡା, ରାକେଶ ପଟ୍ଟନାୟକ, ସମରେଶ ବାରିକ, କୃଷ୍ଣଚନ୍ଦ୍ର ବିଶି ପ୍ରମୁଖ ସଭ୍ୟ ସହଯୋଗ କରିଥିଲେ ।

## ସଇଁତଲାରେ ଧନୁଯାତ୍ରା ମହୋତ୍ସବ



**ସଇଁତଲା, ୧୬ ।୧୧(ସମିସ):** ସ୍ଥାନୀୟ ଡାକ ବଙ୍ଗଳାରେ ବିବେକାନନ୍ଦ ଯୁବକ ସଂଘ ତରଫରୁ ଧନୁଯାତ୍ରା ମହୋତ୍ସବ ଆୟୋଜିତ ହୋଇଯାଇଛି । ସମିତି ସଭ୍ୟ ସିମରନ ସିଂଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୁଣସାଗର ମାଝୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ସାଂସଦଙ୍କ ପ୍ରତିନିଧି ଅକ୍ଷୟ ରଣା, ଡୁଙ୍ଗୁରିପାଲି ସରପଞ୍ଚ ଗଜପତି ସାହୁ, ଡେଙ୍ଗ ସରପଞ୍ଚଙ୍କ ପ୍ରତିନିଧି ଟିକେଶ୍ୱର ସାହୁ, କୁମ୍ଭାରୀ ସରପଞ୍ଚ ଶୈଳେନ୍ଦ୍ରି ମହାନନ୍ଦ, ସମିତି ସଭ୍ୟ ମଣ୍ଟୁ ନାଗ, ସଭ୍ୟା ସରୋଜିନୀ ବିଭାର, ବନିତା ସାହୁ, ଲକ୍ଷେଶ୍ୱର ସାହୁ, ଧନୁଯାତ୍ରା କମିଟି ସମ୍ପାଦକ ରଜତ ପଟ୍ଟନାୟକ, ସଂଯୋଜକ ଚନ୍ଦ୍ର ଚନ୍ଦନ, ଉମେଶ ସାହୁ, ରାଜା ସାହୁ ପ୍ରମୁଖ ଯୋଗଥିଲେ । ସାମ୍ବାଦିକ ବିଶାଳ ଅଗ୍ରୱାଲ ଓ ସାମ୍ବାଦିକ କୃଷ୍ଣଗୋପାଳ ଦାସଙ୍କୁ ସମ୍ମାନିତ କରାଯାଇଥିଲା । କଂସ ଭୂମିକାରେ ସଞ୍ଜୀବ ପ୍ରଧାନ ଅଭିନୟ କରୁଛନ୍ତି ।

### ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ ଉଦ୍‌ଯାପିତ

# ଗୋଲକୁଣ୍ଡା ଚାମ୍ପିଅନ, ବାରବାଟୀ ରନର୍ସଅପ୍

**ଭୁବନେଶ୍ୱର, ୧୬।୧୧(ସମିସ)**




ଅଲ ଓଡ଼ିଶା ଚେସ୍ ଆସୋସିଏସନ (ଏଓସିଏ) ଓ ଆଇକନିକ୍ ସ୍ପୋର୍ଟ୍ସ ଫାଉଣ୍ଡେସନ (ଆଇଏସ୍ଏଫ୍) ପକ୍ଷରୁ କ୍ରିକେଟରେ ଆଇପିଏଲ୍ ଢ଼ାଞ୍ଚାରେ ଫ୍ରାଞ୍ଚାଇଜ୍ ଭିତ୍ତିକ ୧୨ଟି ଦଳକୁ ନେଇ ଓଡ଼ିଶାରେ ପ୍ରଥମଥର ଆୟୋଜିତ ହୋଇଥିବା ଓଡ଼ିଶା ଆଇକନିକ୍ ଚେସ୍ ପ୍ରିମିୟର ଲିଗ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଗୋଲକୁଣ୍ଡା ଗାର୍ଡିଅନ୍ସ ଚାମ୍ପିଅନ ହୋଇଥିଲାବେଳେ ବାରବାଟୀ ବ୍ୟାଟଲର୍ସ ରନସ ଅପ୍ ହୋଇଛି। ଭିକ୍ଟୋରିଆ ଭିକ୍ଟର୍ସ ଦ୍ୱିତୀୟ ରନର୍ସ ଅପ୍ ହୋଇଥିଲାବେଳେ ଅମ୍ବର ଆଭେଞ୍ଜର୍ସ ଚତୁର୍ଥ ସ୍ଥାନରେ ରହିଥିଲା। ପୁରସ୍କାର ବାବଦରେ ଚାମ୍ପିଅନ ଗ୍ରାଣ୍ଡ ଆୱାସ ମାଲିକାନାରେ ଖେଳୁଥିବା ଗୋଲକୁଣ୍ଡାକୁ ଟ୍ରଫି ସହ ୫ ଲକ୍ଷ, ଟ୍ରିପଲ 'ସି' କ୍ଲବ୍ ମାଲିକାନାରେ ଖେଳୁଥିବା ବାରବାଟୀ ବ୍ୟାଟଲର୍ସକୁ ରନର୍ସ ଅପ୍ ଟ୍ରଫି ସହ ୩ ଲକ୍ଷ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛତିଶଗଡ଼ର ରାଘବେନ୍ଦ୍ର ସିଂଘାଣିଆଙ୍କ ଟିମ୍ ଭିକ୍ଟୋରିଆ ଭିକ୍ଟର୍ସକୁ ରନର୍ସ ଅପ୍ ଟ୍ରଫି ସହ ୨ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଛି। ଖେଳ ଶେଷରେ ଅନୁଷ୍ଠିତ ଉତ୍ସବରେ ସାଂସଦ ପ୍ରଦୀପ କୁମାର ବର୍ମା ମୁଖ୍ୟଅତିଥି, ଜେମିନୀ ଅଏଲର ଜେନେରାଲ ମ୍ୟାନେଜର ପ୍ରଦୀପ କିଶୋର ମହାପାତ୍ର, ଜିଏସ୍‌ଟି କମିଶନର ପ୍ରୀତିରଞ୍ଜନ ନାଥ, ଏଆଇସିଏଫ୍ ଯୁଗ୍ମ ସଚିବ ମନୀଷ କୁମାର, ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ପ୍ରଦୀପ୍ତ ମହାନ୍ତି, ଡ. ସଞ୍ଜୟ ଚୌଧୁରୀ, ଡ. ଚିଦାତ୍ମିକା ଖଟୁଆ, ଡ. ସେକ୍ ସମିମ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ।

ଆଇପିଏଲ ଢ଼ାଞ୍ଚାରେ ହୋଟେଲ ଲାଇଫ୍‌ରେ ଗତ ୩ ଦିନ ଧରି ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ୧୨ଟି ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ରାଉଣ୍ଡ ରବିନ ଲିଗ୍ ଫର୍ମାଟରେ ଖେଳ ହେବା ପରେ ୪ଟି ଦଳ ନକ୍‌ଆଉଟକୁ ଉନ୍ନିତ ହୋଇଥିଲେ। ଆଇପିଏଲ୍ ପରି ପ୍ରଥମ ଦୁଇ ଦଳ ମଧ୍ୟରେ କ୍ୱାଲିଫାୟର-୧ରେ ପରସ୍ପର ସହ ମୁକାବିଲା କରିଥିଲେ। ଏଥିରେ ଭିକ୍ଟୋରିଆକୁ ହରାଇ ନଂ-୧ ଟିମ୍ ଗୋଲକୁଣ୍ଡା ପ୍ରଥମ ଟିମ୍ ଭାବେ ଫାଇନାଲକୁ ଯାଇଥିଲା। ଏଲିମିନେଟରରେ ଅମ୍ବର ଆଭେଞ୍ଜର୍ସକୁ ହରାଇ ବାରବାଟୀ ଦ୍ୱିତୀୟ କ୍ୱାଲିଫାୟର୍ସକୁ ଯାଇଥିଲା। ପରେ ଖେଳାଯାଇଥିବା ଦ୍ୱିତୀୟ କ୍ୱାଲିଫାୟରରେ ଭିକ୍ଟୋରିଆକୁ ହରାଇ ବାରବାଟୀ ଦ୍ୱିତୀୟ ଦଳ ଭାବେ ଫାଇନାଲ୍‌ରେ ପ୍ରବେଶ କରିଥିଲା। ଫାଇନାଲରେ ବାରବାଟୀକୁ ହରାଇ ଗୋଲକୁଣ୍ଡା ଗାର୍ଡିଅନ୍ସ ଚାମ୍ପିଅନ ହୋଇଥିଲା। ଏହି ଦଳରେ ଆର୍ଯ୍ୟ ଅର୍ଣ୍ଣବ ସାମନ୍ତରାୟ, ମହୀତୋଷ ଦେ', ଅଧିନାୟକ ତଥା ଆଇଏମ୍ ଆରାଧ ଗର୍ଗ, ସ୍ୱପ୍ନିଲ ପ୍ରିୟଦର୍ଶୀ, ମୁକୁନ୍ଦ ହେମନ୍ତ ଅଗରୱାଲ, ଆଶ୍ରିୟା ଦାସ, ରାକେଶ କୁମାର ନାୟକ ଏବଂ ସୋୟମ ଲକ୍ଷ୍ମୀଦତ୍ତ ଡି ସାବତ ଖେଳାଳିଭାବେ ଚମତ୍କାର ପ୍ରଦର୍ଶନ କରିଥିଲେ।

ଏହି ଟୁର୍ଣ୍ଣାମେଣ୍ଟର ଚିଫ୍ ଆର୍ବିଟର ଭାବେ ଆଇଏ ସୁରେଶ ଚନ୍ଦ୍ର ସାହୁ, ଡେପୁଟି ଚିଫ୍ ଆର୍ବିଟର ଭାବେ ଆଇଏ ତାପସ କୁମାର ମହାନ୍ତି ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ସନ୍ତୋଷ ମହାପାତ୍ର, ପିଙ୍କି ମହାପାତ୍ର, ଅଭିଷେକ ଆଚାର୍ଯ୍ୟ ଓ ଅନ୍ୟ ଆର୍ବିଟରମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ। ଏଓସିଏ କାର୍ଯ୍ୟନିର୍ବାହୀ ସଦସ୍ୟ ରୀତେଶ ରଥ, ପଦ୍ମିନୀ ସିଂ, ଧନଞ୍ଜୟ ସାବତ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।


### ରାଜ୍ୟ ବେଞ୍ଚପ୍ରେସ୍ ପ୍ରତିଯୋଗିତା ଉଦ୍‌ଯାପିତ

## ଖୋର୍ଦ୍ଧା ପ୍ରଥମ, କଟକ ଦ୍ୱିତୀୟ

**ଭୁବନେଶ୍ୱର, ୧୬।୧୧(ସମିସ):** ଓଡ଼ିଶା ରାଜ୍ୟ ବେଞ୍ଚପ୍ରେସ୍ ପ୍ରତିଯୋଗିତା ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ୧୬ଟି ଜିଲ୍ଲାରୁ ୨୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଖୋର୍ଦ୍ଧା ଜିଲ୍ଲା ୨୩ଟି ସ୍ୱର୍ଣ୍ଣପଦକ ଜିତି ପ୍ରଥମ, କଟକ ଜିଲ୍ଲା ୮ଟି ସ୍ୱର୍ଣ୍ଣପଦକ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ସୁନ୍ଦରଗଡ଼ ୭ଟି ସ୍ୱର୍ଣ୍ଣ ସହ ତୃତୀୟ ହୋଇଛି। ଖେଳ ଶେଷରେ ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି, ଜଗନ୍ନାଥ ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏସନର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ, ଜାନକୀ ବଲ୍ଲଭ ମିଶ୍ର, ଚନ୍ଦ୍ରଶେଖର ସାହୁ, ପ୍ରଦୀପ କୁମାର ପାତ୍ର, ଏନ୍‌ବି ପଟ୍ଟନାୟକ, କୃଷ୍ଣଚନ୍ଦ୍ର ସାହୁ, ଲକିରାଣୀ ପାତ୍ର, ସ୍ୱାଗତିକା ଖଟେଇ ଓ ଅନୁପମା ସ୍ୱାଇଁ ପ୍ରମୁଖ ଖେଳ ପରିଚାଳନା କରିଥିଲେ।



## ନିଖିଳ ଓଡ଼ିଶା ବିଲିଆର୍ଡ୍‌ସ ଓ ସ୍ନୁକର ରାଜ୍ୟ ର୍ୟାଙ୍କିଙ୍ଗ୍ ଚାମ୍ପିଅନ୍‌ସିପ୍ ଆରମ୍ଭ



ଭୁବନେଶ୍ୱର, ୧୬।୧୧(ସମିସ): ୩୧ତମ ରାଜ୍ୟ ବିଲିୟାର୍ଡ୍ସ ଓ ସ୍ନୁକର ଚାମ୍ପିଅନସିପ୍ ପଟିଆ ଛକସ୍ଥିତ ସିକ୍ସ ପକେଟସ କ୍ଲବ୍ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ୪ଟି ବିଭାଗରେ ହେବାକୁ ଥିବା ଏହି ରାଜ୍ୟ ର୍ୟାଙ୍କିଙ୍ଗ୍ ଚାମ୍ପିଅନସିପ୍‌କୁ ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ସଂଘ ସମ୍ପାଦକ ସମୀର ଅଲି ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟର ଶୀର୍ଷ ଖେଳାଳି, କ୍ଲବ୍ ମାଲିକ ଚେତନ ଆନନ୍ଦ ଓ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଆଜି ଶେଷ ହୋଇଥିବା ସବଜୁନିଅର ବିଲିୟାର୍ଡ୍ସରେ ଆଜ୍‌ଲାନ ଅଲିଙ୍କୁ ହରାଇ ଚାମ୍ପିଅନ ହୋଇଛନ୍ତି। ସିନିଅର ବିଲିୟାର୍ଡ୍ସ ସେମିଫାଇନାଲରେ ସୁବ୍ରତ ଦାସ, ସମୀର ଅଲି ଓ ଚିରଞ୍ଜୀବ ସିଂ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସିନିଅର ସ୍ନୁକର ପ୍ରଥମ ରାଉଣ୍ଡରେ ଜଗଦୀଶ ମହାନ୍ତି, ଅନୁଜ ପଣ୍ଡା, ନିଶି ପ୍ରକାଶ, ଉଦ୍‌ଭାସ ମହାପାତ୍ର, ପ୍ରିୟା ଗୋବିନ୍ଦ ଓ ରାକେଶ ମହାନ୍ତି ବିଜୟ ହାସଲ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

## ଶ୍ୱେତପଦ୍ମାଙ୍କୁ ମିଳିଲା ଏକଲବ୍ୟ ପୁରସ୍କାର

**ଭୁବନେଶ୍ୱର, ୧୬।୧୧(ସମିସ):** ରାଜ୍ୟର ପ୍ରମୁଖ ଅନ୍ତର୍ଜାତୀୟ ମହିଳା ବ୍ୟାଡମିଣ୍ଟନ ଖେଳାଳି ଶ୍ୱେତପଦ୍ମା ପଣ୍ଡାଙ୍କୁ ୩୩ତମ ଏକଲବ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ରବିବାର ଏକ ଘରୋଇ ହୋଟେଲେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ମୁଖ୍ୟ ଅତିଥି, ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ପ୍ରକାଶ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ଶ୍ୱେତପଦ୍ମାଙ୍କୁ ଇମ୍ପାକ୍ଟ ପ୍ରଦତ୍ତ ଟ୍ରଫି, ମାନପତ୍ର ଓ ୭ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରିଥିଲେ। ଏହା ବ୍ୟତୀତ ରାଜ୍ୟର ଆଉ ଦୁଇଜଣ ଖେଳାଳିଙ୍କୁ ସମ୍ମାନିତ କରାଯାଇଛି। ଭାରୋତ୍ତୋଳିକା ପ୍ରିତୀସ୍ମିତା ଭୋଇ ଓ ଉଦୀୟମାନ ଟେନିସ ଖେଳାଳି ଆହାନଙ୍କୁ ମାନପତ୍ର, ଟ୍ରଫି ଓ ଦେଢ଼ଲକ୍ଷ ଲେଖାଏଁ ଟଙ୍କା ଦିଆଯାଇଥିଲା।

**ସମ୍ମାନିତ ହେଲେ ପ୍ରୀତିସ୍ମିତା ଓ ଆହାନ**



ଏକଲବ୍ୟ ପୁରସ୍କାର କମିଟି ଅଧକ୍ଷ ତଥା ଟ୍ରଷ୍ଟି ବୈଜୟନ୍ତ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅନ୍ୟତମ ଟ୍ରଷ୍ଟି ପାରମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବିତରଣ ଉତ୍ସବକୁ ପୁରସ୍କାର କମିଟି ସଂଯୋଜକ ତଥା କର୍ପୋରେଟ ବ୍ୟାପାର ମୁଖ୍ୟ ଅଶ୍ୱିନୀପ୍ରସାଦ ମହାନ୍ତି ପରିଚାଳନା କରିଥିଲେ। ୧୯୯୩ ମସିହାରୁ ରାଜ୍ୟର ଉଦୀୟମାନ ଖେଳାଳିଙ୍କୁ ଇମ୍‌ଫା ପକ୍ଷରୁ ଏକଲବ୍ୟ ପୁରସ୍କାର ପ୍ରଦାନ କରାହୋଇଆସୁଛି।

### ମହିଳା ଦୃଷ୍ଟିହୀନ ବିଶ୍ୱକପ୍ କ୍ରିକେଟ୍

## ପାକିସ୍ତାନକୁ ହରାଇଲା ଭାରତ

କଲମ୍ବୋ, ୧୬।୧୧(ଏଜେନ୍ସି): ମହିଳା ଦୃଷ୍ଟିହୀନ ବିଶ୍ୱକପ୍ କ୍ରିକେଟରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ୮ ୱିକେଟରେ ପଡୋଶୀ ପାକିସ୍ତାନକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୨୩ ରନ୍‌ରେ ୪ଟି ୱିକେଟ ହରାଇବା ପରେ ମେହେରିନ୍ ଅଲିଙ୍କ ୬୬ ରନ୍ ସହାୟତାରେ ୮ ୱିକେଟ ହରାଇ ୧୩୫ ରନ୍ କରିଥିଲା। ଜବାବରେ ଭାରତ ୨ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଏହି ବିଜୟ ଫଳରେ ଭାରତ ସେମିଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ବା ସୋମବାର ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ମଧ୍ୟରେ ଲିଗ୍ ମ୍ୟାଚ୍ ଖେଳାଯିବ।

### ଜାତୀୟ ପାରା ସୁଇମିଂ ଚାମ୍ପିଅନ୍‌ସିପ୍

## ପ୍ରଥମ ଦିବସରେ ଓଡ଼ିଶାକୁ ୭ ପଦକ



**ଭୁବନେଶ୍ୱର, ୧୬।୧୧ (ସମିସ):** ହାଇଦରାବାଦ୍‌ରେ ରବିବାର ଜାତୀୟ ପାରା ସୁଇମିଂର ୨୫ତମ ସଂସ୍କରଣ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ଓଡ଼ିଶା ସନ୍ତରଣକାରୀମାନେ ପ୍ରଭାବୀ ପ୍ରଦର୍ଶନ କରି ୭ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ୩ଟି ଲେଖାଏ ସ୍ୱର୍ଣ୍ଣ ଓ କାଂସ୍ୟ ଏବଂ ଗୋଟିଏ ରୌପ୍ୟ ପଦକ ରହିଛି। ପୁରୁଷ ୧୦୦ ମିଟର ଫ୍ରିଷ୍ଟାଇଲର ଏସ୍-୪ କାଟାଗୋରୀରେ ବଳରାମ ସ୍ୱାଇଁ, ଏସ୍-୫ କାଟାଗୋରୀରେ ନରହରି ବେହେରା ଓ ମହିଳା ଏସ୍-୬ କାଟାଗୋରୀରେ କବିତା ଦଳାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିଭଳି ପୁରୁଷ ବ୍ୟାକ୍ ଷ୍ଟ୍ରୋକ ଏସ୍-୧୧ କାଟାଗୋରୀରେ ରଞ୍ଜନ ହାଁସଦାଙ୍କୁ ରୌପ୍ୟ ପଦକ ମିଳିଛି। କାଂସ୍ୟ ପଦକ ସଫଳତା ପାଇଥିବା ସନ୍ତରଣକାରୀମାନେ ହେଲେ ଦୀନେଶ ମାଝୀ, ଶିବାନନ୍ଦ ବୈଦ୍ୟ ଓ କମଳ ଟୁଡୁ।

### ଶରଣକୁଳ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ

# ଟାଇବ୍ରେକର୍‌ରେ ଜିତିଲା ସେଞ୍ଚୁରିଆନ କ୍ଲବ୍

**ଶରଣକୁଳ,୧୬।୧୧(ସମିସ)**



ଶରଣକୁଳ ଲଡୁକେଶ ଆଥଲେଟିକ୍ ଆସୋସିଏସନର ୬୪ ତମ ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ସ୍ଥାନୀୟ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଉଦଘାଟିତ ହୋଇ ଯାଇଛି। ଆସୋସିଏସନର ସଭାପତି ତଥା ପୂର୍ବତନ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ସଂଯୁକ୍ତା ପଡ଼ିଆରୀ, ଶରଣକୁଳ ଥାନା ଅଧିକାରୀ ସୁଜିତ କୁମାର ଦାସ ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ଥିଲେ। ଉଦଘାଟନୀ ମ୍ୟାଚ ଭୁବନେଶ୍ୱରର ସେଞ୍ଚୁରିଆନ କ୍ଲବ ଓ ଜଟଣୀର ଉତ୍କଳ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳର ପ୍ରଥମାର୍ଦ୍ଧ ବେଶ ଚିତ୍ତାକର୍ଷକ ଥିବାବେଳେ ୧୧ ତମ ମିନିଟରେ ଜଟଣୀ ଦଳର ୧୦ ନମ୍ବର ଜର୍ସି ଖେଳାଳି ଚିଣ୍ଟୁ ସାମଲ ଚତୁରତାର ସହ ପ୍ରଥମ ଗୋଲ ସ୍କୋର କରି ଦଳକୁ ଆଗେଇ ନେଇଥିଲେ । ଦ୍ୱିତୀୟାର୍ଦ୍ଧ ଖେଳର ପ୍ରଥମ ମିନିଟରେ ଭୁବନେଶ୍ୱର ଦଳର ୭ ନମ୍ବର ଜର୍ସି ଖେଳାଳି ଅମିନୁ ଗୋଲ ଶୁଝାଇ ଦଳକୁ ସମାନ ସ୍ତରକୁ ଆଣିଥିଲେ । ଖେଳ ୧-୧ରେ ସମାନ ହେବା ପରେ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲା ଓ ୩୧ ତମ ମିନିଟ ରେ ଚିଣ୍ଟୁ ସାମଲ ବିପକ୍ଷ ଦଳକୁ ଆଉ ଗୋଟିଏ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ଶେଷ ସମୟ ପୂର୍ବରୁ ଭୁବନେଶ୍ୱର ଦଳ ଶୁଝାଇଦେବାରୁ ନିର୍ଦ୍ଧାରିତ ସମୟରେ ଖେଳ ୨-୨ ଗୋଲରେ ସମାନସ୍ତରେ ରହିଥିଲା। ମ୍ୟାଚ୍ର ଫଳାଫଳ ଲାଗି ଟାଇବ୍ରେକର ପଦ୍ଧତି ନିଆଯାଥିଲା। ଏଥିରେ ଭୁବନେଶ୍ୱର ଦଳ ବିଜୟୀ ହୋଇଥିଲା ଓ ଦଳର ଅମିନୁଙ୍କୁ ଶ୍ରେଷ୍ଠ ଖେଳାଳି ରୁପେ ଚୟନ କରାଯାଇଥିଲା। ଶରଣକୁଳ ଜନସଂଗ୍ରାମ ପ୍ରେସ ପକ୍ଷରୁ ଅତିଥିଙ୍କ ଦ୍ୱାରା ଏକହଜାର ଅର୍ଥ ରାଶି ସହିତ ଏକ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଛି। ରେଫରୀ ରାଜୁ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ପ୍ରସନ୍ନ କୁମାର ନାୟକ, ଜ୍ୟୋତିରଞ୍ଜନ ସ୍ୱାଇଁ, ଜଗନ୍ନାଥ ପରିଡା ଲାଇନରେ ସହାୟତା କରିଥିଲେ। ବିକ୍ରମ କୁମାର ଦାଶ,କୃଷ୍ଣଚନ୍ଦ୍ର ମହାପାତ୍ର,ଚିତ୍ତ ରଞ୍ଜନ ବରାଡ଼,କୃଷ୍ଣଚନ୍ଦ୍ର ତ୍ରିପାଠୀ,ରମେଶଚନ୍ଦ୍ର ବରାଡ଼,ଅଖିଳ କୁମାର ମହାପାତ୍ର ପ୍ରମୁଖ ଖେଳ ରେ ସହଯୋଗ କରିଥିଲେ। ସୋମବାର ଖେଳ ଡ଼ିଏମଏସଏଫସି କେପିଝାଡ଼ଖଣ୍ଡ ଏବଂ ଗଣ୍ଡରପୁର ଫୁଟବଲ କ୍ଲବ, ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆସୋସିଏସନର ସମ୍ପାଦକ ରବିନ୍ଦ୍ର କୁମାର ଚୌଧୁରୀ ଜଣାଇଛନ୍ତି ।

### ଆଜିଠୁ ମହିଳା କବାଡ଼ି ବିଶ୍ୱକପ୍

## ଟାଇଟଲ୍ ବଜାୟ ଲକ୍ଷ୍ୟରେ ଭାରତ

**ଢାକା, ୧୬।୧୧ (ଏଜେନ୍ସି):** ମହିଳା କବାଡ଼ି ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣ ସୋମବାରଠାରୁ ବାଂଲାଦେଶର ଢାକାରେ ଆରମ୍ଭ ହେବାକୁଯାଉଛି। ୧୩ ବର୍ଷର ବ୍ୟବଧାନ ପରେ ମହିଳା କବାଡ଼ି ବିଶ୍ୱକପ୍ ଖେଳାଯିବ। ୨୦୧୨ରେ ବିହାରରେ ଖେଳାଯାଇଥିବା ପ୍ରଥମ ସଂସ୍କରଣରେ ଭାରତୀୟ ମହିଳା ଦଳ ଇରାନକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଫଳରେ ଡିଫେଣ୍ଡିଂ ଚାମ୍ପିଅନ ଭାବେ ଭାରତ ଏଥର ବିଶ୍ୱକପ୍‌ରେ ପ୍ରବେଶ କରିଛି। ନଭେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଦ୍ୱିତୀୟ ସଂସ୍କରଣରେ ମୋଟ୍ ୧୧ଟି ଦଳ ଭାଗନେଇଛନ୍ତି। ଆୟୋଜକ ବାଂଲାଦେଶ ଓ ଭାରତ ସମେତ ଜର୍ମାନୀ, ଥାଇଲାଣ୍ଡ ଓ ଉଗାଣ୍ଡା ଗ୍ରୁପ୍-ଏ'ରେ ସ୍ଥାନ ପାଇଛନ୍ତି। ସେହିଭଳି ଗ୍ରୁପ୍-ବି'ରେ ଇରାନ, କେନିଆ, ନେପାଳ, ପୋଲାଣ୍ଡ, ଚାଇନିଜ ତାଇପେଇ ଓ ଯାଞ୍ଜିବର ରହିଛନ୍ତି। ଶେଷ ମୁହୂର୍ତ୍ତରେ ଆର୍ଜେଣ୍ଟିନା ଓହରିଯିବାରୁ ଗ୍ରୁପ୍-ଏ'ରେ ୫ଟି ଦଳ ସ୍ଥାନ ପାଇଛନ୍ତି। ପ୍ରତି ଗ୍ରୁପ୍‌ର ଦୁଇଟି ଲେଖାଏ ଶ୍ରେଷ୍ଠ ଦଳ ସେମିଫାଇନାଲକୁ ପ୍ରବେଶ କରିବେ।

### କୁଚ୍ ବିହାର ଟ୍ରଫି

## ଅର୍ପିତଙ୍କୁ ୩ ୱିକେଟ୍; ମହାରାଷ୍ଟ୍ର ୨୯୯/୫

**କଟକ, ୧୬।୧୧(ସମିସ):** ଘରୋଇ ମହାରାଷ୍ଟ୍ର ଓ ଓଡ଼ିଶା ମଧ୍ୟରେ ରବିବାରଠାରୁ ନାଗୋଥାନେର ରିଲାଏନ୍ସ କ୍ରିକେଟ ଗ୍ରାଉଣ୍ଡରେ କୁଚ୍ ବିହାର ଟ୍ରଫି (୧୯ ବର୍ଷରୁ କମ୍) ମ୍ୟାଚ୍ ଆରମ୍ଭ ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ସୁଯୋଗ ପାଇଥିବା ମହାରାଷ୍ଟ୍ର ଦଳ ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୫ ୱିକେଟ ବିନିମୟରେ ୨୯୯ ରନ ସଂଗ୍ରହ କରି ଦୃଢ଼ସ୍ଥିତିରେ ରହିଛି। ଦଳ ପକ୍ଷରୁ ଓପନର ଜାସନ ସିଂହ ସର୍ବାଧିକ ୧୦୨ ରନ କରିଥିଲେ। ସେହିଭଳି ୱିକେଟକିପର ସାଇ ପ୍ରଦେଶୀ ଏବଂ ଏସ୍ ଜଗତପ ଯଥାକ୍ରମେ ୪୫ ଏବଂ ୪୮ ରନ ସଂଗ୍ରହ କରି ଅପରାଜିତ ରହିଛନ୍ତି। ଓଡ଼ିଶା ପକ୍ଷରୁ ଅର୍ପିତ ମହାନ୍ତି ୩ଟି ଏବଂ ରାଜ ଯାଦବ ୨ଟି ୱିକେଟ ଦଖଲ କରିଛନ୍ତି। ପ୍ରଥମ ଦିବସରେ ଓଡ଼ିଶା ବୋଲର ୯୨ ଓଭର ବୋଲିଂ କରି ମାତ୍ର ୫ ୱିକେଟ୍ ନେଇ ନିରାଶ କରିଛନ୍ତି।



### ଏସିଆ କପ୍ ରାଇଜିଂ ଷ୍ଟାର୍

## ସୂର୍ଯ୍ୟବଂଶୀଙ୍କ ଦ୍ରୁତ ଇନିଂସ ବେକାର

**ଦୋହା, ୧୬।୧୧ (ଏଜେନ୍ସି):** ଏଠାରେ ଚାଲିଥିବା ଏସିଆ କପ୍ ରାଇଜିଂ ଷ୍ଟାର୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଭାରତ-ଏ ପ୍ରଥମ ପରାଜୟବରଣ କରିଛି। ରବିବାର ରାତିରେ ଖେଳାଯାଇଥିବା ଟୁର୍ଣ୍ଣାମେଣ୍ଟର ସବୁଠୁ ହାଇଭୋଲଟେଜ ମ୍ୟାଚରେ ଭାରତ-ଏ ୮ ୱିକେଟ୍‌ରେ ପାକିସ୍ତାନ-ଏ ନିକଟରୁ ପରାସ୍ତ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଭାରତ-ଏ ୧୯ ଓଭରାରେ ୧୩୬ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ଓପନର୍ ବୈଭବ ସୂର୍ଯ୍ୟବଂଶୀ ୨୮ ବଲରେ ୫ ଚୌକା ଓ ୩ ଛକା ସହ ସର୍ବାଧିକ ୪୫ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନମନ ଧୀର ୩୫, ହର୍ଷ ଦୁବେ ୧୯, ନେହାଲ ୱାଧେର ୮ ଓ ରମନଦୀପ୍ ସିଂହ ୧୧ ରନ କରିଥିଲେ। ପାକିସ୍ତାନର ଶାହିଦ ଅଜିଜ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ଜବାବରେ ପାକିସ୍ତାନ-ଏ ୧୩.୨ ଓଭରରେ ୨ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଓପନର୍ ମାଜ୍ ସାଦକତ୍ ୪୭ ବଲରେ ଅପରାଜିତ ୭୯ ରନ କରିଥିଲେ। ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ଭାରତ ପୂର୍ବରୁ ପ୍ରଥମ ମ୍ୟାଚରେ ୧୪୮ ରନରେ ୟୁଏଇ'କୁ ହରାଇଥିଲା। ଶେଷ ମ୍ୟାଚରେ ଭାରତ ମଙ୍ଗଳବାର ଓମାନକୁ ଭେଟିବ।

### ଟୋକିଓ ଡିଫ୍ ଅଲିମ୍ପିକ୍ସ

## ଟାଇଟଲ୍ ବଜାୟ ରଖିଲେ ଶୁଟର୍ ଶ୍ରୀକାନ୍ତ

**ଟୋକିଓ, ୧୬।୧୧ (ଏଜେନ୍ସି):** ଜାପାନର ରାଜଧାନୀ ଟୋକିଓରେ ଗତକାଲିଠାରୁ ଆରମ୍ଭ ହୋଇଥିବା ଡିଫ୍ (ବଧିର) ଅଲିମ୍ପିକ୍ସର ୨୫ତମ ସଂସ୍କରଣରେ ଭାରତୀୟ ସୁଟର୍ ଧନୁଶ ଶ୍ରୀକାନ୍ତ ଟାଇଟଲ୍ ବଜାୟ ରଖିବାରେ ସଫଳ ହୋଇଛନ୍ତି। ପୁରୁଷ ଏୟାର ରାଇଫଲ୍‌ରେ ଶ୍ରୀକାନ୍ତ ୨୫୨.୨ ସ୍କୋର ସହ ପୋଡିୟମର ଶୀର୍ଷ ସ୍ଥାନରେ ରହିଥିଲେ। ଶ୍ରୀକାନ୍ତ ୨୦୨୨ରେ ବ୍ରାଜିଲରେ ଅନୁଷ୍ଠିତ ଡିଫ୍ ଅଲିମ୍ପିକ୍ସର ଗତ ସଂସ୍କରଣରେ ମଧ୍ୟ ଏହି ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଅନ୍ୟତମ ଭାରତୀୟ ସୁଟର୍ ମହମ୍ମଦ ଭାନିଆ ୨୫୦.୧ ସ୍କୋର ସହ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଫଳରେ ଭାରତ ଏହି ଇଭେଣ୍ଟରୁ ୨ଟି ପଦକ ଜିତିବାରେ ସଫଳ ହୋଇଛି। ସେହିଭଳି ମହିଳା ଏୟାର ରାଇଫଲ୍ ଇଭେଣ୍ଟରେ ମଧ୍ୟ ଭାରତ ୨ଟି ପଦକ ଜିତିଛି। ମହିତ ସାନ୍ଧୁ ଓ କୋମଳ ୱାଗମାରେ ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଛନ୍ତି।



## ରାଜ୍ୟ ଓପନ ଚେସ୍ ଜିତିଲେ ତନ୍ମୟ

**ଭୁବନେଶ୍ୱର, ୧୬।୧୧(ସମିସ):** ଓଡ଼ିଶା ରାଜ୍ୟ ଚେସ ସଂଘ ପକ୍ଷରୁ ଆଉ ଏକ ପ୍ରୋତ୍ସାହନମୂଳକ ଚେସ୍ ପ୍ରତିଯୋଗିତା 'ନିର୍ମଳ କୁମାର ପଟ୍ଟନାୟକ ସ୍ମାରକୀ ରାଜ୍ୟ ଓପନ ଚେସ୍ ଚାମ୍ପିଅନସିପ୍' ରବିବାର ଅନୁଷ୍ଠିତ ହୋଇଯାଇଛି। କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଆୟୋଜିତ ଏହି ପ୍ରତିଯୋଗିତାରେ ଭୁବନେଶ୍ୱରର ତନ୍ମୟ ତ୍ରିପାଠୀ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିଅନ ହୋଇଛନ୍ତି। ତାଙ୍କ ପଛକୁ ପାରାଦୀପର ଜ୍ଞାନରଞ୍ଜନ ସେଠୀଙ୍କୁ ରନର୍ସଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। କଟକର ନିରେକ ପରିଡ଼ା, ପ୍ରତ୍ୟୁଷ ମହାପାତ୍ର, ବାଲେଶ୍ୱରର ଶୁଭେନ୍ଦୁ କୁମାର ପାତ୍ର, ଭୁବନେଶ୍ୱରର ସତ୍ୟମାଧବ ଶତପଥୀ, ପୁରୀର କ୍ରିତୀଶ କୁମାର ଓ ଗଜପତିର ମନୀନ୍ଦ୍ର କାର୍ଜୀ ଯଥାକ୍ରମେ ତୃତୀୟରୁ ୮ମ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲାବେଳେ ରୟାଲ ପବ୍ଲିକ୍ ସ୍କୁଲର ପ୍ରଜ୍ଞା ସାହୁ, ସଞ୍ଜୀବ ପଟ୍ଟନାୟକ, ସ୍ମିତା ଭୋଳ ପ୍ରମୁଖ ପୁରସ୍କାର ବିତରଣ ଉତ୍ସବରେ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ।





## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟ ଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମାନସିକ ଚିନ୍ତା ଦୂର ହେବ। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମ ଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଚକ୍ଷୁ ସମସ୍ୟା ଦେଖା ଦେବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ଧନୁ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

## ଆଜିର ଇତିହାସ

- ୧୮୩୧- ଇକ୍ୱାଡୋର ଓ ଭେନେଜୁଏଲା ଗ୍ରେଟର୍ କଲମ୍ବିଆଠାରୁ ଅଲଗା ହେଲେ।
- ୧୯୨୮ -ସ୍ୱାଧୀନତା ସଂଗ୍ରାମୀ ଲାଲା ଲଜପତ୍ ରାୟଙ୍କ ବିୟୋଗ।
- ୧୯୬୬- ରୀତା ଫାରିଆ ବିଶ୍ୱ ସୁନ୍ଦରୀ ହେଲେ।
- ୧୯୯୯ -ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳନ ପାଇଁ ୟୁନେସ୍କୋ ଅନୁମତି ଦେଲା।



# ଆସିପାରେ 'କୁଛ କୁଛ ହୋତା ହୈ'ର ସିକ୍ୱେଲ

## କରନ୍ ଦେଲେ ଇସାରା

ବଲିଉଡ୍‌ର କିଙ୍ଗ୍‌ଖାନ୍ ଶାହାରୁଖ୍, କାଜଲ ଓ ରାନୀ ମୁଖାର୍ଜୀଙ୍କ ଅଭିନୀତ 'କୁଛ କୁଛ ହୋତା ହୈ'(୧୯୯୮) ଫିଲ୍ମ ବଲିଉଡର ଏକ ଆଇକନିକ୍ ଫିଲ୍ମ ଭାବେ ଜଣାଯାଏ। ଏହି ଫିଲ୍ମ ଆଜିବି ଦର୍ଶକଙ୍କ ହୃଦୟରେ ରାଜ୍ କରୁଛି। ଫିଲ୍ମଟି ପ୍ରେମ ଏବଂ ବନ୍ଧୁତା ଉପରେ ପର୍ଯ୍ୟବେସିତ ଥିଲା। ଏହା ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। କରନ୍ ଜୋହର୍‌ଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ପୁଣି ଥରେ ଚର୍ଚ୍ଚାକୁ ଆସିଛି। ନିକଟରେ କରନ୍ ଏକ ସାକ୍ଷାତକାରରେ 'କୁଛ କୁଛ ହୋତା ହୈ ୨' ବିଷୟରେ କହିବା ସହ ଏଥିରେ କେଉଁ କଳାକାରମାନେ ଅଭିନୟ କରିବେ ସେବିଷୟରେ ମଧ୍ୟ କହିଥିଲେ। କରନ୍ କହିଥିଲେ ଯେ, ଯଦି 'କୁଛ କୁଛ ହୋତା ହୈ'ର ସିକ୍ୱେଲ ସେ ଆଣୁଛନ୍ତି ତେବେ ଏଥିରେ ରଣବୀର ସିଂହ, ଆଲିଆ ଭଟ୍ଟ, ଅନନ୍ୟା ପାଣ୍ଡେଙ୍କୁ ନେବେ। ଆଲିଆ ମଡର୍ଣ୍ଣ ଅଞ୍ଜଳି, ରଣବୀର ରାହୁଲ ଓ ଅନନ୍ୟା ଟିନା ହେବେ। ଟିନା ପାଇଁ ଜାହ୍ନବୀ କପୁର ଓ ସାରା ଅଲ୍ଲୀ ଖାନ୍‌ଙ୍କୁ ମଧ୍ୟ ସେ ବିକଳ୍ପ ଭାବେ ରଖିଥିବା କହିଛନ୍ତି। କରନ୍‌ଙ୍କ ଏହି ବୟାନ ପରେ ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇ ଯାଇଛି। ଏହି ଫିଲ୍ମକୁ ପସନ୍ଦ କରୁଥିବା ଅନେକ ୟୁଜର୍ସ ଏଭଳି ଏକ ଆଇକନିକ୍ ଫିଲ୍ମର ସିକ୍ୱେଲ ଆଣନ୍ତୁ ନାହିଁ ବୋଲି କରନ୍‌ଙ୍କୁ କହିଛନ୍ତି। ଏଯାବତ୍ କରନ୍ ଏହାକୁ ନିର୍ମାଣ କରିବେ କି ନାହିଁ ତାହା ସ୍ପଷ୍ଟ ଭାବେ କିଛି କହିନାହାନ୍ତି।

# ହତ୍ୟାକାରୀକୁ ଧରିବା ପାଇଁ ୨୬ ବର୍ଷ ଦେଲେ ଘରଭଡ଼ା

ପତିପତ୍ନୀଙ୍କ ମଧ୍ୟରୁ କାହାରି ଜଣକର ମୃତ୍ୟୁ ହୋଇଗଲେ ଆର ଜଣକ ବଞ୍ଚିବା ବେଶ୍ କଷ୍ଟଦାୟକ ହୋଇଥାଏ। ଏହି କ୍ରମରେ ଜାପାନରୁ ଏକ ଚକିତ କଲା ଭଳି ଘଟଣା ସାମ୍ନାକୁ ଆସିଛି। ଜଣେ ବ୍ୟକ୍ତି ୨୬ ବର୍ଷ ଧରି ଏକ ଫ୍ଲାଟ୍‌ର ଭଡ଼ା ଦେଇ ଆସୁଥଲେ ଯେଉଁଠାରେ ତାଙ୍କ ପତ୍ନୀଙ୍କୁ ହତ୍ୟା କରାଯାଇଥିଲା। ପତ୍ନୀର ହତ୍ୟାକାରୀଙ୍କୁ ଧରିବା ପାଇଁ କୌଣସି ତଥ୍ୟ ମିଳିଯାଉ ବୋଲି ଆଶା କରି ସେ ଏପରି କରି ଆସୁଥିଲେ। ୧୩ ନଭେମ୍ବର, ୧୯୯୯ ମସିହାରେ ନାମିକୋ ତାକାବାଙ୍କୁ ତାଙ୍କ ଫ୍ଲାଟ୍‌ରେ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ହତ୍ୟାକାରୀ ତାଙ୍କ ବେକରେ ବାରମ୍ବାର ଛୁରୀ ଭୁଷିଥିଲା। ଏହି ସମୟରେ ତାଙ୍କ ସାନ ପୁଅ ପାଖରେ ଶୋଇଥିଲେ ମଧ୍ୟ ତାର କୌଣସି କ୍ଷତି ହୋଇ ନ ଥିଲା। ଏନେଇ ପୁଲିସ ୫ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ପଚରାଉଚରା କରିବା ପରେ ବି ହତ୍ୟାକାରୀର ସନ୍ଧାନ ମିଳି ନ ଥିଲା। ତେବେ ସାତୋରୁ ତାକାବା(ନାମିକୋଙ୍କ ସ୍ୱାମୀ) ଅପରାଧ ସ୍ଥଳରେ ଲାଗିଥିବା ରକ୍ତଛିଟାକୁ ସଫା କରିବା ତଥା ସେହି ଫ୍ଲାଟ୍‌ରୁ ତାଙ୍କର ଆସବାବପତ୍ରକୁ ହଟାଇବାକୁ ସିଧାସିଧା ମନା କରିଥିଲେ। ସେ ନିଜ ଝିଅକୁ ଧରି ଅନ୍ୟ ଏକ ସ୍ଥାନରେ ରହିଲେ। ସେ ଦ୍ୱିତୀୟ ବିବାହ କରି ନ ଥିଲେ। ସ୍ତ୍ରୀର ହତ୍ୟାକାରୀକୁ ଧରିବା ପାଇଁ ୨୬ ବର୍ଷ ଧରି ଫ୍ଲାଟ୍‌ର ଭଡ଼ା ବାବଦରେ ୧.୨ କୋଟି ଟଙ୍କା ଦେଇଥିଲେ। ସେ ଲଗାତାର ଗଣମାଧ୍ୟମରେ ସାକ୍ଷାତକାର ଦେଇ ତାଙ୍କ ସ୍ତ୍ରୀଙ୍କ ହତ୍ୟାକାରୀଙ୍କୁ ଧରିବା ପାଇଁ କହୁଥିଲେ। ଶେଷରେ ଏହି ଘଟଣାର ୨୬ ବର୍ଷ ପରେ ଚଳିତ ବର୍ଷ ଅକ୍ଟୋବର ମାସରେ ହତ୍ୟାକାରୀ ଚିହ୍ନଟ ହୋଇଥିଲେ। ହତ୍ୟାକାରୀ ନାଁ ହେଉଛି କୁମିକୋ ୟାସୁଫୁକୁ। ସେ ସାତୋରୁଙ୍କର ସ୍କୁଲ ସାଙ୍ଗ ଥିଲେ। କୁମିକୋ ସାତୋରୁଙ୍କୁ ଏକତରଫା ପ୍ରେମ କରୁଥିଲେ। ସାତୋରୁଙ୍କୁ କିନ୍ତୁ କୁମିକୋଙ୍କ ପ୍ରେମକୁ ପ୍ରତ୍ୟାଖ୍ୟାନ କରିଥିଲେ। ୩୦ ଅକ୍ଟୋବର, ୨୦୨୫ରେ କୁମିକୋ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଥିଲେ। ତେବେ ଅପରାଧ ସ୍ଥଳକୁ ମିଳିଥିବା ରକ୍ତନମୁନା ତାଙ୍କ ସହିତ ମ୍ୟାଚ୍ ହୋଇଥିଲା। ତେବେ ସାତୋରୁ ହତ୍ୟାକାରୀଙ୍କ ସମ୍ପର୍କରେ ଶୁଣିବା ପରେ ସ୍ତବ୍ଧ ହୋଇ ଯାଇଥିଲେ। ସାତୋରୁ କହିଛନ୍ତି ଯେ, 'ସେ ଯେଉଁ ଘର ପାଇଁ ଏତେ ଦିନରୁ ଭଡ଼ା ଦେଇ ଆସୁଥିଲେ କୁମିକୋ ତାରି ଆଖପାଖରେ ଦୀର୍ଘ ବର୍ଷ ଧରି ରହି ଆସୁଥିଲେ।' ଦୀର୍ଘ ୨୬ବର୍ଷ ଧରି ସେ ନ ରହି ମଧ୍ୟ ଯେଉଁ ଫ୍ଲାଟ୍ ପାଇଁ ଭଡ଼ା ଦେଇ ଆସୁଥିଲେ, ଉକ୍ତ ନିଷ୍ପତ୍ତି ଠିକ୍ ଥିଲା ବୋଲି ସାତୋରୁ କହିଛନ୍ତି।



# କର୍ମଚାରୀଙ୍କୁ ସୁନା କି-କ୍ୟାପ୍ ଉପହାର



ଅନେକ କମ୍ପାନି କର୍ମଚାରୀଙ୍କୁ ଉତ୍ସାହିତ କରିବା ପାଇଁ ବୋନ୍‌ସ, ଉପହାର ଆଦି ଦିଅନ୍ତି। ଏହି କ୍ରମରେ ଚୀନ୍‌ର ଏକ କମ୍ପାନି ଉପହାରରେ କର୍ମଚାରୀଙ୍କୁ ସୁନା କି ବୋର୍ଡ କ୍ୟାପ୍ ଦେଇ ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି। ଚୀନ୍ ଶେନ୍‌ଝେନ୍‌ରେ ଥିବା ଇନ୍‌ଷ୍ଟା ୩୬୦ ନାମକ କମ୍ପାନି କର୍ମଚାରୀଙ୍କୁ ଦୀର୍ଘ ଚାରିବର୍ଷ ଧରି ସୁନା କିବୋର୍ଡ କ୍ୟାପ୍ ଦେଇ ଆସୁଛି। କମ୍ପାନି ପକ୍ଷରୁ ଏହାର ନାମ 'ଗୋଲଡେନ୍ ବୋନସ୍' ନାମ ଦିଆଯାଇଛି। ନିକଟରେ ଏହି କମ୍ପାନି ଚୀନ୍ ପ୍ରୋଗାମର ଡେ ( ୨୪ ଅକ୍ଟୋବରରେ) ଅବସରରେ ୨୧ ଜଣ କର୍ମଚାରୀଙ୍କୁ ସୁନାର କି କ୍ୟାପ୍ ଉପହାରରେ ଦେଇଥିଲା। ଏହି କି କ୍ୟାପ୍‌ଗୁଡ଼ିକ ମଧ୍ୟରେ ସ୍ପେଶ୍ ବାର୍ ମଧ୍ୟ ଥିଲା। ଏହାର ମୂଲ୍ୟ ପାଖାପାଖି ୪୫ ଲକ୍ଷ ଟଙ୍କା ହେବ। ଏଯାବତ୍ କମ୍ପାନି ପକ୍ଷରୁ କର୍ମଚାରୀଙ୍କୁ ସମୁଦାୟ ୫୫ଟି ସୁନାର କି କ୍ୟାପ୍ ପ୍ରଦାନ କରାଯାଇଛି। ସୁନାର ଏହି କି କ୍ୟାପ୍‌ଗୁଡ଼ିକ କେବଳ ବୋନସ୍ ନୁହେଁ ଏହା କର୍ମଚାରୀଙ୍କ ପରିଶ୍ରମ ଓ ନିଷ୍ଠାର ପ୍ରତୀକ ବୋଲି ଇନ୍‌ଷ୍ଟା ୩୬୦ ପକ୍ଷରୁ କୁହାଯାଇଛି। ସୁନା ଦେଉଥିବାରୁ ଏହି କମ୍ପାନିକୁ ଚୀନ୍‌ରେ 'ଗୋଲଡ୍ ଫ୍ୟାକ୍ଟ୍ରି' ବୋଲି କୁହାଯାଏ। ସେହିପରି ଇନ୍‌ଷ୍ଟା ୩୬୦ ଏହାର ୧୦ ବର୍ଷ ପୂର୍ତ୍ତି ଅବସରରେ କର୍ମଚାରୀ ଓ ଇଣ୍ଟର୍ଣ୍ଣଙ୍କୁ ଉପହାର ସ୍ୱରୂପ ଗୋଲଡ୍ ବ୍ଲାଇଣ୍ଡ ବାକ୍ସ ଦେଇଥିଲା। ଏଥିରେ ୦. ୩୬ ଗ୍ରାମ୍‌ର ଶୁଦ୍ଧ ସୁନାର ଷ୍ଟିକର୍ ଥିଲା। ଏହି କମ୍ପାନି କର୍ମଚାରୀଙ୍କୁ କେବଳ ବୋନ୍‌ସ ନୁହେଁ, ସେମାନଙ୍କ ବ୍ୟକ୍ତିଗତ ଖୁସିକୁ ମଧ୍ୟ ପ୍ରାଧାନ୍ୟ ଦେଇଥାଏ। ବିଶେଷ ଅବସରରେ ସୁନା ଉପହାର ଦେଇଥାଏ। କୌଣସି କର୍ମଚାରୀଙ୍କ ବିବାହ କିମ୍ବା ପିଲା ଜନ୍ମ ହେଲେ କମ୍ପାନି ପକ୍ଷରୁ ଏକ ଗ୍ରାମ୍ ଓଜନର ସୁନା ମୁଦ୍ରା ପ୍ରଦାନ କରାଯାଏ।


# ତୁଳସୀ ଜଟାର ମହତ୍ତ୍ୱ



**ହିନ୍ଦୁ ଧର୍ମରେ ତୁଳସୀକୁ ସବୁଠୁ ପବିତ୍ର ବୃକ୍ଷ ବୋଲି କୁହାଯାଇଛି। ତୁଳସୀ କେବଳ ଭଗବାନ ବିଷ୍ଣୁଙ୍କ ପ୍ରିୟ ନୁହେଁ, ଏହା ଘରର ସକାରାତ୍ମକ ଶକ୍ତି ସଞ୍ଚାର କରିବା ସହିତ ସମୃଦ୍ଧିର ପ୍ରତୀକ ଭାବେ ବିବେଚନା କରାଯାଏ। ଯେମିତି ତୁଳସୀ ପତ୍ରର ମହତ୍ତ୍ୱ ଅଛି, ଠିକ୍‌ସେମିତି ତୁଳସୀ ଫୁଲ ବି ମଙ୍ଗଳକାରୀ। କୁହାଯାଏ ତୁଳସୀ ଗଛରେ ତୁଳସୀ ଫୁଲ ମା' ଲକ୍ଷ୍ମୀଙ୍କ ଆଗମନର ସଙ୍କେତ ଦେଇଥାଏ।**

ଧାର୍ମିକ ଗ୍ରନ୍ଥରେ କୁହାଯାଇଛି, ଭଗବାନ ବିଷ୍ଣୁଙ୍କ ପୂଜା ତୁଳସୀ ବିନା ଅଧୁରା। ତେଣୁ ତୁଳସୀରେ ଫୁଲ ଆସିଲେ ଏହାକୁ ଶ୍ରୀହରିଙ୍କ ଭୋଗ ସହିତ ଅର୍ପଣ କରନ୍ତୁ। ଏଭଳି କରିବା ଦ୍ୱାରା ଭଗବାନ ବିଷ୍ଣୁ ଅତ୍ୟନ୍ତ ପ୍ରସନ୍ନ ହୋଇଥାନ୍ତି ଏବଂ ପୁଣ୍ୟ ପ୍ରାପ୍ତି ହୁଏ। ଏହା ଜୀବନରୁ ନକାରାତ୍ମକତାକୁ ଦୂରେଇ ସୌଭାଗ୍ୟ ଆଣେ। ସେହିପରି ଆର୍ଥିକ ସମସ୍ୟା ଦେଇ ଗତି କରୁଥିଲେ, ଶୁକ୍ରବାର ମା' ଲକ୍ଷ୍ମୀଙ୍କୁ ତୁଳସୀ ଫୁଲ ଅର୍ପଣ କରିବା ଉଚିତ। ଏଭଳି କରିବା ଦ୍ୱାରା ଦେବୀ ଲକ୍ଷ୍ମୀ ଶୀଘ୍ର ପ୍ରସନ୍ନ ହୋଇଥାନ୍ତି। ଏହି ଉପାୟ ଅର୍ଥ ସମସ୍ୟା ଦୂର କରେ।

ସେହିପରି ଘରେ ଲଗାତାର କଳି, ଝଗଡ଼ା, ଚିନ୍ତା ଓ ନକାରାତ୍ମକ ପରିବେଶ ବଜାୟ ରହିଲେ, ତୁଳସୀ ଫୁଲକୁ ବ୍ୟବହାର କରିବା ଭଲ। ଏକ ପାତ୍ରରେ ଗଙ୍ଗାଜଳ ନେଇ ତାହାକୁ ତୁଳସୀ ଫୁଲରେ ଘରେ ସିଞ୍ଚନ କରିବା ଦ୍ୱାରା ଘର ପରିବେଶ ଶୁଦ୍ଧ ଓ ଶାନ୍ତିପୂର୍ଣ୍ଣ ହୋଇଥାଏ। ଉଭୟ ତୁଳସୀ ଓ ଗଙ୍ଗାଜଳ ପବିତ୍ରତାର ପ୍ରତୀକ ହୋଇଥିବାରୁ ଏହାର ମିଶ୍ରଣ ଶୁଭଫଳ ପ୍ରଦାନ କରେ।



# ପୂଜା ଫୁଲ ଧୋଇ ଚଢ଼ାଉ ଥିଲେ

ଫୁଲ ବିନା ଦେବୀ ଦେବତା ଏବଂ ଧାର୍ମିକ ଅନୁଷ୍ଠାନ ଅଧୁରା ବୋଲି କୁହାଯାଏ। ଶାସ୍ତ୍ରରେ ପୂଜା ଫୁଲର ଅନେକ ନିୟମ ରହିଛି। ସେହିପରି ଭଗବାନଙ୍କ ପାଖେ ଲାଗି ହେଉଥିବା ଫୁଲର ମହତ୍ତ୍ୱ ବେଶି। ତେବେ ଏହି ଫୁଲକୁ ଭଗବାନଙ୍କୁ ଲାଗି କରିବା ପୂର୍ବରୁ ଏହାକୁ ଅନେକ ଧୋଇ ଚଢ଼ାଇ ଥାନ୍ତି। ହେଲେ ଏଭଳି କରିବା ଠିକ୍ କି ଭୁଲ୍ ସେ ସମ୍ପର୍କରେ ଅନେକ ଜାଣନ୍ତି ନାହିଁ।

ଧ୍ୟାନ ଦେବା ଦରକାର ଯେ, ଭଗବାନଙ୍କୁ କୌଣସି ଜିନିଷ ଲାଗି କରିବା ବେଳେ ତାହା ତାଜା ଥିବା ଦରକାର। ତେଣୁ ଭଗବାନଙ୍କୁ ଚଢ଼ାଯାଉଥିବା ଫୁଲ ବାସି ହେବା ଅନୁଚିତ। ଫୁଲରେ ଜଳ ସ୍ପର୍ଶ ହେବା ଯୋଗୁଁ ତାହା ଜଳ ଦେବତାଙ୍କୁ ଅର୍ପିତ ବୋଲି ବିବେଚନା କରାଯାଏ। ତେଣୁ ଫୁଲକୁ ଧୋଇ ଠାକୁରଙ୍କୁ ଲାଗି କରିବା ଠିକ୍ ନୁହେଁ। ଫୁଲକୁ ଧୋଇ ଚଢ଼ାଇବା ଦ୍ୱାରା ଏହାର ପବିତ୍ରତା ନଷ୍ଟ ହୁଏ। ତା'ସହ ଭଗବାନଙ୍କ ପାଖେ ଅର୍ପଣ ହେଉଥିବା ଫୁଲକୁ ଧୋଇବା ଠିକ୍ ନୁହେଁ। ନିୟମ ଅନୁସାରେ, ସ୍ନାନ ପରେ ଫୁଲ ତୋଳିବା ଉଚିତ। ସେହିପରି ବଜାରରୁ ଆଣୁଥିବା ଫୁଲକୁ ମଧ୍ୟ ନ ଧୋଇ ପୂଜା ଥାଳିରେ ସିଧା ରଖିବା ଉଚିତ। ହିନ୍ଦୁ ମାନ୍ୟତାନୁସାରେ, ଭଗବାନଙ୍କୁ ବାସି, ପୋକ ଲଗା ଭୁଲ, ଛିଣ୍ଡା ଫୁଲ, ତଳେ ପଡ଼ିଥିବା ଫୁଲ ଲାଗି କରିବା ଅନୁଚିତ। ସେହିପରି ଠାକୁରଙ୍କ ପାଖରେ ଲାଗି ହୋଇଥିବା ଫୁଲକୁ ଅନ୍ୟ ଠାକୁରଙ୍କୁ ଲାଗି କରିବା ଅନୁଚିତ।





# ମା' ଲକ୍ଷ୍ମୀଙ୍କ ପ୍ରିୟ ଭୋଗ

**ମା'ଲକ୍ଷ୍ମୀଙ୍କ ପୂଜାରେ ଭୋଗର ବିଶେଷ ମହତ୍ତ୍ୱ ରହିଛି। କୁହାଯାଏ ଠିକ୍ ଓ ପବିତ୍ର ଭୋଗ ସାମଗ୍ରୀ ଦ୍ୱାରା ମା' ଲକ୍ଷ୍ମୀଙ୍କ ଆରାଧନା କରିବା ଦ୍ୱାରା ତାଙ୍କ କୃପା ପ୍ରାପ୍ତି ହୁଏ। ତେଣୁ ମା'ଲକ୍ଷ୍ମୀଙ୍କୁ ପ୍ରସନ୍ନ କରିବା ପାଇଁ ଭୋଗ ଉପରେ ବିଶେଷ ଗୁରୁତ୍ୱ ଦେବା ଉଚିତ।**



- କ୍ଷୀର, ଚାଉଳ ଏବଂ ଗୁଡ଼ରେ ପ୍ରସ୍ତୁତ କ୍ଷୀରି ଭୋଗ ମା' ଲକ୍ଷ୍ମୀଙ୍କୁ ଅର୍ପଣ କରିବା ଶୁଭ। କ୍ଷୀରି ଭୋଗ ଲାଗି କରିବା ଦ୍ୱାରା ଘରେ ଧନ, ସୁଖ ଓ ସମୃଦ୍ଧି ବଜାୟ ରହେ।
- ଲଡ୍ଡୁକୁ ସୌଭାଗ୍ୟର ପ୍ରତୀକ ବୋଲି କୁହାଯାଏ। ବେସନ କିମ୍ବା ବୁନ୍ଦିରେ ତିଆରି ଲଡ୍ଡୁ ମା' ଲକ୍ଷ୍ମୀଙ୍କୁ ଲାଗି କରିବା ଦ୍ୱାରା ପାରିବାରିକ ସମୃଦ୍ଧି ଓ ପ୍ରେମ ଭାବ ବୃଦ୍ଧି ପାଏ।
- ସୁଜି, ଦେଶୀ ଘିଅ ଓ ଗୁଡ଼ରେ ପ୍ରସ୍ତୁତ ହାଲୁଆ ମା' ଲକ୍ଷ୍ମୀଙ୍କ ଅତ୍ୟନ୍ତ ପ୍ରିୟ। ଏହାକୁ ଭୋଗ ଭାବେ ଅର୍ପଣ କଲେ ଘରେ ସକାରାତ୍ମକ ଶକ୍ତି ସଞ୍ଚାର ହୁଏ।
- କଦଳୀ, ସେଓ, ଡାଳିମ୍ବ ଭଳି ଅନ୍ୟ ଫଳ ଲକ୍ଷ୍ମୀ ମା'ଙ୍କୁ ଅର୍ପଣ କଲେ ଜୀବନରେ ସ୍ଥିରତା ଆସେ। ମା' ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି।
- ନଡ଼ିଆ ବା ଶ୍ରୀଫଳକୁ ପୂର୍ଣ୍ଣତାର ପ୍ରତୀକ ବୋଲି ବିବେଚନା କରାଯାଏ। ଏହାକୁ ଅର୍ପଣ କଲେ ଆଧ୍ୟାତ୍ମିକ ଉନ୍ନତି ହୋଇଥାଏ। ମା' ଲକ୍ଷ୍ମୀଙ୍କୁ ଏହା ପ୍ରଦାନ କଲେ ଭୌତିକ ସୁଖ, ସାଧନର ବିକାଶ ଘଟେ।



# ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ଅର୍ପଣର ନିୟମ

**ସୂର୍ଯ୍ୟଦେବଙ୍କୁ ପ୍ରସନ୍ନ କରିବା ପାଇଁ ସୂର୍ଯ୍ୟୋଦୟ ପୂର୍ବରୁ ଜଳ ଅର୍ଘ୍ୟ ଅର୍ପଣ କରିବା ଉଚିତ। ଏହି ଅର୍ଘ୍ୟ ଅର୍ପଣର ନିୟମ ବି ଅଛି।**

- ପ୍ରଥମେ ସ୍ନାନ ସାରି ପରିଷ୍କାର ବସ୍ତ୍ର ପରିଧାନ କରନ୍ତୁ।
- ସୂର୍ଯ୍ୟୋଦୟ ସମୟରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରନ୍ତୁ।
- ତା'ସହ ଅର୍ଘ୍ୟ ଅର୍ପଣର ସମୟ ନିର୍ଦ୍ଧାରିତ କରି ସେହି ସମୟରେ ସବୁଦିନ ଅର୍ଘ୍ୟ ଦେବା ଉଚିତ।
- ତମ୍ବା ଢ଼ାଳରେ ଅର୍ଘ୍ୟ ଅର୍ପଣ କରିବା ଉଚିତ।
- ଅର୍ଘ୍ୟ ଜଳରେ ନାଲି ଫୁଲ, ଚନ୍ଦନ ଓ ଅକ୍ଷତ ପକାନ୍ତୁ। ସେହି ଜଳକୁ ଅର୍ଘ୍ୟ ଭାବେ ଅର୍ପଣ କରନ୍ତୁ।
- ଅର୍ଘ୍ୟ ଦେବାବେଳେ ଜଳଧାରରେ ସୂର୍ଯ୍ୟଙ୍କ ଦର୍ଶନ କରିବା ଶୁଭ।
- ଏହି ଅର୍ଘ୍ୟ ସମୟରେ ସୂର୍ଯ୍ୟଙ୍କ କିରଣ ଦେଖିବା ଉତ୍ତମ।
- ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିବା ବେଳେ ସୂର୍ଯ୍ୟ ମନ୍ତ୍ର ଜପ କରିବା ଉଚିତ।
- ଅର୍ଘ୍ୟ ଅର୍ପଣ ସମୟରେ ନିଜ ମୁଖକୁ ପୂର୍ବ ଦିଗରେ ରଖନ୍ତୁ।

ଇଡେନ୍ ସ୍ପିନ୍ ପିଚ୍ ହେଲା ବୁମେରାଂ | ହାର୍ମର ଶ୍ରେଷ୍ଠ ଖେଳାଳି | ୨୨ରୁ ଦ୍ୱିତୀୟ ଟେଷ୍ଟ

# ଅଢ଼େଇ ଦିନରେ ହାରିଲା ଭାରତ

କୋଲକାତା,୧୬।୧୧(ଏଜେନ୍ସି)

ଅଢ଼େଇ ଦିନରେ ଇଡେନ୍ ଟେଷ୍ଟ ଲଢ଼େଇ ଶେଷ। ଅଧିନାୟକ ଶୁବମନ ଗିଲ୍‌ଙ୍କ ଅନୁପସ୍ଥିତିରେ ଇଡେନ୍‌ର ସ୍ପିନ୍ ପିଚ୍‌ରେ ଦକ୍ଷିଣ ଆଫ୍ରିକା ବୋଲରଙ୍କୁ ଉଚିତ ମୁକାବିଲା କରିପାରିଲାନି ଭାରତ। ଯାହା ଫଳରେ ଏଠାରେ ରବିବାରର ଶେଷ ହୋଇଥିବା ପ୍ରଥମ ଟେଷ୍ଟର ତୃତୀୟ ଦିନ ଟି' ପୂର୍ବରୁ ଭାରତ ୩୦ ରନ୍‌ରେ ଦକ୍ଷିଣ ଆଫ୍ରିକା ନିକଟରୁ ପରାଜିତ ହୋଇଛି। ଭ୍ରମଣକାରୀ ଦଳ ପ୍ରଦତ୍ତ ୧୨୪ ରନ୍‌ର ଟାର୍ଗେଟ୍‌କୁ ହାସଲ କରିବାରେ ସମର୍ଥ ହେଲାନି ଭାରତ। ଦଳ ୩୫ ଓଭରରେ ୯ ୱିକେଟ ହରାଇ ୯୩ ରନ୍ କରିଅଲଆଉଟ ହୋଇଥିଲା। ଆହତ ଯୋଗୁଁ ପ୍ରଥମ ଇନିଂସରେ ୩ଟି ବଲ୍‌ରୁ ୪ ରନ୍ କରିଥିବା ଗିଲ୍ ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରିବାକୁ ଆସି ନ ଥିଲେ। ଦକ୍ଷିଣ ଆଫ୍ରିକାର ଏହି ଐତିହାସିକ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ୩୭ ବର୍ଷୀୟ ଅଫ୍‌ସ୍ପିନର ସାଇମନ ହାର୍ମର ଉଭୟ ଇନିଂସରେ ୪ଟି ଲେଖାଏଁ ୱିକେଟ ନେଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟରେ ସିରିଜ୍‌ରେ ୧-୦ରେ ଆଗୁଆ ରହିଥିବା ଦକ୍ଷିଣ ଆଫ୍ରିକା ଆସାମର ଗୁଆହାଟୀରେ ଭାରତ ସହ ଦ୍ୱିତୀୟ ଟେଷ୍ଟ ନଭେମ୍ବର ୨୨ରୁ ଖେଳିବ। ଭାରତରେ ଦୀର୍ଘ ୧୫ ବର୍ଷ ପରେ ଦକ୍ଷିଣ ଆଫ୍ରିକା ଟେଷ୍ଟ ଜିତିବାରେ ସମର୍ଥ ହୋଇଛି। ତାହା ପୁଣି ସ୍ପିନ୍ ବୋଲରଙ୍କ ସଫଳତା ବଳରେ। ଭାରତ ଉଭୟ ଇନିଂସରେ ହରାଇଥିବା ୧୮ଟି ୱିକେଟ ମଧ୍ୟରୁ ଦକ୍ଷିଣ ଆଫ୍ରିକୀୟ ସ୍ପିନରମାନେ ୧୨ଟି ୱିକେଟ ନେଇଥିଲେ।



## ୨୦୬ ଓଭର, ୫୧୭ ରନ୍, ୩୮ ୱିକେଟ୍

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ଅଢ଼େଇଦିନରେ ଶେଷ ହୋଇଛି। ଆଲୋକ ଅଭାବରୁ ଖେଳ ବ୍ୟାହତ ହୋଇ ନ ଥିଲେ ଆହୁରି ଆଗରୁ ଶେଷ ହୋଇଥାନ୍ତା। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକା ୫୫ ଓଭରରେ ୧୫୯ ରନ୍ କରିଥିଲା। ଜବାବରେ ଗିଲ୍ ୪ ରନ୍‌ରେ ମ୍ୟାଚ୍ ଛାଡ଼ିବା ପରେ ଭାରତ ୬୬.୨ ଓଭରରେ ୧୮୯ ରନ୍ କରିଥିଲା। ୩୦ ରନ୍‌ରେ ପଛୁଆ ଥିବା ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସରେ ୫୪ଓଭରରେ ୧୫୩ ରନ୍ କରିଥିଲା। ଏହା ଫଳରେ ଭାରତକୁ ଏହି ମ୍ୟାଚ୍ ଜିତିବାକୁ ୧୨୪ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଭାରତ ଦ୍ୱିତୀୟ ଇନିଂସରେ ମାତ୍ର ୩୫ ଓଭର ଖେଳି ୯୩ ରନ୍‌ରେ ଆଉଟ ହୋଇଥିଲା। ଆହତ ଯୋଗୁ ଗିଲ୍ ବ୍ୟାଟିଂ କରିବାକୁ ଆସି ନ ଥିଲେ। ଏହା ଫଳରେ ଏହି ମ୍ୟାଚ୍‌ରେ ମୋଟ ୨୦୬.୨ ଓଭର ଖେଳ ସମ୍ଭବ ହୋଇଥିଲା। ଏଥିରେ ଉଭୟ ଦଳ ମିଳିତଭାବେ ୫୧୭ ରନ୍ କରିଥିଲାବେଳେ ୩୮ ଟି ୱିକେଟର ପତନ ଘଟିଥିଲା। ଆହତ ଥିବାରୁ ଗିଲ ଉଭୟ ଇନିଂସରେ ବ୍ୟାଟିଂ କରି ପାରି ନ ଥିଲେ।

ଏହି ମ୍ୟାଚ୍‌ର ଆଜି ସକାଳେ ଦକ୍ଷିଣ ଆଫ୍ରିକା ତାହାର ଦ୍ୱିତୀୟ ଇନିଂସ ୭ ୱିକେଟରେ ୯୩ ରନ୍‌ରୁ ଖେଳ ଆରମ୍ଭ କରି ୧୫୩ ରନ୍‌ରେ ଆଉଟ ହୋଇଥିଲା। ୨୯ ରନ୍‌ରେ ଅପରାଜିତ ଥିବା ଅଧିନାୟକ ତେମ୍ବା ୧୩୬ ବଲ୍‌ରୁ ଏହି ମ୍ୟାଚ୍‌ରେ ସର୍ବାଧିକ ୫୫ ରନ୍ କରି ଶେଷଯାଏ ଆଉଟ ହୋଇ ନ ଥିଲେ। କିନ୍ତୁ ନଂ-୯ରେ ବ୍ୟାଟିଂ କରିଥିବା କର୍ବିନ ବୋଷ୍ଟଙ୍କ ୨୫ ରନ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ୪ଟି, କୁଲଦୀପ ଯାଦବ ଓ ମହମ୍ମଦ୍ ସିରାଜ ୨ଟି ଲେଖାଏଁ ୱିକେଟ ନେଇଥିଲେ।

ଏହା ଫଳରେ ଏହି ମ୍ୟାଚ୍ ଜିତିବାକୁ ଭାରତ ପାଇଥିବା ୧୨୪ ରନ୍‌ର ଟାର୍ଗେଟ୍‌କୁ ପିଛା କରି ଦ୍ୱିତୀୟ ଇନିଂସରେ ୯୩ ରନ୍ କରିଥିଲା। ନଂ-୩ରେ ବ୍ୟାଟିଂ କରିଥିବା ୱାଶିଂଟନ ସୁନ୍ଦର ୯୨ ବଲ୍ ଖେଳି ସର୍ବାଧିକ ୩୧, ଅକ୍ଷର ପଟେଲ ୨୬, ଜାଡେଜା ୧୮ ଓ ଧ୍ରୁବ ଜୁରେଲ ୧୩ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ସାଇମନ ହାର୍ମର ୨୧ ରନ୍‌ରେ ୪ଟି, ମାର୍କୋ ୟାନ୍‌ସେନ୍ ଓ କେଶବ ମହାରାଜ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**


**ଦକ୍ଷିଣ ଆଫ୍ରିକା**: ୧୫୯ (ମାରକ୍ରମ-୩୧, ବୁମ୍‌ରା-୫/୨୭) ଓ ୧୫୩ (ବଭୁମା-୫୫*, ଜାଡେଜା-୪/୫୦)।
**ଭାରତ**: ୧୮୯ (ରାହୁଲ-୩୯, ସୁନ୍ଦର-୨୯, ହାର୍ମର-୪/୩୦, ୟାନ୍‌ସେନ୍-୩/୩୫) ଓ ୯୩ (ସୁନ୍ଦର-୩୧, ଅକ୍ଷର-୨୬, ଜାଡେଜା-୧୮, ହାର୍ମର-୪/୨୧)।

## ୧୫ ବର୍ଷ ପରେ ଟେଷ୍ଟ ଜିତିଲା ଦ. ଆଫ୍ରିକା



କୋଲକାତା,୧୬।୧୧(ଏଜେନ୍ସି): ଭାରତକୁ ୩୦ ରନ୍‌ରେ ହରାଇ ଦକ୍ଷିଣ ଆଫ୍ରିକା ଭାରତ ମାଟିରେ ଦୀର୍ଘ ୧୫ ବର୍ଷ ପରେ ପ୍ରଥମ ଟେଷ୍ଟ ବିଜୟ ହାସଲ କରିଛି। ୨୦୧୦ରେ ଶେଷଥର ଭାରତ ମାଟିରେ ଦକ୍ଷିଣ ଆଫ୍ରିକା ଟେଷ୍ଟ ଜିତିବା ପରେ ଏଠାରେ ଉଭୟଙ୍କ ମଧ୍ୟରେ ଖେଳାଯାଇଥିବା ମୁକାବିଲାରେ ୬ଷ୍ଠ ବିଜୟ ହାସଲ କରିଛି। ୩୬ ବର୍ଷ ୨୭୯ ଦିନରେ ସ୍ପିନର ସାଇମନ୍ ହାର୍ମର ତୃତୀୟ ବରିଷ୍ଠ ଖେଳାଳି ଭାବେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଏହା ପୂର୍ବରୁ କ୍ଲାଇଭ୍ ଲୟଡ ୧୯୮୩-୮୪ରେ ଓ କିଥ୍ ଫ୍ଲେଚର ୧୯୮୧-୮୨ ଟେଷ୍ଟ ସିରିଜ୍‌ରେ ଭାରତ ବିପକ୍ଷରେ ହାର୍ମରଙ୍କଠାରୁ ଅଧିକ ବୟସରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

### ● ଇଡେନ୍ ପିଚ୍‌କୁ ଗମ୍ଭୀରଙ୍କ ସମର୍ଥନ



ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ କୋଲକାତାର ଇଡେନ ଗାର୍ଡେନରେ ଖେଳାଯାଇଥିବା ପ୍ରଥମ ଟେଷ୍ଟର ପିଚ୍‌କୁ ସମର୍ଥନ ଜଣାଇଛନ୍ତି ଭାରତୀୟ କୋଚ୍ ଗୌତମ ଗମ୍ଭୀର। ଏହି ମ୍ୟାଚ୍ ଅଢ଼େଇ ଦିନରେ ଶେଷ ହୋଇଥିଲା ଓ ମୋଟ ୨୦୬.୨ ଓଭର ଖେଳରେ ଉଭୟ ଦଳ ଦୁଇଥର ଲେଖାଏଁ ଅଲଆଉଟ ହୋଇଥିଲେ। ଏହା ସତ୍ତ୍ୱେ ଗମ୍ଭୀର ଇଡେନ୍ ପିଚ୍‌କୁ ଖରାପ ବୋଲି କହି ନ ଥିଲେ। ବରଂ ଆମେ ଏଭଳି ପିଚ୍‌ରେ ୧୨୪ ରନ୍ କରିବା ସମ୍ଭବ ଥିଲା। ପିଚ୍ ନିର୍ମାତା ସୁଜନ ମୁଖାର୍ଜୀ ଖୁବ୍ ସହଯୋଗ କରିଥିଲେ। ଆମେ ଯେଉଁ ପିଚ୍ ଚାହିଁଥିଲୁ ତାହା ମିଳିଥିଲା। କିନ୍ତୁ ଯେଉଁ ଦଳ ଭଲ ଖେଳିଲା, ସେହି ଦଳ ବିଜୟୀ ହେଲା ବୋଲି ଗମ୍ଭୀର କହିଛନ୍ତି।

### ● ଅପରାଜେୟ ଟେଷ୍ଟ ଅଧିନାୟକ ତେମ୍ବା

ଦକ୍ଷିଣ ଆଫ୍ରିକା ଟେଷ୍ଟ ଦଳର ନେତୃତ୍ୱ ନେବା ପରଠାରୁ ଅଧିନାୟକ ତେମ୍ବା ବଭୁମା ଗୋଟିଏ ହେଲେ ମ୍ୟାଚ୍‌ରେ ହାରି ନାହାନ୍ତି। ତାଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ଦଳ ୧୧ଟି ଟେଷ୍ଟ



ଖେଳି ୧୦ଟିରେ ବିଜୟୀ ହୋଇଛି। ଏହି ୧୦ଟି ମଧ୍ୟରେ ଇଂଲଣ୍ଡର ଲର୍ଡ୍ସର ଅନୁଷ୍ଠିତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ବିଜୟ ସର୍ବଶ୍ରେଷ୍ଠ ବୋଲି ସେ କହନ୍ତି। ସେହିପରି ଭାରତୀୟ ମାଟିରେ ମଧ୍ୟ ଦଳକୁ ସେ ୧୫ ବର୍ଷ ପରେ ଟେଷ୍ଟ ବିଜୟର ସ୍ୱାଦ ଚଖାଇଛନ୍ତି।

### ● ବିଶ୍ୱ ଚାମ୍ପିଅନ ହେଲା ଭଳି ଲାଗିଲା

କୋଲକାତାରେ ଭାରତ ବିପକ୍ଷ ବିଜୟକୁ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ବିଜୟ ସହ ତୁଳନା କରିଛନ୍ତି ଦକ୍ଷିଣ ଆଫ୍ରିକାର କୋଚ୍ ଶୁକରି କନରାଡ। ତାଙ୍କ ମତରେ ଏହି ବିଜୟ ମୋତେ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ ବିଜୟ ଭଳି ଲାଗୁଛି। ୧୫ ବର୍ଷ ପରେ ଭାରତରେ ଟେଷ୍ଟ ଜିତିଥିବାରୁ ଏହା ବୋନସ ମିଳିଲା ଭଳି ଲାଗୁଛି। ଏତିକିରେ ଆମର କାମ ଶେଷ ହୋଇନାହିଁ। ସିରିଜ୍ ବିଜୟୀ ହେବା ପରେ ଆମେ ଭାରତର ଦୁର୍ଗ ଦଖଲ କରିବୁ ବୋଲି ସେ କହିଛନ୍ତି।

### ● ଚତୁର୍ଥ ଇନିଂସରେ ଭାରତର ତୃତୀୟ ସର୍ବନିମ୍ନ ସ୍କୋର

ଏଠାରେ ଭାରତ ଆଗରେ ୧୨୪ ରନ୍‌ର ଟାର୍ଗେଟ ରହିଥିଲା। ଜବାବରେ ଭାରତ ୯୩ ରନ୍ କରିଥିଲା। ଟେଷ୍ଟ ଇତିହାସର ଚତୁର୍ଥ ଇନିଂସରେ ଏହା ଭାରତର ତୃତୀୟ ସର୍ବନିମ୍ନ ସ୍କୋର। ପୂର୍ବରୁ ଦଳ ୧୯୯୭ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୮୧, ୧୯୭୭ ଇଂଲଣ୍ଡ ବିପକ୍ଷରେ ୮୩ ରନ୍ କରିଥିଲା। ଏଠାରେ ୯୩ ରନ୍‌ରେ ଆଉଟ ହେବା ଭାରତର ତୃତୀୟ ସର୍ବନିମ୍ନ ଟେଷ୍ଟ ସ୍କୋର। ୯ମ ଥର ଲାଗି ଭାରତ ଟେଷ୍ଟର ପ୍ରଥମ ଇନିଂସରେ ଅଗ୍ରଣୀ ନେବା ପରେ ପରାଜିତ ହୋଇଛି।

## ଦ୍ୱିତୀୟ ଅନ୍‌ଅଫିସିଆଲ୍ ଦିନିକିଆରେ ଦକ୍ଷିଣ ଆଫ୍ରିକା-ଏ' ପରାସ୍ତ

## ଆଗୁଆ ସିରିଜ୍ କବ୍‌ଜା କଲା ଭାରତ-ଏ

ରାଜକୋଟ, ୧୬।୧୧ (ଏଜେନ୍ସି): ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ ବିପକ୍ଷରେ ଏଠାରେ ରବିବାର ଖେଳାଯାଇଥିବା ଦ୍ୱିତୀୟ ଅନ୍‌ଅଫିସିଆଲ୍ ଦିନିକିଆ ମ୍ୟାଚକୁ ଭାରତ-ଏ ୯ ୱିକେଟ୍‌ରେ ବିଜୟୀ ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା-ଏ ଘରୋଇ ବୋଲର ନିଶାନ୍ତ ସିନ୍ଧୁ ଓ ହର୍ଷିତ ରାଣାଙ୍କ ବୋଲିଂକୁ ସାମ୍ନା କରି ନ ପାରି ୩୦.୩ ଓଭରରେ ୧୩୨ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଓପନର୍ ରିଭାଲ୍ଡୋ ମୁନସାମୀ ସର୍ବାଧିକ ୩୩ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେଲାନୋ ପୋଟଗିଟର ୨୩, ଡିଆନ ଫଷ୍ଟର ୨୨, ଲୁଆନ-ଡି ପ୍ରିଟୋରିୟସ ୨୧ ରନ କରିଥିଲେ। ଭାରତ-ଏ ପକ୍ଷରୁ ନିଶାନ୍ତ (୭-୧-୧୬-୪) ଓ ହର୍ଷିତ (୫-୧-୨୧-୩) ମିଳିତ ଭାବେ ୭ଟି ୱିକେଟ୍ ନେଇଥିଲେ। ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ୨ଟି ଓ ଅଧିନାୟକ ତିଲକ ବର୍ମାଙ୍କ ଗୋଟିଏ ୱିକେଟ୍ ମିଳିଥିଲା। ଜବାବରେ ୧୩୩ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ଦଳ ଓପନର୍ ଋତୁରାଜ ଗାଏକୱାଡଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ୨୭.୫ ଓଭରରେ ଗୋଟିଏ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଋତୁରାଜ ୮୩ ବଲରେ ୬୮ ରନ ଓ ଅଧିନାୟକ ତିଲକ ୬୨ ବଲରେ ଅପରାଜିତ ୨୯ ରନ କରିଥିଲେ। ଅଭିଷେକ ଶର୍ମା ୨୨ ବଲ୍‌ରେ ୩୨ ରନ କରି ଏକମାତ୍ର ବ୍ୟାଟର୍ ଭାବେ ଆଉଟ୍ ହୋଇଥିଲେ। ଗାଏକୱାଡଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପୂର୍ବରୁ ପ୍ରଥମ ଦିନିକିଆକୁ ୪ ୱିକେଟ୍‌ରେ ଜିତିଥିବା ଭାରତ-ଏ ଏଥିସହ ୨-୦ରେ ଆଗୁଆ ସିରିଜ କବ୍‌ଜା କରିନେଇଛି। ଅନ୍ତିମ ତଥା ୩ୟ ମ୍ୟାଚ୍ ନଭେମ୍ବର ୧୯ ରେ ଏଠାରେ ଅନୁଷ୍ଠିତ ହେବ।

## ରଣଜୀ ଟ୍ରଫି: ଓଡ଼ିଶାର ସମ୍ମାନ ରଖିଲେ ବିପ୍ଳବ-ଅନିଲ

ଭୁବନେଶ୍ୱର, ୧୬।୧୧ (ସମିସ):

ଘରୋଇ ଓଡ଼ିଶା ଓ ନାଗାଲାଣ୍ଡ ମଧ୍ୟରେ ରବିବାରଠାରୁ ସ୍ଥାନୀୟ କିଟ୍ କ୍ରିକେଟ୍ ଷ୍ଟାଡିୟମରେ ରଣଜୀ ଟ୍ରଫି ୫ମ ରାଉଣ୍ଡ ମ୍ୟାଚ୍ ଆରମ୍ଭ ହୋଇଛି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୮୯ ଓଭରରେ ୭ ୱିକେଟ୍ ହରାଇ ୨୪୩ ରନ ସଂଗ୍ରହ କରିଛି। ଖେଳ ଶେଷବେଳକୁ ଅନିଲ ପରିଡ଼ା ୯୮ ଓ ରାଜେଶ ମହାନ୍ତି ୨ ରନ କରି ଖେଳୁଛନ୍ତି। ଅନିଲଙ୍କ ସହ ଅଭିଜ୍ଞ ବିପ୍ଳବ ସାମନ୍ତରାୟ ଦମ୍‌ଦାର ଅର୍ଦ୍ଧଶତକୀୟ ଇନିଂସ ଖେଳି ଓଡ଼ିଶାର ସମ୍ମାନ ରଖିଛନ୍ତି। ଚଳିତ ସିଜନରେ ଉଭୟ ବିପ୍ଳବ ଓ ଅନିଲ ପ୍ରଥମ ମ୍ୟାଚ୍ ଖେଳୁଛନ୍ତି। ଗତ ସିଜନରେ ଅନୀଲ ଡେବ୍ୟୁ ମ୍ୟାଚ୍‌ରେ ଅପରାଜିତ ୯୯ ରନର ଇନିଂସ ଖେଳିବା ପରେ ଆଉ ସୁଯୋଗ ପାଇ ନ ଥିଲେ।

### ୩୪/୪: ଓଡ଼ିଶାର ପ୍ରାରମ୍ଭିକ ବିପର୍ଯ୍ୟୟ

ପାଞ୍ଚ ବର୍ଷର ବ୍ୟବଧାନ ପରେ କିଟ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ରଣଜୀ ଲଢ଼େଇରେ ଟସ୍ ଜିତି ଘରୋଇ ଓଡ଼ିଶାର ଅଧିନାୟକ ଶୁଭ୍ରାଂଶୁ ସେନାପତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଶୁଭ୍ରାଂଶୁଙ୍କ ଏହି ନିଷ୍ପତ୍ତି ବୁମେରାଂ ସାବ୍ୟସ୍ତ ହୋଇଥିଲା। ଧୀମା ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ୨୦ ଓଭରବେଳକୁ ମାତ୍ର ୩୪ ରନ ମଧ୍ୟରେ ଦୁଇ ଓପନର୍ ଗୌରବ ଚୌଧୁରୀ (୧୦ ରନ) ଓ ସ୍ୱସ୍ତିକ ସାମଲ (୯)ଙ୍କ ସହ ଶୁଭ୍ରାଂଶୁ (୧୩) ଓ ଗୋବିନ୍ଦ (୦)ଙ୍କ ୱିକେଟ୍ ହରାଇଥିଲା। ଏହି ସମୟରେ ମଧ୍ୟକ୍ରମରେ ଅଭିଜ୍ଞ ବିପ୍ଳବଙ୍କ ସହ ଯୁବ ବ୍ୟାଟର୍ ଅନିଲ ବ୍ୟାଟିଂର ମଙ୍ଗ ସମ୍ଭାଳିଥିଲେ।





ଗତ ସିଜନ ଭଳି ଚଳିତ ବର୍ଷ ମଧ୍ୟ ପ୍ରାରମ୍ଭରୁ ଅଣଦେଖାର ଶିକାର ହୋଇଥିବା ବିପ୍ଳବ ପ୍ରତ୍ୟାବର୍ତ୍ତନ ସୁଯୋଗର ଭରପୁର ଫାଇଦା ଉଠାଇଥିଲେ। ଅନିଲଙ୍କ ସହ ମିଶି ବିପ୍ଳବ ନାଗାଲାଣ୍ଡ ବୋଲରଙ୍କୁ ଧୈର୍ଯ୍ୟର ସହ ମୁକାବିଲା କରି ୫ମ ୱିକେଟ୍‌ରେ ୧୭୯ ରନର ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ଗଢ଼ିଥିଲେ। ଫଳରେ ଦଳୀୟ ସ୍କୋର ୨୦୦ ଶହ ରନ ଅତିକ୍ରମ ହୋଇଥିଲା। ତେବେ ବିପ୍ଳବ ୯୨ ରନ (୧୪୫ ବଲ୍, ୯ ଚୌକା ଓ ୧ ଛକା) କରିଥିବାବେଳେ ନାଗାଲାଣ୍ଡ ବାମହାତୀ ସ୍ପିନର ଲାମଲିୱତି ଲେମତରଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ଶତକରୁ ବଞ୍ଚିତ ହୋଇଥିଲେ। ଏହାପରେ ସମ୍ବିତ ବରାଳ (୧୧ ରନ) ଓ ପଦାର୍ପଣକାରୀ ୱିକେଟ୍‌କିପର ଶାୱନ ପହରିୟା (୧) ନିରାଶ କରିଥିଲେ। ଅନିଲ ଓ ରାଜେଶ ଏହାପରେ ଆଉ କୌଣସି କ୍ଷତି ହେବାକୁ ଦେଇ ନ ଥିଲେ। ନିଜର ୨ୟ ମ୍ୟାଚ୍ ଖେଳୁଥିବା ଅନିଲ ୨୪୯ ବଲରେ ୯ ଚୌକା ଓ ୧ ଛକା ସହ ୯୮ ରନ କରି ଅପରାଜିତ ରହିଛିନ୍ତି। ଗତ ସିଜନରେ ପଦାର୍ପଣରେ ସର୍ଭିସେସ ବିପକ୍ଷରେ ଅପରାଜିତ ୯୯ ରନ କରିଥିଲେ ମଧ୍ୟ ଅନିଲଙ୍କୁ ଚଳିତ ସିଜନ ପ୍ରାରମ୍ଭରୁ ଅଣଦେଖା କରାଯାଇଥିଲା। ଦେବାଶିଷ ମହାନ୍ତିଙ୍କ ପ୍ରଶିକ୍ଷଣରେ ଖେଳୁଥିବା ନାଗାଲାଣ୍ଡର ଅଧିନାୟକ ରଙ୍ଗସେନ ଜୋନାଥନ, ରୋନିତ୍ ମୋରେ ଓ ଲାମଲିୱତି ୨ଟି ଲେଖାଏ ୱିକେଟ୍ ନେଇଛନ୍ତି।

ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ

'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ
ବିତର୍କ ପ୍ରତିଯୋଗିତା ୨୦୨୫
ଭାଷା: ଓଡ଼ିଆ

5th Anniversary

Presented by:
BHARAT MASALA
AN ISO 9001 : 2015 & HACCP CERTIFIED COMPANY
The Taste of New India

In Association with:
CBSE-XI & XII
SRI VINAYAKA Concept School
BHUBANESWAR

ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.

| | | |
|---|---|---|
| ବଲାଙ୍ଗିର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଗାନ୍ଧୀନଗରପଡ଼ା, ବଲାଙ୍ଗିର | ଅଭିଳାଷ ହୋତା - ୭୦୦୮୦୮୪୫୪୭ |
| ଦେବଗଡ଼ | ଅପ୍ରାଇଜ ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଟ, ପୁରୁଣାଗଡ଼, ଦେବଗଡ଼ | ବ୍ରିଜେଶ ସାହୁ - ୭୮୪୭୦୨୩୩୦୩ |
| କଳାହାଣ୍ଡି | ପିଏମ୍ ଶ୍ରୀ ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ଭବାନୀପାଟଣା, କଳାହାଣ୍ଡି | ସ୍ୱାଧୀନ ପାତ୍ର - ୯୪୩୭୨୨୨୯୨୨ |
| ନୂଆପଡ଼ା | ନ୍ୟାସନାଲ ହାଇସ୍କୁଲ ନୂଆପଡ଼ା | ଘନଶ୍ୟାମ ଭୋଇ - ୯୪୩୭୬୯୨୧୩୨ |
| ସମ୍ବଲପୁର | ଗୁରୁନାନକ ପବ୍ଲିକ ସ୍କୁଲ, ସମ୍ବଲପୁର | ସୁକାନ୍ତ କର - ୯୪୩୭୨୪୯୧୬୬ |
| ଝାରସୁଗୁଡ଼ା | PKSS କଲେଜ, ଝାରସୁଗୁଡ଼ା | ଦୁଲେଶ୍ୱରୀ ପ୍ରଧାନ - ୯୭୭୭୩୪୩୬୯୩ |
| ବୌଦ୍ଧ | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବୌଦ୍ଧ | ବବୁଲ ପାଢ଼ୀ - ୯୪୩୭୫୨୯୪୫୦ |
| ବରଗଡ଼ | ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ବରଗଡ଼ | ସରୋଜ ଷଡଙ୍ଗୀ - ୯୪୩୭ ୦୬୧୩୩୦ |
| ରାଉରକେଲା | ରାଉରକେଲା ମୁନିସିପାଲ ମହାବିଦ୍ୟାଳୟର ଅଡିଟୋରିୟମ୍ ଉଦିତନଗର, ରାଉରକେଲା - ୭୬୯୦୦୭ | ଦେବବ୍ରତ ପଟ୍ଟନାୟକ - ୯୪୩୭୦୮୨୭୭୭ |

୨୩ ନଭେମ୍ବର ୨୦୨୫ । ରବିବାର

ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ

ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।
ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ।

ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS